ଧରିତ୍ରୀ 50 Years
DHARITRI
ଭୁବନେଶ୍ୱର, ରବିବାର, ଡିସେମ୍ବର ୧୦/୨୦୨୩ (୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, December 10/2023 Page 16 ₹ 7.00 | RAYAGADA
୫୦ଶ ଭାଗ ୧୭ ସଂଖ୍ୟା www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul VOLUME 50 ISSUE 17 ମୂଲ୍ୟ₹୭/-

# ଟଙ୍କା ବ୍ୟାଗ୍‌ରେ ‘ଇନ୍ସପେକ୍ଟର ତିୱାରୀ’

**ବଲାଙ୍ଗୀର, ୯।୧୨ (ବୀରେନ୍ଦ୍ର କୁମାର ଝାଙ୍କର)**

ମଦ ସାମ୍ରାଜ୍ୟ ଉପରେ ଆୟକର (ଆଇଟି) ବିଭାଗ ପକ୍ଷରୁ ଶନିବାର ଚତୁର୍ଥ ଦିନ ଧରି ମାରାଥନ୍ ଚଢ଼ାଉ ଜାରିରହିଛି। ବଲାଙ୍ଗୀର ସୁଦପଡ଼ା ମଦଭାଟିରୁ ଜବତ ଏକ ପଲିଥିନ୍ ପ୍ୟାକେଟ୍‌ରେ ୫ ଲକ୍ଷ ଟଙ୍କା ରହିଛି। ଉକ୍ତ ବ୍ୟାଗ୍‌ରେ ‘ଇନ୍ସପେକ୍ଟର ତିୱାରୀ’ ଲେଖାହୋଇଥିବା ପ୍ରଘଟ ହେବା ପରେ ଏହା ଚର୍ଚ୍ଚାର ବିଷୟ ପାଲଟିଛି। ତିୱାରୀ ବାସ୍ତବରେ କେଉଁ ବିଭାଗର ଇନ୍ସପେକ୍ଟର ତାହା ସ୍ପଷ୍ଟ ହୋଇ ନ ଥିବାରୁ ବାବୁ ଜଣକ କିଏ ଏବଂ ସୁଦପଡ଼ା ମଦଭାଟି ସହ ତାଙ୍କର କ’ଣ ସମ୍ପର୍କ ରହିଛି, ତାକୁ ନେଇ ସାଧାରଣରେ ପ୍ରଶ୍ନ ହେଉଛି। କିଛିବର୍ଷ ତଳେ ଅବକାରୀ ବିଭାଗରେ ଉପ ଅଧୀକ୍ଷକ ର୍‍ୟାଙ୍କର ଜଣେ ତିୱାରୀ ବାବୁ ଥିଲେ। ତେବେ ସେ ଜିଲାରୁ କେବେଠୁ ଅନ୍ୟତ୍ର ବଦଳି ହୋଇଯାଇଛନ୍ତି। ଏହାବାଦ୍ ତିୱାରୀ ସାଙ୍ଗିଆଧାରୀ ଜଣେ ପୋଲିସ ବାବୁ ମଧ୍ୟ ଚର୍ଚ୍ଚାରେ ରହିଛନ୍ତି।

ବଲାଙ୍ଗୀର ମଦଭାଟିରୁ ଅନେକ ଶହ କୋଟି ଟଙ୍କା ଜବତ ଘଟଣା କେବଳ ରାଜ୍ୟ ନୁହେଁ, ସାରା ଦେଶରେ ହଇଚଇ ସୃଷ୍ଟି କରିଛି। ରାଜନେତା, ପଦାଧିକାରୀମାନେ ମଧ୍ୟ ନାନା ମନ୍ତବ୍ୟ ଦେଉଛନ୍ତି। ଏତେ ମାତ୍ରାରେ ଜବତ ଟଙ୍କା କାହାର ଏବଂ କେଉଁ ଉଦ୍ଦେଶ୍ୟରେ ମଦଭାଟିରେ ଗଚ୍ଛିତ ରହିଥିଲା, ତାହା ଏଯାଏ ସ୍ପଷ୍ଟ ହୋଇନାହିଁ। ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ)ର ବଲାଙ୍ଗୀରସ୍ଥିତ କ୍ଷେତ୍ରୀୟ ବ୍ୟବସାୟିକ କାର୍ଯ୍ୟାଳୟର ପରିଚାଳକ ଭଗତ ବେହେରା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ଯେ, ବଲାଙ୍ଗୀର ଏସ୍‌ବିଆଇ ଶାଖାକୁ ଆଇଟି ବିଭାଗ ବିଭିନ୍ନ ସ୍ଥାନରୁ ଟଙ୍କାଭର୍ତ୍ତି ୧୭୬ଟି ବ୍ୟାଗ୍ ଆଣି ପହଞ୍ଚାଇଥିଲା। ଶନିବାର ପୂର୍ବାହ୍ନ ୧୦ଟାରୁ ୫୦ଟି ମେଶିନରେ ୫୦ ଜଣ କର୍ମଚାରୀ ଟଙ୍କା ଗଣିବା



ବଲାଙ୍ଗୀର ଏସ୍‌ବିଆଇ ମୁଖ୍ୟ ଶାଖାରେ ଆୟକର ବିଭାଗ ପକ୍ଷରୁ ଜବତ ଟଙ୍କା ଗଦା ହୋଇଛି।

ଆରମ୍ଭ କରିଥିଲେ। ସନ୍ଧ୍ୟା ସୁଦ୍ଧା ସେଥିରୁ ୧୦୨ଟି ବ୍ୟାଗ୍‌ର ଟଙ୍କା ଗଣତି ସାରିଛି। ତେବେ ଗଣତି ହୋଇଥିବା ଟଙ୍କାର ପରିମାଣ କେତେ ତାହା ବେହେରା କହି ନ ଥିବାବେଳେ ଏହା ୧୦୦ କୋଟି ଟପିଯାଇଥିବା କୁହାଯାଉଛି।

ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ୪୦ଟି ବ୍ୟାଗ୍‌ରୁ ୪୬ କୋଟି ଟଙ୍କା ଗଣତି ହୋଇପାରିଥିଲା। ରାତିରେ ଆୟକର ବିଭାଗ ମଦଭାଟି ମ୍ୟାନେଜର ବଣ୍ଟି ସାହୁଙ୍କ ସୁଦପଡ଼ା ଭଡାଘରେ ଚଢ଼ାଉ କରିବାରୁ ୧୯ଟି ବ୍ୟାଗ ଭର୍ତ୍ତି ଟଙ୍କା ମିଳିଥିଲା। ଏହା ୫୦ କୋଟି ଟଙ୍କା ହୋଇଥିବା ଅନୁମାନ କରାଯାଇଥିଲା। ପୂର୍ବରୁ ୧୫୭ଟି ବ୍ୟାଗ୍ ଟଙ୍କା ଜବତ କରାଯାଇଥିଲା। ବ୍ୟାଙ୍କ କ୍ଷେତ୍ରୀୟ ପରିଚାଳକ ବେହେରା କହିଛନ୍ତି ଯେ, ଏବେବି ତାଙ୍କ ପାଖରେ ୭୪ଟି ବ୍ୟାଗ୍‌ରେ ଟଙ୍କା ଗଣତି ପାଇଁ ରହିଛି। ରବିବାର ସେଗୁଡ଼ିକୁ ଗଣାଯିବ। ଶନିବାର ଓ ରବିବାର ବ୍ୟାଙ୍କ ଛୁଟି ଥିବାରୁ ଟଙ୍କା ଗଣତି କାର୍ଯ୍ୟ ତ୍ୱରାନ୍ୱିତ କରାଯାଇଥିଲା। ବଲାଙ୍ଗୀର ଆଖପାଖ ଚୁଡାପାଲି, ପାଟଣାଗଡ଼, ଲୋଇସିଂହା ଓ ଅନ୍ୟ ବ୍ୟାଙ୍କରେ ଥିବା ପ୍ରାୟ ୫୦ଟି ଟଙ୍କା ଗଣତି ମେଶିନ ବଲାଙ୍ଗୀର ଏସ୍‌ବିଆଇ ମୁଖ୍ୟ ଶାଖାକୁ ଅଣାଯାଇଥିଲା।

ଶନିବାର ବ୍ୟାଙ୍କ ପରିସରରୁ କଡ଼ା ସୁରକ୍ଷା ଭିତରେ ଭାଟି ମ୍ୟାନେଜର ବଣ୍ଟି ସାହୁଙ୍କୁ ପୁଣି ଥରେ ସୁଦପଡ଼ା ଭାଟି ଓ ତାଙ୍କ ଭଡ଼ାଘରକୁ ନିଆଯାଇଥିଲା। ସେଠାରେ ତାଙ୍କୁ ମାରାଥନ୍ ଜେରା କରି ଆଉ କେଉଁଠି ଟଙ୍କା ରହିଛି କହିବାକୁ କୁହାଯାଇଥିଲା। ମିଳିଥିବା ସୂଚନା ମୁତାବକ ସୁଦପଡ଼ା ଭାଟିରେ ଥିବା ଏକ ଲକରକୁ ଶନିବାର ଆୟକର ବିଭାଗ ଖୋଲିବାକୁ ଚେଷ୍ଟା କରିଥିଲା। ଲକରରେ କେବଳ ଟଙ୍କା ରହିଛି ନା ସୁନାରୁପା ରହିଛି ତାହା ସ୍ପଷ୍ଟ ହେଉନାହିଁ। ଅପରାହ୍ଣରେ ବଲାଙ୍ଗୀର ଅବକାରୀ ଅଧୀକ୍ଷକ ସୀତାକାନ୍ତ ମୁଦୁଲି ସୁଦପଡ଼ା ମଦଭାଟିକୁ ଯାଇଥିଲେ। ଭାଟିରେ କେତେ ପରିମାଣର ମଦ ତିଆରି କରିବା କ୍ଷମତା ରହିଛି, କେତେ ମହୁଲ ରଖିପାରିବା ଅନୁମତି ରହିଛି, କେତେ ପରିମାଣର ମହୁଲରୁ କେତେ ପରିମାଣ ମଦ ତିଆରି ହୁଏ ଏବଂ ଏହାର ମୂଲ୍ୟ କେତେ ତାକୁ ନେଇ ଆୟକର ବିଭାଗ ଅଧିକାରୀମାନେ ଅବକାରୀ ଅଧୀକ୍ଷକଙ୍କଠାରୁ ସୂଚନା ମାଗିଥିଲେ। ସବୁତକ ସୂଚନା ଦେବା ପରେ ଅଧୀକ୍ଷକ ସେଠାରୁ ଆସିଥିଲେ।

ଅନ୍ୟପକ୍ଷରେ ଆୟକର ବିଭାଗ ପକ୍ଷରୁ ଶନିବାର ଟିଟିଲାଗଡ଼ ମଦଭାଟିରେ ପୁଣି ଥରେ ଚଢ଼ାଉ କରାଯାଇଛି। ସେଠାରେ ବାସ୍ତବରେ କେତେ ଟଙ୍କା ମିଳିଛି ଜଣାପଡୁନାହିଁ। ମଦ ବ୍ୟବସାୟୀ ସଞ୍ଜୟ ସାହୁ ଓ ଦୀପକ ସାହୁଙ୍କ ପତ୍ତା ମିଳୁ ନ ଥିବାରୁ ସେମାନେ ଫେରାର ହୋଇଥିବା ଚର୍ଚ୍ଚା ହେଉଛି। ଟଙ୍କା ଯାଞ୍ଚ କରିବାକୁ ହାଇଦ୍ରାବାଦ୍‌ରୁ ଏକ ବିଶେଷଜ୍ଞ ଦଳ ବଲାଙ୍ଗୀର ଆସୁଥିବା କୁହାଯାଉଛି। ସିଆଇଏସ୍‌ଏଫ୍‌ର ୪୦ ଜଣ ସୁରକ୍ଷା କର୍ମଚାରୀ ଏହି ଅଭିଯାନରେ ସାମିଲ ହୋଇ ବ୍ୟାଙ୍କ ଓ ମଦଭାଟି ଜଗିଛନ୍ତି।

# କାଶ୍‌ଭି ଗୌତମ ସବୁଠୁ ମହଙ୍ଗା

## ଓମେନ୍ସ ପ୍ରିମିୟର ଲିଗ୍



**ମୁମ୍ବାଇ,୯।୧୨**

ଓମେନ୍ସ ପ୍ରିମିୟର ଲିଗ୍(ଡବ୍ଲ୍ୟୁପିଏଲ୍)ର ଦ୍ୱିତୀୟ ସଂସ୍କରଣ ପାଇଁ ନିଲାମୀ ଶନିବାର ଅନୁଷ୍ଠିତ ହୋଇଛି। ଅନେକ ଅଭିଜ୍ଞ ଖେଳାଳିଙ୍କୁ ନେବା ପାଇଁ ଫ୍ରାଞ୍ଚାଇଜଗୁଡ଼ିକ ଆଗ୍ରହ ପ୍ରକାଶ କରି ନ ଥିବା ବେଳେ ଏଥିରେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରି ୨ କୋଟି ଟଙ୍କା ମୂଲ୍ୟରେ ବିକ୍ରି ହୋଇଛନ୍ତି ଅନକ୍ୟାପ୍‌ଡ ଭାରତୀୟ ଖେଳାଳି କାଶ୍‌ଭି ଗୌତମ। ଏହା ସହିତ ସେ ଚଳିତ ସିଜନର ସବୁଠୁ ମହଙ୍ଗା ଭାରତୀୟ ଖେଳାଳି ରହିଛନ୍ତି। ବିଦେଶୀ ଖେଳାଳିଙ୍କ ମଧ୍ୟରେ ଆନାବେଲ ସଦରଲାଣ୍ଡଙ୍କୁ ସମାନ ୨ କୋଟି ମୂଲ୍ୟରେ କ୍ରୟ କରିଛି ଦିଲ୍ଲୀ କ୍ୟାପିଟାଲ୍ସ। ଚଣ୍ଡୀଗଡ ପକ୍ଷରୁ ଖେଳୁଥିବା ୨୦ବର୍ଷୀୟ କାଶ୍‌ଭିଙ୍କୁ ଗୁଜରାଟ ଜାଏଣ୍ଟ୍ସ ପକ୍ଷରୁ ଚୁକ୍ତି କରାଯାଇଛି। ୨୦୨୦ ମସିହାରେ ଗୋଟିଏ ଇନିଂସରେ ୧୦ ଉଇକେଟ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଆଖି ବୁଜିଦେଇଛୁ

# ରାଜ୍ୟରେ କମୁଛି ଶିଶୁ ଜନ୍ମ ହାର

**ଭୁବନେଶ୍ୱର, ୯।୧୨ (ଅସମାପିକା ସାହୁ)**

ରାଜ୍ୟରେ ଶିଶୁଙ୍କ ସଂଖ୍ୟା କମିବାରେ ଲାଗିଛି। ଇଣ୍ଡିଆ ପ୍ରୋଜେକ୍ସନ ରିପୋର୍ଟ ଅନୁସାରେ, ୨୦୨୧ରେ ଓଡ଼ିଶାରେ ପ୍ରଜନନ ବର୍ଗ(୧୫-୪୯ ବର୍ଷ ବୟସ)ରେ ୧.୨ କୋଟି ମହିଳା ଥିବାବେଳେ ୪୦ ଲକ୍ଷ ଶିଶୁ(୫ବର୍ଷରୁ କମ୍) ରହିଛନ୍ତି। ପୂର୍ବ ହିସାବକୁ ଦେଖିଲେ ରାଜ୍ୟରେ ଶିଶୁ ଜନ୍ମ ହାର କମୁଛି। ୨୦୧୫-୧୬ରେ ପ୍ରତି ଜଣେ ମହିଳାଙ୍କ ହାରାହାରି ୨ଜଣ ପିଲା ରହୁଥିବାବେଳେ ୨୦୧୯-୨୧ରେ ଏହି ହାର ୧.୮କୁ ଖସିଆସିଛି। ସେହିପରି ରାଜ୍ୟରେ ୨୦୧୧-୧୩ରେ ପ୍ରତି ଲକ୍ଷେ ଶିଶୁ ଜନ୍ମରେ ୨୨୨ ମାତୃ ମୃତ୍ୟୁ ହାର ଥିବାବେଳେ ୨୦୧୮-୧୯ରେ ୧୧୯ ରହିଥିଲା। ଯଦିଓ ଓଡ଼ିଶାରେ ମାତୃ ମୃତ୍ୟୁ ହାର କମିଛି ତଥାପି ଏହା ଦେଶ ତୁଳନାରେ ଅଧିକ ରହିଛି। ଜାତୀୟ ହାର ୯୭ ରହିଥିବା ବେଳେ ଓଡ଼ିଶାରେ ୧୧୯ ରହିଛି। ଏପରି କି ଓଡ଼ିଶାରେ ଏବେ ବି କିଛି ଆଦିବାସୀ ବହୁଳ ଅଞ୍ଚଳରେ ମାତୃ ମୃତ୍ୟୁହାର ଅଧିକ ରହିଥିବା ଦେଖାଯାଇଛି। ସମ୍ବଲପୁର, ନୂଆପଡ଼ା, କନ୍ଧମାଳ, ମାଲକାନଗିରି ଏବଂ କୋରାପୁଟରେ ଏବେ ବି ମାତୃ ମୃତ୍ୟୁ ହାର ୨୦୦ ଉପରେ ରହିଛି। ଭାରତର ଗଣନାର ଟେକ୍ନିକାଲ ଗ୍ରୁପ୍ ପ୍ରୋଜେକ୍ସନ ରିପୋର୍ଟ ଅନୁସାରେ ୨୦୧୧ରେ ଶିଶୁ(୦ରୁ ୪ବର୍ଷ)ଙ୍କ ସଂଖ୍ୟା ୮.୭% ଥିବାବେଳେ ୨୦୨୧ରେ ଏହା ୭.୬%କୁ ଖସିଛି। ୨୦୩୬ ବେଳକୁ ତାହା ୬%କୁ ଖସି ଆସିବ ବୋଲି ଆକଳନ କରାଯାଇଛି। ☞ପୃଷ୍ଠା-୪

# ଓଡ଼ିଶାରେ ୧୧,୯୪୦ ପୋକ୍ସୋ ମାମଲା

## ଦେଶର ଫାଷ୍ଟ-ଟ୍ରାକ୍ କୋର୍ଟରେ ୨.୪୩ ଲକ୍ଷ ବିଚାରାଧୀନ

**ନୂଆଦିଲ୍ଲୀ,୯।୧୨**

ପ୍ରତି ପିଲାଙ୍କୁ ନ୍ୟାୟ ପ୍ରଦାନ ଲାଗି ଦୃଢ଼ ନୀତି ପ୍ରଣୟନ କରାଯିବା ସହ ପର୍ଯ୍ୟାପ୍ତ ଅର୍ଥ ମଞ୍ଜୁର କରାଯାଉଥିବା ନେଇ କେନ୍ଦ୍ର ସରକାର ଦାବି କରିଆସୁଥିବାବେଳେ କ୍ୱଚିତ ପିଲାଙ୍କୁ ଛାଡ଼ିଦେଲେ ଲକ୍ଷ ଲକ୍ଷ ପିଲା ନ୍ୟାୟ ପାଇବାରୁ ବଞ୍ଚିତ ହୋଇଛନ୍ତି। ଦେଶର ଫାଷ୍ଟ-ଟ୍ରାକ୍ ସ୍ପେଶାଲ କୋର୍ଟ (ଏଫ୍‌ଟିଏସ୍‌ସି)ଗୁଡ଼ିକରେ ଚଳିତ ବର୍ଷ ଜାନୁୟାରୀ ୩୧ ସୁଦ୍ଧା ୨.୪୩ ଲକ୍ଷରୁ ଊର୍ଦ୍ଧ୍ୱ ପୋକ୍ସୋ ମାମଲା ବିଚାର ଅପେକ୍ଷାରେ ପଡ଼ିରହିଛି। ଏକ ଏନ୍‌ଜିଓ ପକ୍ଷରୁ ପ୍ରକାଶିତ ଗବେଷଣା ସନ୍ଦର୍ଭରୁ ଏହା ଜଣାପଡ଼ିଛି। ଓଡ଼ିଶାରେ ବିଚାରାଧୀନ ଥିବା ପୋକ୍ସୋ ମାମଲା ସଂଖ୍ୟା ୧୧,୯୪୦ ଥିବାବେଳେ ଏହା ତାଲିକାର ୧୫ତମ ସ୍ଥାନରେ ରହିଛି। ତଥ୍ୟ ଅନୁଯାୟୀ ଉତ୍ତରପ୍ରଦେଶରେ ସର୍ବାଧିକ ୬୭,୧୫୩ ଶିଶୁ ଯୌନ ଅପରାଧ ସୁରକ୍ଷା (ପୋକ୍ସୋ) ମାମଲା ବିଚାର ଅପେକ୍ଷାରେ ରହିଛି। ଏହା ପଛକୁ ମହାରାଷ୍ଟ୍ରର ଫାଷ୍ଟ-ଟ୍ରାକ୍ କୋର୍ଟଗୁଡ଼ିକରେ ୩୩,୦୭୨ ମାମଲା ପଡ଼ିଥିବାବେଳେ ପଶ୍ଚିମବଙ୍ଗରେ ୨୨,୧୬୪, ବିହାରରେ ୧୫,୫୯୪ ମାମଲା ବିଚାରାଧୀନ ଥିବା ଉକ୍ତ ରିପୋର୍ଟରୁ ଜଣାପଡ଼ିଛି।

୨୦୨୨ରେ ସାରା ଦେଶରେ ମାତ୍ର ୩ ପ୍ରତିଶତ ପୋକ୍ସୋ ମାମଲାର ବିଚାର ଶେଷ ହୋଇଥିଲା। ଇଣ୍ଡିଆ ଚାଇଲ୍ଡ ପ୍ରୋଟେକ୍ସନ ଫଣ୍ଡ(ଆଇସିପିଏଫ୍) ପକ୍ଷରୁ ପ୍ରକାଶିତ ଗବେଷଣାତ୍ମକ ସନ୍ଦର୍ଭ ‘ଜଷ୍ଟିସ୍ ଆୱେଟ୍‌ସ: ଆନ୍ ଆନାଲିସିସ୍ ଅଫ୍ ଦି ଏଫିକେସି ଅଫ୍ ଜଷ୍ଟିସ୍ ଡେଲିଭରି ମେକାନିଜମ୍‌ସ ଇନ୍ କେସେସ୍ ଅଫ୍ ଚାଇଲ୍ଡ ସେକ୍ସୁଆଲ୍ ଆବ୍ୟୁଜ୍ ଇନ୍ ଇଣ୍ଡିଆ’ରେ କୁହଯାଇଛି, ଯଦି କୌଣସି ନୂଆ ମାମଲା ତାଲିକାରେ ଯୋଡ଼ା ନ ଯାଏ ତେବେ ଏହି ସମସ୍ତ ବକେୟା ମାମଲାକୁ ଫଇସଲା କରିବା ପାଇଁ ଅନ୍ୟୁନ ୯ ବର୍ଷ ଲାଗିଯିବ। ତେବେ ଅରୁଣାଚଳପ୍ରଦେଶ, ବିହାର ଭଳି କେତେକ ରାଜ୍ୟରେ ଏତେ ସଂଖ୍ୟାରେ ପୋକ୍ସୋ ମାମଲା ପଡ଼ିରହିଛି, ଯାହାକୁ କ୍ଲିୟର କରିବା ପାଇଁ ୨୫ ବର୍ଷରୁ ଅଧିକ ସମୟ ଲାଗିବ। ଉକ୍ତ ରିପୋର୍ଟ ଦେଶର ନ୍ୟାୟ ବ୍ୟବସ୍ଥାର ସାମର୍ଥ୍ୟ ଉପରେ ବଡ଼ ପ୍ରଶ୍ନବାଚୀ ଲଗାଇଛି।

ପୋକ୍ସୋ ମାମଲାଗୁଡ଼ିକର ବିଚାର ବିଳମ୍ବ ହେବା ପାଇଁ ୩ଟି ମୁଖ୍ୟ କାରଣ ଦାୟୀ ବୋଲି ଓଡ଼ିଶା ହାଇକୋର୍ଟର ଆଇନଜୀବୀ ସାଗର ପାଣିଗ୍ରାହୀ କହିଛନ୍ତି। ପ୍ରଥମଃ କାରଣ ହେଲା ଫାଷ୍ଟ-ଟ୍ରାକ୍ କୋର୍ଟଗୁଡ଼ିକୁ ଅନ୍ୟାନ୍ୟ ମାମଲାଗୁଡ଼ିକର ମଧ୍ୟ ବିଚାର କରିବାକୁ ଦାୟିତ୍ୱ ଦିଆଯାଇଛି। ଦ୍ୱିତୀୟରେ ଅଧିକାଂଶ ମାମଲାରେ ଅପରାଧୀ ହେଉଛନ୍ତି ଅଭିଯୋଗ ପକ୍ଷ। ତେଣୁ ଚାର୍ଜଶିଟ୍ ଦାଖଲ ସମୟରେ ଆବଶ୍ୟକ ତତ୍ପରତା ପ୍ରକାଶ ପାଉନାହିଁ। ତୃତୀୟରେ କୋଭିଡ୍ ମହାମାରୀ ସମୟରେ ସାଇବର ସମ୍ପର୍କିତ ପୋକ୍ସୋ ମାମଲା ଯଥେଷ୍ଟ ବୃଦ୍ଧି ପାଇଥିଲା।

ଶିଶୁ ଯୌନ ଉତ୍ପୀଡ଼ନର ପୀଡ଼ିତମାନଙ୍କୁ ନ୍ୟାୟ ପ୍ରଦାନ ଲାଗି କେନ୍ଦ୍ର ସରକାର ଫାଷ୍ଟ-ଟ୍ରାକ୍ କୋର୍ଟ ଖୋଲିବା ଲାଗି ୨୦୧୯ରେ ଐତିହାସିକ ନିଷ୍ପତ୍ତି ନେଇଥିଲେ। ପ୍ରତି ପିଲାଙ୍କୁ ନ୍ୟାୟ ପ୍ରଦାନ ଲାଗି ସରକାର ପ୍ରତିବର୍ଷ କୋଟି କୋଟି ଟଙ୍କା ମଞ୍ଜୁର କରିବା ସତ୍ତ୍ୱେ ସେମାନଙ୍କ ପାଇଁ ନ୍ୟାୟ ସ୍ୱପ୍ନ ପାଲଟିଛି। ଗତ ଜାନୁୟାରୀ ସୁଦ୍ଧା ଅରୁଣାଚଳପ୍ରଦେଶରେ ଯେତିକି ପୋକ୍ସୋ ମାମଲା ବିଚାରାଧୀନ ରହିଛି, ସେଗୁଡ଼ିକର ବିଚାର ଶେଷ କରିବାକୁ ଅନ୍ୟୁନ ୩୦ ବର୍ଷ ଲାଗିଯିବ। ସେହିପରି ଦିଲ୍ଲୀରେ ୨୭ ବର୍ଷ, ପଶ୍ଚିମବଙ୍ଗରେ ୨୫ ବର୍ଷ, ମେଘାଳୟରେ ୨୧ ବର୍ଷ, ବିହାରରେ ୨୬ ବର୍ଷ ଏବଂ ଉତ୍ତରପ୍ରଦେଶରେ ଏଥିପାଇଁ ୨୨ ବର୍ଷ ଲାଗିବ ବୋଲି ସନ୍ଦର୍ଭରେ କୁହାଯାଇଛି। ୨୦୧୯ରେ ଫାଷ୍ଟ-ଟ୍ରାକ୍ କୋର୍ଟ ପ୍ରତିଷ୍ଠା ହେବା ପରେ ଅଦ୍ୟାବଧି ମୋଟ ☞ପୃଷ୍ଠା-୪

# କଇଁଛ ପାଇଁ କ୍ଷେପଣାସ୍ତ୍ର ପରୀକ୍ଷା ବନ୍ଦ

**ଭୁବନେଶ୍ୱର, ୯।୧୨ (ଅସମାପିକା ସାହୁ)**



ଅଲିଭ ରିଡ୍‌ଲେ କଇଁଛଙ୍କ ସୁରକ୍ଷା ପାଇଁ ବାଲେଶ୍ୱର ଚାନ୍ଦିପୁରସ୍ଥିତ ଇଣ୍ଟିଗ୍ରେଟେଡ୍ ଟେଷ୍ଟ ରେଞ୍ଜ(ଆଇଟିଆର୍)ରୁ ୩ ମାସ ମିସାଇଲ ବା କ୍ଷେପଣାସ୍ତ୍ର ପରୀକ୍ଷଣ ବନ୍ଦ ରହିବ। ଲକ୍ଷାଧିକ ଅଲିଭ ରିଡ୍‌ଲେ କଇଁଛ ସେମାନଙ୍କ ବଂଶ ବୃଦ୍ଧି ପାଇଁ ଓଡ଼ିଶା ଉପକୂଳକୁ ବାଛିଥାନ୍ତି। ଏମାନଙ୍କ ସୁରକ୍ଷା ପାଇଁ ବାଲେଶ୍ୱରରୁ କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁରରୁ ଗଞ୍ଜାମ ଯାଏ ସମୁଦ୍ରକୂଳରେ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ମତ୍ସ୍ୟଜୀବୀମାନଙ୍କୁ ମାଛଧରା ପାଇଁ ବାରଣ କରାଯାଇଥିବାବେଳେ ସେମାନଙ୍କ ଜୀବନଜୀବିକା ଲାଗି ବିକଳ୍ପ ବ୍ୟବସ୍ଥା ଗ୍ରହଣ କରାଯାଇଛି। ତେଣୁ ଚାନ୍ଦିପୁର ଅବଦୁଲ କଲାମ ଦ୍ୱୀପରେ ଜାନୁୟାରୀରୁ ମାର୍ଚ୍ଚ ଯାଏ କ୍ଷେପଣାସ୍ତ୍ର ପରୀକ୍ଷଣ ବନ୍ଦ ରଖିବାକୁ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ଜେନା ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କରେ ପିସିସିଏଫ୍(ବନ୍ୟପ୍ରାଣୀ) ସୁଶାନ୍ତ ନନ୍ଦ କହିଛନ୍ତି, ଅବଦୁଲ କଲାମ ଦ୍ୱୀପ ନିକଟରେ ଅଲିଭ ରିଡ୍‌ଲେ କଇଁଛଙ୍କ ଅଣ୍ଡାଦାନ ସ୍ଥାନ। କ୍ଷେପଣାସ୍ତ୍ର ପରୀକ୍ଷଣ ବେଳେ ଶକ୍ତିଶାଳୀ ଆଲୋକ ଏବଂ ଭୟଙ୍କର ଶବ୍ଦ ହୋଇଥାଏ। ଫଳରେ କଇଁଛମାନେ ଅସୁବିଧାର ସମ୍ମୁଖୀନ ହେବେ। ତେଣୁ ସେଠାରେ ପରୀକ୍ଷଣ ବନ୍ଦ କରିବା ପାଇଁ କୁହାଯାଇଛି। ସେହିଭଳି ଜଙ୍ଗଲ ବିଭାଗ ପକ୍ଷରୁ ସତର୍କ ଓ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବା ସହ ସମୁଦ୍ର କୂଳରେ ଲୋକଙ୍କ ଅଯଥା ଚଳପ୍ରଚଳ ଉପରେ ରୋକ୍ ଲଗାଯାଇଛି।

ସୂଚନାଯୋଗ୍ୟ, ବିଶ୍ୱରେ ଅଲିଭ ରିଡ୍‌ଲେଙ୍କ ସଂଖ୍ୟା ଦିନକୁ ଦିନ କମୁଥିବା ବେଳେ ଓଡ଼ିଶା ଉପକୂଳରେ ଏମାନେ ଲକ୍ଷ ଲକ୍ଷ ସଂଖ୍ୟାରେ ଆସି ଅଣ୍ଡାଦାନ କରିଥାନ୍ତି। ଗଞ୍ଜାମ ଜିଲାର ଋଷିକୁଲ୍ୟା ମୁହାଣ ଅଲିଭ ରିଡ୍‌ଲେ କଇଁଛ ପ୍ରଜନନ ପାଇଁ ସର୍ବୋତ୍କୃଷ୍ଟ ସ୍ଥାନ ହୋଇଥିବା ବେଳେ କେନ୍ଦ୍ରାପଡ଼ାର ଗହୀରମଥା ସବୁଠୁ ନିରାପଦ ସ୍ଥାନ। ନଭେମ୍ବରରୁ ମାର୍ଚ୍ଚ ମଧ୍ୟରେ ଲକ୍ଷାଧିକ ଅଲିଭ ରିଡ୍‌ଲେ କଇଁଛ ଓଡ଼ିଶା ଉପକୂଳକୁ ଅଣ୍ଡାଦାନ ପାଇଁ ଆସିଥାନ୍ତି। ଜାନୁୟାରୀରୁ ମେ’ ଯାଏ ଅଣ୍ଡାଦାନ ପ୍ରକ୍ରିୟା ଚାଲିଥାଏ। ତେଣୁ ଏହି ପ୍ରକ୍ରିୟା ଯେପରି ବାଧାପ୍ରାପ୍ତ ନ ହେବ, ସେଥିପାଇଁ ଜଙ୍ଗଲ ବିଭାଗ ତତ୍ପରତା ଦେଖାଇଛି। ଏଥିସହ ବିଲୁପ୍ତ ପ୍ରାୟ ଏହି ଅଲିଭ ରିଡ୍‌ଲେ କଇଁଛଙ୍କ ସୁରକ୍ଷା ପାଇଁ ଅନେକ ପ୍ରତିଷେଧକ ପଦକ୍ଷେପ ନେଇଛନ୍ତି।



# ୮୧ ଅଣ୍ଡା ଦେଲା ଅଲିଭ୍ ରିଡ୍‌ଲେ

ଅସ୍ତରଙ୍ଗ,୯।୧୨(ମମତା ଜେନା)

ବର୍ତ୍ତମାନ ଅଲିଭ୍ ରିଡ୍‌ଲେ କଇଁଛଙ୍କ ପ୍ରଜନନ ଋତୁ ଆରମ୍ଭ ହୋଇଯାଇଛି। ଏହି ସମୟରେ ଅସ୍ତରଙ୍ଗ ବନାଞ୍ଚଳରେ ପ୍ରଥମ କରି ଗୋଟିଏ କଇଁଛ ଦେବୀନାସିରେ ୮୧ଟି ଅଣ୍ଡା ଦେଇଥିବା ଫରେଷ୍ଟର ବିରଜା ମହାପାତ୍ର ସୂଚନା ଦେଇଛନ୍ତି। କଇଁଛ ଅଣ୍ଡା ଦେଇଥିବା ଉପକୂଳରେ ବନ ବିଭାଗର କର୍ମଚାରୀ ପାଟ୍ରୋଲିଂ ସମୟରେ ଜାଣିବାକୁ ପାଇଥିଲେ। ସେହି ଅଣ୍ଡାକୁ ଦେବୀ ନାସିରେ ଥିବା ଅସ୍ଥାୟୀ ହାଚେରିରେ ରଖାଯାଇଛି। ଏଠାରେ ସୂଚନାଥାଉ କି, କିପରି କଇଁଛମାନେ କୂଳକୁ ଆସି ସୁରକ୍ଷିତ ଅଣ୍ଡା ଦେବେ ସେଥିପାଇଁ ଅସ୍ତରଙ୍ଗ ବନବିଭାଗ ପକ୍ଷରୁ ବ୍ୟବସ୍ଥା କରାଯିବା ସହିତ ଅଣ୍ଡାଗୁଡ଼ିକ ଛୁଆ ଫୁଟିବା ପର୍ଯ୍ୟନ୍ତ କିପରି ସୁରକ୍ଷିତ ରହିବ ସେଥିପାଇଁ ଦେବୀନାସି, ଜାହାନିଆ, ଦାଲୁକଣି, ଗଙ୍ଗାଦେବୀ ଏବଂ ଆଇଲ୍ୟାଣ୍ଡଠାରେ ଅସ୍ଥାୟୀ ହାଚେରି ପ୍ରସ୍ତୁତ କରାଯାଇଛି।



# ହାତୀ ପାଇଁ ପେଁକାଳି

କାମାକ୍ଷାନଗର,୯।୧୨(ଅମଜାଦ ଖାନ)

ରାତି ହେଲେ ଢାଉଁ ଢାଉଁ ବାଜୁଛି ଟିଣ। ହୁ ହୁ ହୋଇ ଜଳୁଛି ଟାୟାର ନିଆଁ। ପେଁକାଳିର ପେଁ ପାଁ ଶବ୍ଦରେ କମ୍ପୁଛି ଗାଁ ପାଖ ଧାନ ଖେତ। ହାତୀ, ବାର୍ହା ଆଦି ଜଙ୍ଗଲୀ ପ୍ରାଣୀଙ୍କ ମୁହଁରୁ ବର୍ଷକର ଫସଲ ବଞ୍ଚାଇବାକୁ ରାତି ଉଜାଗର ହୋଇ ଏମିତି ଉଦ୍ୟମ ଚଳାଇଛନ୍ତି ଢେଙ୍କାନାଳ ଜିଲା କାମାକ୍ଷାନଗର ଓ କଙ୍କଡ଼ାହାଡ଼ ବ୍ଲକର ଅନେକ ଚାଷୀ। ବିଶେଷକରି ରାତିରେ ପେଁକାଳିର ବିକଟାଳ ଶବ୍ଦ ଏ କ୍ଷେତ୍ରରେ ସେମାନଙ୍କୁ ଅଧିକ ସଫଳତା ଦେଉଥିବା ଚାଷୀମାନେ ପ୍ରକାଶ କରିଛନ୍ତି।

ପ୍ରକାଶ ଯେ, କାମାକ୍ଷାନଗର ଉପଖଣ୍ଡ ଅଧୀନ କାମାକ୍ଷାନଗର ଓ କଙ୍କଡ଼ାହାଡ଼ ବ୍ଲକର ଜଙ୍ଗଲ ନିକଟ ଗାଁଗୁଡିକରେ ଜଙ୍ଗଲୀ ପ୍ରାଣୀଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ଏବେ ଫସଲ ଅମଳ ଋତୁ ହୋଇଥିବାରୁ ବିଲରେ ପାଚିଥିବା ଧାନ ଖାଇବାକୁ ଦଳ ଦଳ ହାତୀ ଓ ବାର୍ହା ଖେତମୁହାଁ ହେଉଛନ୍ତି। ବନ ବିଭାଗ ହାତୀ ପଲଙ୍କୁ ଘଉଡ଼ାଇବାରେ ସମ୍ପୂର୍ଣ୍ଣ ସଫଳ ହେଉ ନ ଥିବାରୁ ବାଧ ହୋଇ ଚାଷୀମାନେ ବର୍ଷକର ଆହାର ରକ୍ଷା କରିବାକୁ ଜମି ନିକଟରେ ପଲା ମାରି ରାତିରେ ଜଗି ରହୁଛନ୍ତି। ହାତୀ ଓ ବାର୍ହା ଯେପରି ଖେତ ପାଖକୁ ନ ଆସିବେ ସେଥିପାଇଁ ଚାଷୀମାନେ ଆଣିଥିବା ଟିଣକୁ ଜୋର୍‌ରେ ବଜାଉଛନ୍ତି। ବିକଟାଳ ଶବ୍ଦ ସୃଷ୍ଟି କରୁଥିବା ପେଁକାଳି ଫୁଙ୍କୁଛନ୍ତି। ଟାୟାରରେ ନିଆଁ ଲଗାଇ ନିଜ ଉପସ୍ଥିତି ଜାହିର କରୁଛନ୍ତି। ଏ ସମ୍ପର୍କରେ କାମାକ୍ଷାନଗର ବ୍ଲକ ଆଳତୁମା ଗ୍ରାମର ଚାଷୀ ହିମାଦ୍ରି ଦାସ, ଗନ୍ଧୁରୁ ରାଉଳ, ପଞ୍ଚାନନ ଜେନା, ଗୁଲୁ ଜେନା, ଗୋବର୍ଦ୍ଧନ ରାଉଳ, କଙ୍କଡ଼ାହାଡ଼ ବ୍ଲକ ଗଡ଼ପଳାଶୁଣିର ଚାଷୀ ସ୍ୱାଧୀନ କୁମାର ସାହୁ କହିଛନ୍ତି, ରାତି ଉଜାଗର ହୋଇ ଖେତ ନ ଜଗିଲେ ବର୍ଷକର ପରିଶ୍ରମ ବୃଥା ହୋଇଯିବ। ଧାର କରଜ କରି କରିଥିବା ଫସଲ ଉଜୁଡ଼ିଯିବ। ପରିବାର ମୁହଁରେ ଆହାର ଦେବା କଷ୍ଟକର ହୋଇପଡ଼ିବ। ତେଣୁ ଜୀବନ ପ୍ରତି ବିପଦ ଥିବା ଜାଣି ମଧ୍ୟ ଜଙ୍ଗଲୀ ପ୍ରାଣୀଙ୍କ ଦାଉରୁ ଫସଲକୁ ସୁରକ୍ଷା ଦେବାକୁ ଏପରି ପନ୍ଥା ଆପଣାଇବାକୁ ବାଧ ହେଉଛୁ।

ଏ ସମ୍ପର୍କରେ ପଶ୍ଚିମାଞ୍ଚଳ ରେଞ୍ଜର କୈଳାସ ଚନ୍ଦ୍ର ସାହୁ କହିଛନ୍ତି, ହାତୀ ସ୍କ୍ୱାଡ୍ ଓ ପାଟ୍ରୋଲିଂ ଟିମ୍ ଦ୍ୱାରା ନିୟମିତ ଭାବରେ ପାଟ୍ରୋଲିଂ କରାଯାଉଛି। ଜିପିଏସ୍ ମାଧ୍ୟମରେ ଟ୍ରାକିଂ କରି ହାତୀପଲଙ୍କ ଗତିବିଧି ଉପରେ ନଜର ରଖାଯାଉଛି। ବାର୍ହା ପଲଙ୍କୁ ଘଉଡ଼ାଇବା ପାଇଁ ଗ୍ରାମ ଜଙ୍ଗଲ କମିଟି ସହାୟତାରେ ଟିମ୍ ଗଠନ କରାଯାଇଛି। ଏହାସତ୍ତ୍ୱେ ଯଦି ଫସଲ ନଷ୍ଟ ହେଉଥାଏ, ତା'ହେଲେ ନିୟମାନୁଯାୟୀ କ୍ଷତିପୂରଣ ଦିଆଯିବ।


ବନ୍ୟପ୍ରାଣୀଙ୍କ ମୁହଁରୁ ଫସଲ ବଞ୍ଚାଇବା ପାଇଁ ଚାଷୀମାନେ ରାତିରେ ନିଆଁ, ଟିଣ ଓ ପେଁକାଳିର ବ୍ୟବହାର କରୁଛନ୍ତି।

'ଧରିତ୍ରୀ'ର ୫୦ତମ ସ୍ୱନକ୍ଷତ୍ର ଦିବସ ଅବସରରେ ରାଜ୍ୟର ସମସ୍ତ ଯୁବତୀ ଯୁବକମାନଙ୍କର ସୁଖ ସମୃଦ୍ଧି କାମନା କରିବା ସହିତ ବିଜୁ ଜନତା ଦଳର ସଙ୍ଗଠନକୁ ମଜଭୁତ କରିବା ପାଇଁ ନିବେଦନ ।
ପ୍ରଦୀପ୍ତ କୁମାର ଭୂୟାଁ
ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ

'ଧରିତ୍ରୀ'ର ୫୦ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଦରଡ଼ା ଗ୍ରାମପଞ୍ଚାୟତର ସମସ୍ତ ଗ୍ରାମବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ । ୫ ବର୍ଷ ପାଇଁ ଆପଣମାନଙ୍କ ସେବା କରିବାର ସୁଯୋଗ ଦେଇଥିବାରୁ ମୁଁ କୃତଜ୍ଞ ।
ସତ୍ୟଭାମା ବେହେରା
ସରପଞ୍ଚ, ଦରଡ଼ା ଗ୍ରାମପଞ୍ଚାୟତ ବିରିଡ଼ି ବ୍ଲକ

'ଧରିତ୍ରୀ'ର ୫୦ତମ ସ୍ୱନକ୍ଷତ୍ର ଦିବସ ଅବସରରେ ପୁରଣ ଗ୍ରାମପଞ୍ଚାୟତର ସମସ୍ତ ଗ୍ରାମବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ। ୫ ବର୍ଷ ପାଇଁ ଆପଣମାନଙ୍କ ସେବା କରିବାର ପୁନର୍ବାର ସୁଯୋଗ ଦେଇଥିବାରୁ ମୁଁ କୃତଜ୍ଞ ।
ଯୁଧିଷ୍ଠିର ବେହେରା
ସରପଞ୍ଚ, ପୁରଣ ଗ୍ରାମପଞ୍ଚାୟତ ବିରିଡ଼ି ବ୍ଲକ

ଅଭିନନ୍ଦନ
ଧରିତ୍ରୀ ଖବରକାଗଜର ୫୦ ବର୍ଷ ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ସମସ୍ତ ପାଠକ ପାଠିକା ଓ ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା । ପ୍ରଭୁ ଜଗନ୍ନାଥଙ୍କ କୃପାରୁ ସମସ୍ତେ ଭଲରେ ରୁହନ୍ତୁ ।
ପ୍ରଦୀପ୍ତ କୁମାର ଦାଶ
ଜିଲ୍ଲା ସମ୍ପାଦକ, ଓଷ୍ଟା ଓ କାର୍ଯ୍ୟକାରୀ ସଭ୍ୟ

ଶୁଭେଚ୍ଛା ବାର୍ତ୍ତା
ଦୈନିକ ଖବରକାଗଜ ଧରିତ୍ରୀର ୫୦ ବର୍ଷ ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ସମସ୍ତ ପାଠକ, ପାଠିକା, ଖବରଦାତା, ଏଜେଣ୍ଟ ଓ ଶୁଭେଚ୍ଛୁଙ୍କ ସମେତ ବନ୍ତ ଗ୍ରାମ ପଞ୍ଚାୟତର ସମସ୍ତ ଭାଇଭଉଣୀ ଓ ଜନସାଧାରଣମାନଙ୍କୁ ମୋର ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି । ପ୍ରଭୁ ଜଗନ୍ନାଥ ସମସ୍ତଙ୍କର ମଙ୍ଗଳ କରନ୍ତୁ । ଏହାହିଁ ମୋର କାମନା ।
ମାନସୀରାଣୀ ରାଉତ
ସରପଞ୍ଚ, ବନ୍ତ ଗ୍ରାମପଞ୍ଚାୟତ, ଭଦ୍ରକ

ଅଭିନନ୍ଦନ
ଦୈନିକ ଖବରକାଗଜ ଧରିତ୍ରୀର ୫୦ ବର୍ଷ ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ସମସ୍ତ ପାଠକ, ପାଠିକା ଓ ଶୁଭେଚ୍ଛୁଙ୍କ ସମେତ ବନ୍ତ ବ୍ଲକ ଛୟାଳସିଂ ଗ୍ରାମପଞ୍ଚାୟତର ସମସ୍ତ ଭାଇଭଉଣୀ ଓ ଜନସାଧାରଣମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ । ପ୍ରଭୁ ଜଗନ୍ନାଥ ସମସ୍ତଙ୍କର ମଙ୍ଗଳ କରନ୍ତୁ । ଏହାହିଁ ମୋର କାମନା ।
ନିରୁପମା ରାଉତ
ପ୍ରାକ୍ତନ ବ୍ଲକ ଅଧକ୍ଷା, ବନ୍ତ ବ୍ଲକ ତଥା ସମିତି ସଭ୍ୟା, ଛୟାଳସିଂ ଗ୍ରାମପଞ୍ଚାୟତ, ବନ୍ତ, ଭଦ୍ରକ

ଅଭିନନ୍ଦନ
ଦୈନିକ ଖବରକାଗଜ ଧରିତ୍ରୀର ୫୦ ବର୍ଷ ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ସମସ୍ତ ପାଠକ, ପାଠିକା ଓ ଶୁଭେଚ୍ଛୁଙ୍କ ସମେତ ଭଣ୍ଡାରିପୋଖରୀ ନିର୍ବାଚନମଣ୍ଡଳୀର ସମସ୍ତ ଭାଇଭଉଣୀ ଓ ଜନସାଧାରଣମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ । ପ୍ରଭୁ ଜଗନ୍ନାଥ ସମସ୍ତଙ୍କର ମଙ୍ଗଳ କରନ୍ତୁ । ଏହାହିଁ ମୋର କାମନା ।
ବଦ୍ରି ନାରାୟଣ ଧଳ
ଭଣ୍ଡାରୀପୋଖରୀ ନିର୍ବାଚନମଣ୍ଡଳୀ ନେତା, ଭଦ୍ରକ

ଶୁଭେଚ୍ଛା ବାର୍ତ୍ତା
ଦୈନିକ ଖବରକାଗଜ ଧରିତ୍ରୀର ୫୦ ବର୍ଷ ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ସମସ୍ତ ପାଠକ, ପାଠିକା ଓ ଶୁଭେଚ୍ଛୁଙ୍କ ସମେତ ବନ୍ତ ବ୍ଲକ ଟିଲୋ ଗ୍ରାମପଞ୍ଚାୟତର ସମସ୍ତ ଭାଇଭଉଣୀ ଓ ଜନସାଧାରଣମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ । ପ୍ରଭୁ ଜଗନ୍ନାଥ ସମସ୍ତଙ୍କର ମଙ୍ଗଳ କରନ୍ତୁ । ଏହାହିଁ ମୋର କାମନା ।
ସଂଗ୍ରାମ କେଶରୀ ଜେନା
ସରପଞ୍ଚ, ଟିଲୋ ଗ୍ରାମପଞ୍ଚାୟତ, ବନ୍ତ, ଭଦ୍ରକ

ଅଭିନନ୍ଦନ
ଧରିତ୍ରୀ ଖବରକାଗଜର ୫୦ ବର୍ଷ ପାଳନ ଅବସରରେ ସମସ୍ତ ପାଠକ ପାଠିକା ଓ ଭଦ୍ରକ ନିର୍ବାଚନ ମଣ୍ଡଳୀର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା । ପ୍ରଭୁ ଜଗନ୍ନାଥଙ୍କ କୃପାରୁ ସମସ୍ତେ ଭଲରେ ରୁହନ୍ତୁ । ଆସନ୍ତୁ ସମସ୍ତେ ମିଳିମିଶି ଭଦ୍ରକ ନିର୍ବାଚନ ମଣ୍ଡଳୀକୁ ପ୍ରଗତି ପଥରେ ଆଗେଇନେବା ।
ସଞ୍ଜୀବ କୁମାର ମଲ୍ଲିକ
ବିଧାୟକ, ଭଦ୍ରକ

ଅଭିନନ୍ଦନ
ଧରିତ୍ରୀ ଖବରକାଗଜର ୫୦ ବର୍ଷ ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଧାମନଗର ନିର୍ବାଚନ ମଣ୍ଡଳୀ ଓ ଭଦ୍ରକ ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା । ପ୍ରଭୁ ଜଗନ୍ନାଥଙ୍କ କୃପାରୁ ସମସ୍ତେ ଭଲରେ ରୁହନ୍ତୁ ।
ରାଜେନ୍ଦ୍ର କୁମାର ଦାସ
ପୂର୍ବତନ ବିଧାୟକ, ଧାମନଗର

ଅଭିନନ୍ଦନ
ଧରିତ୍ରୀ ଖବରକାଗଜ ୫୦ ବର୍ଷ ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ସମସ୍ତ ପାଠକ ପାଠିକା ଓ ଭଣ୍ଡାରୀପୋଖରୀ ନିର୍ବାଚନମଣ୍ଡଳୀର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା । ପ୍ରଭୁ ଜଗନ୍ନାଥଙ୍କ କୃପାରୁ ସମସ୍ତେ ଭଲରେ ରୁହନ୍ତୁ ।
ଇଂ.ପ୍ରୟାସକାନ୍ତି ସାମଲ (ଲୁଲୁ)
ରାଜ୍ୟ ବିଜେଡି ସମ୍ପାଦକ ତଥା ଭଣ୍ଡାରୀପୋଖରୀ ବିଧାୟକଙ୍କ ପ୍ରତିନିଧି ଭଦ୍ରକ

ଅଭିନନ୍ଦନ
ଦୈନିକ ଖବରକାଗଜ ଧରିତ୍ରୀର ୫୦ ବର୍ଷ ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ସମସ୍ତ ପାଠକ, ପାଠିକା ଓ ଶୁଭେଚ୍ଛୁଙ୍କ ସମେତ ବନ୍ତ ବ୍ଲକର ସମସ୍ତ ଭାଇଭଉଣୀ ଓ ଜନସାଧାରଣମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ପ୍ରଭୁ ଜଗନ୍ନାଥ ସମସ୍ତଙ୍କର ମଙ୍ଗଳ କରନ୍ତୁ । ଏହାହିଁ ମୋର କାମନା ।
ରାଜ କିଶୋର ସ୍ୱାଇଁ
ବ୍ଲକ କଂଗ୍ରେସ ସଭାପତି, ବନ୍ତ, ଭଦ୍ରକ

ଅଭିନନ୍ଦନ
ଦୈନିକ ଖବରକାଗଜ ଧରିତ୍ରୀର ୫୦ ବର୍ଷ ଜୟନ୍ତୀ ଉତ୍ସବ ପାଳନ ଅବସରରେ ସମସ୍ତ ପାଠକ, ପାଠିକା ଓ ଶୁଭେଚ୍ଛୁଙ୍କ ସମେତ ଭଦ୍ରକର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା । ପ୍ରଭୁ ଜଗନ୍ନାଥଙ୍କ କୃପାରୁ ସମସ୍ତେ ଭଲରେ ରୁହନ୍ତୁ ।
ଅଞ୍ଜୁବାଳା ଜେନା
ପୌର ଉପାଧକ୍ଷା, ଭଦ୍ରକ
ପ୍ରବୀର ଜେନା
ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ,ଭଦ୍ରକ

ଅଭିନନ୍ଦନ
ଧରିତ୍ରୀ ଖବରକାଗଜର ୫୦ ବର୍ଷ ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ସମସ୍ତ ପାଠକ ପାଠିକା ଓ ସମସ୍ତ ଶିକ୍ଷକମାନଙ୍କୁ ଶୁଭେଚ୍ଛା । ପ୍ରଭୁ ଜଗନ୍ନାଥଙ୍କ କୃପାରୁ ସମସ୍ତେ ଭଲରେ ରୁହନ୍ତୁ ।
ଉତ୍ତମ କୁମାର ଦାସ
ଅଲ୍ ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘର ରାଜ୍ୟ ମୁଖ୍ୟ ଉପଦେଷ୍ଟା

ଅଭିନନ୍ଦନ
ଦୈନିକ ଖବରକାଗଜ ଧରିତ୍ରୀର ୫୦ ବର୍ଷ ଜୟନ୍ତୀ ଉତ୍ସବ ପାଳନ ଅବସରରେ ସମସ୍ତ ପାଠକ, ପାଠିକା ଓ ଶୁଭେଚ୍ଛୁଙ୍କ ସମେତ ଭଦ୍ରକ ପୌରପାଳିକାର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା । ପୌରପାଳିକାର ଉନ୍ନତି ଓ ପ୍ରଗତି ପାଇଁ ସମସ୍ତଙ୍କ ସହଯୋଗ କାମନା କରୁଛି । ଆସନ୍ତୁ ସମସ୍ତେ ମିଶି ଭଦ୍ରକ ସହରକୁ ସୁସ୍ଥ ସ୍ୱଚ୍ଛ ସୁନ୍ଦର କରି ଗଢିବା ।
ଗୁଲମକ୍କୀ ଦଲାୱାଜୀ ହବିବ
ଅଧ୍ୟକ୍ଷା, ଭଦ୍ରକ ପୌରପାଳିକା

See Career Appointment on every Wednesday & Saturday

# କୁମ୍ଭୀର ସହ ସେଲ୍‌ଫି

## ଜୁନ୍, ଜୁଲାଇରେ ଯାଇଛି ୫ ଜୀବନ

କେନ୍ଦ୍ରାପଡ଼ା,୯।୧୨
(ଜଗନ୍ନାଥ ଧଳ)

ଶୀତୁଆ ସକାଳରେ ଖରା ପୋଉଁଛି କୁମ୍ଭୀର। ଏହାର ମାତ୍ର ୩୦ ହାତ ଦୂରରେ କୁମ୍ଭୀର ସହ ସେଲ୍‌ଫି ଉଠାଉଛନ୍ତି ଏକାଧିକ ଯୁବକ। ଜୀବନକୁ ବାଜି ଲଗାଇ ଏପରି ସେଲ୍‌ଫି ନେଉଥିବା ଯୁବକମାନେ ବୋଧେ ଜାଣିନାହାନ୍ତି କୁମ୍ଭୀର କେତେ ଭୟଙ୍କର। କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ବ୍ଲକ ଡଅଁରମୁଣ୍ଡା ଗ୍ରାମରେ ପ୍ରତିଦିନ ଏମିତି ଚାଲିଛି। ଗୋବରୀ ନଦୀପଠାରେ ଏବେ ପ୍ରାୟ ୫ଟି କୁମ୍ଭୀର ରହିଛନ୍ତି ବୋଲି ଗ୍ରାମବାସୀ କହୁଛନ୍ତି। ସେହି ଭୟରେ କେହି ନଦୀକୁ ଯାଉନାହାନ୍ତି। ଏପରି କି ନଦୀ ଜଳକୁ କ୍ଷେତରେ ମଡ଼ାଇବା କଥାକୁ ଗ୍ରାମବାସୀ ଭୁଲି ଯାଇଛନ୍ତି। ଏହି ଭୟଙ୍କର ଜୀବ ପାଇଁ ନଦୀକୁ ଶୌଚ ହେବାକୁ ଯିବା ପାଇଁ ଲୋକେ ଉଚିତ ମଣୁନାହାନ୍ତି। କାରଣ ଗତ ଜୁନ୍ ଓ ଜୁଲାଇ ମାସର ମାତ୍ର ୪୫ ଦିନ ମଧ୍ୟରେ ଏହି ଜିଲାରେ ୫ ଜଣଙ୍କ ଜୀବନ କୁମ୍ଭୀର ମୁହଁରେ ଯାଇଛି। ଖାଲି ମଣିଷ ନୁହନ୍ତି, ଗୃହପାଳିତ ପଶୁପକ୍ଷୀ ବି କୁମ୍ଭୀର ମୁହଁରୁ ବାଦ୍ ପଡିନାହାନ୍ତି। ଗ୍ରାମବାସୀଙ୍କ ଜୀବନ ସୁରକ୍ଷା, ପାନୀୟ ଜଳ ଓ କ୍ଷେତକୁ ପାଣି ମଡ଼ାଇବା, ଗୃହପାଳିତ ପଶୁପକ୍ଷୀଙ୍କ ସୁରକ୍ଷା ଦୃଷ୍ଟିରୁ ନଦୀକୁ କୁମ୍ଭୀର ମୁକ୍ତ କରିବାକୁ ଗ୍ରାମବାସୀ ଦାବି କରୁଥିବା ବେଳେ କେତେଜଣ ଯୁବକଙ୍କ ସେଲ୍‌ଫି ଉଠାଇବା ମଜା କାଳ ହୋଇପାରେ ବୋଲି ଆଲୋଚନା ହେଉଛି।

ଏ ସମ୍ପର୍କରେ ଗ୍ରାମର ରତିକାନ୍ତ ବେଉରା, ଅଜୟ କୁମାର ରାଉତ, ସଜନୀ ସେଠୀ, ହେମଲତା ସେଠୀ ପ୍ରମୁଖ କହିଛନ୍ତି, ଗୋବରୀ ନଦୀ ଏବେ କୁମ୍ଭୀରପ୍ରବଣ ହୋଇଗଲାଣି। ପୂର୍ବରୁ ଜାତୀୟ ଉଦ୍ୟାନ ଭିତରକନିକାରେ ଏହି ଭୟଙ୍କର ଜୀବଙ୍କୁ ଦେଖିବାକୁ ମିଳୁଥିଲା। କୁମ୍ଭୀର ଏବେ ୮୦ କି.ମି. ଦୂର ଡଅଁରଗଣ୍ଡ ଗ୍ରାମରେ ଆତଯାତ ହେଉଛନ୍ତି। ନଦୀପଠାରେ ଏହି ଜୀବଙ୍କୁ ଦେଖିବାକୁ ମିଳୁଛି। ପଠାରେ ଗୋରୁମାନଙ୍କ ସହିତ ଛେଳି ମେଣ୍ଢା ବି ଚରିଥାଆନ୍ତି। ଗତ ସପ୍ତାହରେ ଗୋଟିଏ ଛେଳିକୁ କୁମ୍ଭୀର ଟାଣି ନେଇଥିଲା। ସେହିପରି ନଦୀକୁ ଲାଗି ଚାଷଜମି ରହିଛି। ନଦୀଜଳ ଚାଷ କାମରେ ଲାଗିଥାଏ। ମାତ୍ର କୁମ୍ଭୀର ଭୟରେ ଚାଷ କରିବା ବିପଦ ହୋଇଛି। ସେହିପରି ଗ୍ରାମ ନିକଟରେ ଗୋବରୀ ନଦୀ ଥିବାରୁ ଭୟ ବଢୁଛି। ନଦୀକୁ ଶୌଚ ପାଇଁ ଯାଇହେଉନାହିଁ। ଏପରିକି ଗ୍ରାମକୁ କୁମ୍ଭୀର ଆସିବା ଭୟ ଲାଗିଯାଇଛି। ଏହି ଅଞ୍ଚଳରେ ୩ ଫୁଟରୁ ପ୍ରାୟ ୧୦ ଫୁଟ୍ ଲମ୍ବର ୩ରୁ ୫ଟି କୁମ୍ଭୀର ଦେଖିବାକୁ ମିଳୁଥିବା ସେମାନେ ପ୍ରକାଶ କରିଛନ୍ତି। ଏଥିସହ ଜନଜୀବନ ସୁରକ୍ଷା ପାଇଁ ନଦୀରୁ କୁମ୍ଭୀରକୁ ସ୍ଥାନାନ୍ତର କରିବାକୁ ସେମାନେ ଦାବି କରିଛନ୍ତି।

ମାର୍ଶାଘାଇର ବୁଦ୍ଧିଜୀବୀ ପ୍ରମୋଦ କୁମାର ଦାସ କହିଛନ୍ତି, କୁମ୍ଭୀର ବଂଶବୃଦ୍ଧି ଓ ଆକ୍ରମଣ ଦିନକୁ ଦିନ ବଢ଼ିଚାଲିଛି। ଜାତୀୟ ଉଦ୍ୟାନ ଭିତରକନିକାରେ ବନ ବିଭାଗ ପକ୍ଷରୁ ଗଣନା ଅନୁଯାୟୀ ମାତ୍ର ୧୭୯୩ଟି କୁମ୍ଭୀର ଅଛି। ତେବେ ବାସ୍ତବରେ କୁମ୍ଭୀରଙ୍କ ସଂଖ୍ୟା ବହୁତ ବଢ଼ିଛି। ଏବେ ଗଣନା ସ୍ଥଳକୁ ଛାଡି ଜିଲାର ବିଭିନ୍ନ ନଦୀ, ପୋଖରୀରେ ଏହି ଜୀବଙ୍କୁ ଦେଖିବାକୁ ମିଳୁଛି। ଗତ ଜୁନ୍ ଓ ଜୁଲାଇ ମାସର ୪୫ ଦିନ ମଧ୍ୟରେ ୫ ଜଣଙ୍କ ଜୀବନ ଯାଇଛି। ସେହିପରି ଅଗଷ୍ଟ ମାସରେ ଜଣଙ୍କ ମୃତ୍ୟୁ ଘଟିଛି। ଗୋବରୀ ନଦୀକୂଳରେ ଥିବା କୁମ୍ଭୀର ସହ ସେଲ୍‌ଫି ନେବା ମଜାଠାରୁ ଆକ୍ରମଣ ସଜା ଅଧିକ ହୋଇଯିବ। ଏଥିପ୍ରତି ସାବଧାନ ରହିବାକୁ ସେ ପରାମର୍ଶ ଦେଇଛନ୍ତି। ଭିତରକନିକା ରେଞ୍ଜ ଅଧିକାରୀ ମାନସ ଦାସ କହିଛନ୍ତି, ପ୍ରଜନନ ସମୟରେ ଅଧିକ ଖାଦ୍ୟ ପାଇଁ କେତେକ କୁମ୍ଭୀର ନଦୀକୁ ବାଛିଥାନ୍ତି। ଏହି ଭୟଙ୍କର ଜୀବ ସହିତ ସେଲ୍‌ଫି ନେବା ମରଣକୁ ବରଣ କରିବା ସହ ସମାନ। ଏହି ଜୀବଙ୍କୁ ଉତ୍ତ୍ୟକ୍ତ କଲେ ଅଧିକ ଭୟଙ୍କର ହୋଇଥାନ୍ତି। ଯୁବବର୍ଗ ଏଥିରୁ ନିବୃତ୍ତ ରହିବା ଉଚିତ। ଏଥିସହିତ ଉପଦ୍ରବ ଅଞ୍ଚଳରୁ କୁମ୍ଭୀର ସ୍ଥାନାନ୍ତର ହେଉଥିବା ରେଞ୍ଜ ଅଧିକାରୀ ଦାସ ସୂଚନା ଦେଇଛନ୍ତି।



କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ବ୍ଲକ ଡଅଁରମୁଣ୍ଡା ଦେଇ ପ୍ରବାହିତ ଗୋବରୀ ନଦୀପଠାରେ ଖରା ପୋଉଁଥିବା କୁମ୍ଭୀର ସହ ଜଣେ ଯୁବକ ଫଟୋ ଉଠାଉଛନ୍ତି।

# ସିକଲ୍ ସେଲ୍ ଚିକିତ୍ସା ପାଇଁ 'କାସ୍‌ଜେଭି' ଓ 'ଲିଫ୍‌ଜେନିଆ'

### ବିଶ୍ୱର ପ୍ରଥମ ଜିନ୍-ଏଡିଟିଂ ଚିକିତ୍ସାକୁ ଏଫ୍‌ଡିଏର ମଞ୍ଜୁରୀ

ୱାଶିଂଟନ/ଭୁବନେଶ୍ୱର
(ବ୍ୟୁରୋ), ୯।୧୨

ସିକଲ୍ ସେଲ୍ ଭଳି ବଂଶାନୁଗତ ରକ୍ତରୋଗରେ ପୀଡ଼ିତ ବ୍ୟକ୍ତିଙ୍କ ଚିକିତ୍ସା ପାଇଁ ଖୁସି ଖବର। ଏହି ରୋଗର ଉପଚାର ପାଇଁ ୨ ନୂଆ ଜିନ୍ ଥେରାପି 'କାସ୍‌ଜେଭି' ଏବଂ 'ଲିଫ୍‌ଜେନିଆ'କୁ ଆମେରିକାର ଔଷଧ ନିୟନ୍ତ୍ରକ 'ଫୁଡ୍ ଆଣ୍ଡ ଡ୍ରଗ୍ ଆଡମିନିଷ୍ଟ୍ରେଶନ' (ଏଫ୍‌ଡିଏ) ଶୁକ୍ରବାର ଅନୁମୋଦନ ଦେଇଛି। ପଶ୍ଚିମ ଓଡ଼ିଶା ସମେତ ରାଜ୍ୟର ବିଭିନ୍ନ ଭାଗରେ ଲୋକେ ସିକଲ ସେଲ୍‌ରେ ପୀଡ଼ିତ ଥିବା ଦେଖିବାକୁ ମିଳୁଛି। ସେହିପରି ଏହି ବଂଶାନୁଗତ ରୋଗରେ ଆମେରିକାରେ ୧ ଲକ୍ଷ ଲୋକ ପୀଡ଼ିତ ଥିବାବେଳେ ସେମାନଙ୍କ ମଧ୍ୟରୁ ଅଧିକାଂଶ କୃଷ୍ଣକାୟ ବୋଲି ଜଣାପଡ଼ିଛି।

ଭେର୍ଟେକ୍ସ ଫାର୍ମାସ୍ୟୁଟିକାଲ୍ସ ଏବଂ ଏହାର ସହଯୋଗୀ ସି ଆ । ର୍ ଅ । ଇ ଏ ସ୍ ପି ଅ । ର୍ ଥେରାପ୍ୟୁଟିକ୍ସ ଦ୍ୱାରା ପ୍ରସ୍ତୁତ ହୋଇଛି ଜିନ୍-ଏଡିଟିଂ ଥେରାପି 'କାସ୍‌ଜେଭି'। ୧୨ବର୍ଷ ଏବଂ ତଦୂର୍ଦ୍ଧ୍ୱ ବୟସ୍କଙ୍କଠାରେ ବାରମ୍ବାର ହେଉଥିବା ଭାସୋ-ଅକ୍ଲୁସିଭ୍ (ରକ୍ତବାହିକା ଅବରୋଧ ସମ୍ପର୍କିତ) ସଙ୍କଟ ଭଳି ସିକିଲ ସେଲ୍ ରୋଗର ଚିକିତ୍ସା ପାଇଁ ଏହି କୋଷଭିତ୍ତିକ ଜିନ୍ ଥେରାପି 'କାସ୍‌ଜେଭି' ଉଦ୍ଦିଷ୍ଟ। ଏହା ହେଉଛି ବିଶ୍ୱର ପ୍ରଥମ ଥେରାପି, ଯାହା ସିଆର୍‌ଆଇଏସ୍‌ପିଆର୍ ଜିନ୍-ଏଡିଟିଂ ଟେକ୍ନୋଲୋଜି ଉପରେ ଆଧାରିତ। ଆମେରିକାରେ ୨.୨ ନିୟୁତ ଡଲାରରେ 'କାସ୍‌ଜେଭି' ଚିକିତ୍ସା ଉପଲବ୍ଧ ହୋଇପାରିବ ବୋଲି ସୂଚନା ମିଳିଛି।

ସେହିପରି ବ୍ଲୁବାର୍ଡ ବାୟୋ ଦ୍ୱାରା ପ୍ରସ୍ତୁତ 'ଲିଫ୍‌ଜେନିଆ' ହେଉଛି କୋଷ-ଭିତ୍ତିକ ଜିନ୍ ଥେରାପି, ଯାହା ଜେନେଟିକ୍ ପରିବର୍ତ୍ତନ ପାଇଁ ଲେଣ୍ଟିଭାଇରାଲ ଭେକ୍ଟର ବ୍ୟବହାର କରେ। ଏହା ମଧ୍ୟ ୧୨ ଓ ତଦୂର୍ଦ୍ଧ୍ୱ ବୟସ୍କ ରୋଗୀଙ୍କ ଚିକିତ୍ସା କ୍ଷେତ୍ରରେ ବ୍ୟବହାର କରାଯିବାକୁ ଏଫ୍‌ଡିଏ ମଞ୍ଜୁରୀ ଦେଇଛି। ଏଫ୍‌ଡିଏ କହିଛି ଯେ, ଲିଫ୍‌ଜେନିଆ ଦ୍ୱାରା ରୋଗୀଙ୍କ ବ୍ଲଡ୍ ଷ୍ଟେମ୍ କୋଷିକାଗୁଡ଼ିକ 'ଏଚ୍‌ବିଏଟି୮୭କ୍ୟୁ' ଉତ୍ପନ୍ନ କରିବାକୁ ଆନୁବଂଶିକ ରୂପରେ ପରିବର୍ତ୍ତନ ହୋଇଥାନ୍ତି। 'ଏଚ୍‌ବିଏଟି୮୭କ୍ୟୁ' ହେଉଛି ଏକ ଜିନ୍-ଥେରାପି, ଯାହା ହିମୋଗ୍ଲୋବିନ୍‌ରୁ ବାହାରିଥାଏ। ଏହା ହିମୋଗ୍ଲୋବିନ-ଏ ଭଳି ସମାନ ଭାବେ କାର୍ଯ୍ୟ କରିଥାଏ, ଯାହାକି ସିକଲ୍ ସେଲ୍ ରୋଗ ଦ୍ୱାରା ପ୍ରଭାବିତ ନ ଥିବା ସାଧାରଣ ବୟସ୍କ ବ୍ୟକ୍ତିମାନଙ୍କ ହିମୋଗ୍ଲୋବିନ୍ ଅଟେ। 'ଏଚ୍‌ବିଏଟି୮୭କ୍ୟୁ' ଥିବା ଲାଲ ରକ୍ତ କୋଷିକା ଦ୍ୱାରା ସିକଲିଂ ଏବଂ ରକ୍ତ ପ୍ରବାହ ଅବରୋଧ ଆଶଙ୍କା କମ୍ ଥାଏ ବୋଲି ଏଫ୍‌ଡିଏ ପକ୍ଷରୁ କୁହାଯାଇଛି। ଲିଫ୍‌ଜେନିଆ ଥେରାପିବାବଦ ଖର୍ଚ୍ଚପାଇଁ ବ୍ଲୁବାର୍ଡ ବାୟୋ କମ୍ପାନୀ ୩.୧ ନିୟୁତ ଆମେରିକୀୟ ଡଲାର ଧାର୍ଯ୍ୟ କରିଛି।

# ଦୀଘାରେ ପୋଲିସର ଛାନ୍‌ଭିନ୍

## ବାଂଲାଦେଶୀ ଯୁବତୀଙ୍କୁ ବିବାହ ପ୍ରତାରଣା ମାମଲା

ଭୋଗରାଇ, ୯।୧୨(ପ୍ରଦୀପ ଦାସ)

୬ଦିନ ଧରି ବାଲେଶ୍ୱରରେ ପୋଲିସ ହେପାଜତରେ ଥିବା ବାଂଲାଦେଶୀ ଯୁବତୀଙ୍କ ବିଭିନ୍ନ ବୟାନ ଘଟଣାକୁ ରହସ୍ୟାବୃତ୍ତ କରିଛି। ସମ୍ପୃକ୍ତ ଯୁବତୀଙ୍କୁ କମର୍ଦ୍ଦା ପୋଲିସ ଶନିବାର ଭୋଗରାଇ ଗ୍ରାମ୍ୟନ୍ୟାୟାଳୟ ପ୍ରଥମଶ୍ରେଣୀ ବିଚାର ବିଭାଗ ମାଜିଷ୍ଟ୍ରେଟ ଅଦାଲତରେ କଡ଼ା ସୁରକ୍ଷା ମଧ୍ୟରେ ହାଜର କରିଥିଲା। ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ଯୁବତୀଙ୍କ ୧୬୪ ଧାରା ଅନୁଯାୟୀ ସମସ୍ତ ବୟାନ ରେକର୍ଡ କରାଯାଇଛି। ଏହାସହ କମର୍ଦ୍ଦା ପୋଲିସର ଏକ ଟିମ୍ ଯୁବତୀ ରହୁଥିବା ଦୀଘାରେ ପହଞ୍ଚି ତିରୁପତି ଗେଷ୍ଟହାଉସ ଏବଂ ମସାଜ ସେଣ୍ଟରରେ ତଦନ୍ତ କରିଛି।

ବାଲେଶ୍ୱର ଜିଲା କମର୍ଦ୍ଦା ଥାନା ଅଧୀନ ବୁଦ୍ଧକୁସୁମୀ ଗ୍ରାମର ବୀରେନ୍ଦ୍ର ପ୍ରତାପ ଭଞ୍ଜ ଦୀଘାରେ ରହି କାର୍ଯ୍ୟ କରୁଥିବା ବେଳେ ବାଂଲାଦେଶର କକ୍ସବାଜାର ଅଞ୍ଚଳର ରୁମା ମେରିୟମଙ୍କ ସହିତ ଫେସବୁକରେ ପରିଚୟ ହୋଇଥିଲା। ପରେ ନ୍ୟୁ ଦୀଘାରେ ଯୁବତୀ ତିରୁପତି ଗେଷ୍ଟ ହାଉସ ଏବଂ ମସାଜ ସେଣ୍ଟରରେ ରହି କାର୍ଯ୍ୟ କରୁଥିବା ବେଳେ ୨ଜଣଙ୍କର ସମ୍ପର୍କ ନିବିଡ଼ ହୋଇଥିଲା ବୋଲି ଯୁବତୀ ବୟାନ ଦେଇଛନ୍ତି। ଯୁବକ ତାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଦୀର୍ଘଦିନ ଧରି ବଳାତ୍କାର ଓ ପରେ ପ୍ରତାରଣା କରିଥିବା କମର୍ଦ୍ଦା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଶୁକ୍ରବାର ଏକ ମାମଲା (ନଂ. ୧୪୫/୨୩) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିବା ଲାଗି ତଲାସୀ ଅଭିଯାନ ଜାରି ରଖିଛି। ବୀରେନ୍ଦ୍ର ଆତ୍ମଗୋପନ କରିଥିବା ବେଳେ ତାଙ୍କ ପରିବାର ଦୁଃଖରେ ଭାଙ୍ଗିପଡ଼ିଛନ୍ତି।

# ବଜ୍ରକାପ୍ତା ଉଦ୍ଧାର, ୨ ଗିରଫ

ଭୁବନେଶ୍ୱର,(ସୂର୍ଯ୍ୟକାନ୍ତ ବେହେରା)/ ଗୁଣପୁର, ୯।୧୨ (ପ୍ରଦୀପ ପାଢ଼ୀ)

ରାୟଗଡ଼ା ଜିଲା ପଦ୍ମପୁର ଥାନା ଅଞ୍ଚଳରେ ବଜ୍ରକାପ୍ତା ଚୋରା ଚାଲାଣ ପାଇଁ ଡିଲ୍ ବେଳେ କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ୍ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଗଜପତି ଜିଲା ଜି.ଉଦୟଗିରି ଥାନା ଅଞ୍ଚଳର ସମ୍‌ସାନ୍ ରୈତା (୪୫) ଓ ରାୟଗଡାର ଅସମିନ ଶବର(୨୮)। ଉଭୟଙ୍କଠାରୁ ଗୋଟିଏ ଜୀବନ୍ତ ବଜ୍ରକାପ୍ତା ଉଦ୍ଧାର ହୋଇଛି।

ଧରିତ୍ରୀ DHARITRI Oriya daily
ଆବଶ୍ୟକ କରୁଛି
ପ୍ଲମ୍ବର
ପ୍ରାର୍ଥୀ ପ୍ଲମ୍ବିଂରେ ଆଇ.ଟି.ଆଇ. କିମ୍ବା ଡିପ୍ଲୋମା ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ । ପ୍ରାର୍ଥୀଙ୍କର ସମ୍ପୃକ୍ତ କ୍ଷେତ୍ରରେ ଅତି କମ୍‌ରେ ୨ ବର୍ଷରୁ ଅଧିକ ଅଭିଜ୍ଞତା ଥିବ ଓ ତାଙ୍କ ବୟସ ୪୦ ବର୍ଷରୁ କମ୍ ହୋଇଥିବା ବାଞ୍ଛନୀୟ । ସେ ସ୍ୱାସ୍ଥ୍ୟଗତ ଦୃଷ୍ଟିରୁ ଫିଟ୍ ଥିବା ଆବଶ୍ୟକ ।
ଇଚ୍ଛୁକ ପ୍ରାର୍ଥୀମାନେ ଆସନ୍ତା ୭ଦିନ ମଧ୍ୟରେ ନିମ୍ନ ଇମେଲ୍ ଠିକଣାରେ ଦରଖାସ୍ତ ପଠାଇବେ
recruitment@dharitri.com
ଅଭିଜ୍ଞତା ଓ ଦକ୍ଷତା ଅନୁଯାୟୀ ଦରମା ଧାର୍ଯ୍ୟ ହେବ ।

ଲାଲ୍‌ଚାନ୍ଦ୍‌ର ପ୍ରଥମ ଏକ୍ସକ୍ଲୁସିଭ୍ ୱାଚ୍ ଶୋ' ରୁମ୍ 'ଲାଲ୍‌ଚାନ୍ଦ୍ ୱାଚେସ୍'ର ଶୁଭ ଉଦ୍‌ଘାଟନ
ଅନ୍ତର୍ଜାତୀୟ ବ୍ରାଣ୍ଡେଡ୍ ହାତଘଣ୍ଟାର ସର୍ବବୃହତ ସଂଗ୍ରହ




ଭୁବନେଶ୍ୱରର ମାଷ୍ଟର୍ କ୍ୟାଣ୍ଟିନ୍‌ଠାରେ ଲାଲ୍‌ଚାନ୍ଦ୍‌ର ପ୍ରଥମ ଏକ୍ସକ୍ଲୁସିଭ୍ ୱାଚ୍ ଷ୍ଟୋର୍ 'ଲାଲ୍‌ଚାନ୍ଦ୍ ୱାଚେସ୍'ର ଶୁଭ ଉନ୍ମୋଚନ ଅନୁଷ୍ଠିତ ହୋଇଛି । ପ୍ରଥମ ଥର ପାଇଁ ଓଡ଼ିଶାରେ ଅନ୍ତର୍ଜାତୀୟ ବ୍ରାଣ୍ଡେଡ୍ ହାତଘଣ୍ଟାର ସର୍ବବୃହତ ସଂଗ୍ରହ ଆଣିଛି ଲାଲ୍‌ଚାନ୍ଦ୍ ।

ଲାଲ୍‌ଚାନ୍ଦ୍‌ର ଅତୁଳନୀୟ କାରିଗରୀ ଓ ଉତ୍ତମ ଗୁଣାବତ୍ତା ସମ୍ପନ୍ନ ଅଳଙ୍କାର ଯେପରି ଦୀର୍ଘ ଦଶନ୍ଧି ଧରି ଗ୍ରାହକମାନଙ୍କ ମନକୁ ଜିଣିପାରିଛି, ସେହିପରି 'ଲାଲ୍‌ଚାନ୍ଦ୍ ୱାଚେସ୍' ମଧ୍ୟ ବିଳାସମୟ ଘଣ୍ଟା ମାଧ୍ୟମରେ ସମାନସ୍ତରର ଉତ୍କର୍ଷତା ପ୍ରଦାନ କରିବାର ପ୍ରତିଶ୍ରୁତି ଦେଉଛି ।

ଆନ୍ତର୍ଜାତିକସ୍ତରରେ ପ୍ରତିଷ୍ଠିତ ତଥା ନାମୀଦାମୀ ବ୍ରାଣ୍ଡ ନିର୍ମାତାଙ୍କ ଘଣ୍ଟାର ସମ୍ଭାର 'ଲାଲ୍‌ଚାନ୍ଦ୍ ୱାଚେସ୍'କୁ କରିଛି ସ୍ୱତନ୍ତ୍ର ଓ ଅଦ୍ୱିତୀୟ । ରାଡୋ, ଟିସୋ, ସିଟିଜେନ୍, ଜି-ସକ୍, ଲନ୍‌ଜିନ୍, ଏମ୍ପୋରିଓଅରମାନି, ଏଡିଫିସ୍, ସିକୋ, ସ୍କୁଡେରିଆ ଫରାରୀ ଏବଂ ଫସିଲ୍ ପରି ଅନେକ ଲୋକପ୍ରିୟ ଆନ୍ତଃରାଷ୍ଟ୍ରୀୟ ବ୍ରାଣ୍ଡର ହାତଘଣ୍ଟା ଏବେ ସ୍ମାର୍ଟ ସିଟି ଭୁବନେଶ୍ୱରବାସୀଙ୍କ ସ୍ମାର୍ଟନେସ୍ ବଢ଼ାଇବ ।

ଓଡ଼ିଶା ସହ ଦେଶର ରାଜଧାନୀ ନୂଆଦିଲ୍ଲୀରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଲାଲ୍‌ଚାନ୍ଦ୍ ବ୍ରାଣ୍ଡ୍ 'ଲାଲ୍‌ଚାନ୍ଦ୍ ୱାଚେସ୍' ଜରିଆରେ ଆଉ ଏକ ମହତ୍ତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ପ୍ରତିଷ୍ଠା କରିବାକୁ ଯାଉଛି । କାରଣ ଲାଲ୍‌ଚାନ୍ଦ୍ ସର୍ବଦା ଗ୍ରାହକଙ୍କ ପସନ୍ଦ ଏବଂ ଗୁରୁତ୍ୱକୁ ଅଗ୍ରାଧିକାର ଦେଇ ଆସିଛି ।

ଆଜିକାଲିର ଯୁବପିଢ଼ି ସୌଖୀନ ସାମଗ୍ରୀ ପ୍ରତି ବେଶ୍ ଆକର୍ଷିତ ହେଉଛନ୍ତି, ତେଣୁ ଏହାକୁ ଦୃଷ୍ଟିରେ ରଖି ପ୍ରଥମ ଥର ଲାଲ୍‌ଚାନ୍ଦ୍ ଆଣିଛି ଲକ୍‌ଜରୀ ଘଣ୍ଟାର ବିଶାଳ ସଂଗ୍ରହ ।




"ଲାଲ୍‌ଚାନ୍ଦ୍ ଜୁଏଲର୍ସର ସମସ୍ତ ଶୋ'ରୁମ୍‌ରେ ବିଭିନ୍ନ ନାମୀଦାମୀ ବ୍ରାଣ୍ଡର ହାତଘଣ୍ଟା ବିକ୍ରି ହେଉଅଛି । କିନ୍ତୁ ଦିନକୁ ଦିନ ଗ୍ରାହକଙ୍କ ବଢୁଥିବା ଚାହିଦାକୁ ପୂରଣ କରିବା ଉଦ୍ଦେଶ୍ୟରେ ଲାଲ୍‌ଚାନ୍ଦ୍ ପ୍ରଥମ ଥର ପାଇଁ ଓଡ଼ିଶାରେ ଏହି ଏକ୍ସକ୍ଲୁସିଭ୍ ୱାଚ୍ ଷ୍ଟୋର୍ 'ଲାଲ୍‌ଚାନ୍ଦ୍ ୱାଚେସ୍'ର ପ୍ରତିଷ୍ଠା କରିଛି ଏବଂ ଦୀର୍ଘ ଦିନ ଧରି ଶୀର୍ଷ ଅନ୍ତର୍ଜାତୀୟ ବ୍ରାଣ୍ଡ ନିର୍ମାତାଙ୍କ ସର୍ବୋତ୍ତମ କାରିଗରୀକୁ ଓଡ଼ିଶାରେ ପହଞ୍ଚାଇବାର ଆମର ପ୍ରୟାସ ସଫଳ ହୋଇଛି । ଏହି ନୂତନ ଘଣ୍ଟା ଶୋ' ରୁମ୍ ଓଡ଼ିଶାରେ ଘଣ୍ଟା ପ୍ରେମୀମାନଙ୍କର ନୂଆ ଠିକଣା ପାଲଟିବ ।"
ସଞ୍ଜୟ ହଂସ
ଫାଉଣ୍ଡର୍ ଚେୟାରମ୍ୟାନ୍,
ଲାଲ୍‌ଚାନ୍ଦ୍ ଗ୍ରୁପ୍

'ଲାଲ୍‌ଚାନ୍ଦ୍ ୱାଚେସ୍'ରେ ଚିତ୍ତାକର୍ଷକ ଇଣ୍ଟେରିଅର୍ ଡିଜାଇନ୍ ସହ ବ୍ରାଣ୍ଡେଡ୍ ହାତଘଣ୍ଟା ଉପରେ ସ୍ୱତନ୍ତ୍ର ତାଲିମ୍ ନେଇଥିବା କର୍ମଚାରୀ ଗ୍ରାହକମାନଙ୍କୁ ଉତ୍ତମ ସର୍ଫି ଅନୁଭୂତି ପ୍ରଦାନ କରିବେ । ତା'ଛଡ଼ା ଏଠାରେ ସ୍ୱତନ୍ତ୍ର ଭିଆଇପି ଲାଉଞ୍ଜ୍‌ର ମଧ ବ୍ୟବସ୍ଥା ଅଛି । ଉଦ୍‌ଘାଟନ ଅବସରରେ ମନୋନୀତ ହାତଘଣ୍ଟା ବ୍ରାଣ୍ଡ୍‌ଗୁଡ଼ିକ ଉପରେ ୨୦% ରିହାତି ରଖାଯାଇଛି । ଏହି ଅଫର୍ ସୀମିତ ସମୟ ପର୍ଯ୍ୟନ୍ତ ଉପଲବ୍ଧ ।

RADO SWITZERLAND | TISSOT | CITIZEN | LONGINES | G-SHOCK | TAG Heuer
EMPORIO ARMANI | FOSSIL | EDIFICE | SEIKO SINCE 1881 | SCUDERIA FERRARI | Calvin Klein

JEWELLERS SINCE 1988

Inspiring December.
Best time to own your favorite Kia is now.




KIA
Movement that inspires

Choose your favorite Kia this December to enjoy exclusive celebratory benefits and priority delivery. Select corporates can avail additional benefits. Go ahead and book one today to ring in the celebrations.

Exclusive ownership benefits for the Sonet* up to ₹86 400
Special Customer Benefits up to ₹38 400 | Extended Warranty for 5 years with benefits up to ₹20 100** | Free Maintenance for 3 years with benefits up to ₹9 700#
Competitive Interest Rate 8.65% onwards^ | Zero Down Payment Nil processing/ part payment charges^ | Additional Benefits for select corporates up to ₹18 200

Exclusive ownership benefits for the Carens* up to ₹79 300
Special Customer Benefits up to ₹50 100 | Special Accessories Festive Pack with benefits of ₹9 600~ | Competitive Interest Rate 8.65% onwards^
Zero Down Payment Nil processing/ part payment charges^ | Additional Benefits for select corporates up to ₹19 600

Book your favorite Kia Seltos in December and enjoy priority delivery.

Book a Kia at the weekend festival from 8th to 10th Dec '23 to avail our best offers.
Kia cars now available through Canteen Stores Department (CSD).

For more information, visit our dealership or contact:
1800 108 5000 | 093195 91407 | www.kia.com/in | Book Kia | kiacare@kiaindia.net | Look for "Kia India" @

*T&C Apply. **Limited Period Offer. 3 year standard warranty & 2 year extended warranty. #Service inclusion as per periodic maintenance schedule defined in the owner's manual under normal driving conditions and applicable up to 3 years/ 30 000 km whichever is earlier. ^With select partners banks only. ~Special accessory package is applicable on all trims (chrome kit). The product shown is for representation purposes only. Actual features, colors and specifications may not be part of standard fitment and may vary. Kia India Pvt. Ltd. (Formerly known as Kia Motors India Private Limited) reserves the right to make any changes with respect to the trims, colors, specifications, and other details of any model as mentioned or to modify/ discontinue any offer/scheme/service without prior notice. For more details, visit your nearest Kia dealership. Kia urges you to follow traffic rules. These are meant to keep you safe on roads.

**Central Kia :** NH- 16, Mandiapalli, Berhampur, Tel: 7440004288 **Central Kia :** Pahal, Bhubaneswar, Tel: 7440004288 **Trupti Kia :** Patrapada, Bhubaneswar, Tel: 7064414001, 7064414004, 7064414005 **Central Kia :** Sambalpur, Tel: 7440004263 **Central Kia :** Angul, Tel: 7440002918 **Basanti Kia :** Balasore, Tel: 7077732182 **Krishna Kia :** Kalunga Industrial Estate, Rourkela, Tel: 7852941115

**ଆଜିର ମନ୍ତବ୍ୟ**
"ମହିଳାମାନେ ମିଳିତ ଭାବେ କୌଣସି ପ୍ରକାର ଆହ୍ୱାନର ମୁକାବିଲା ପାଇଁ ସକ୍ଷମ। ଏହି ବଡ଼ ଜାତିରେ ଫାଟ ସୃଷ୍ଟିକରି ସେମାନଙ୍କୁ ବିଭାଜନ ଉଦ୍ୟମ କରା ନ ଯାଉ। –ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଡାହାଣୀ ହୋଇ ଲାଗେ**
**ଗୁଣିଆ ହୋଇ ଛଡ଼ାଏ।**

କିଛି ବ୍ୟକ୍ତି ଏପାଖରେ କ୍ଷତି କରି ସେପାଖରେ ସମାଧାନ ବା ତା'ର ପ୍ରତିକାର ବାହାର କରୁଥିବା ଦେଖିବାକୁ ମିଳିଥାଏ। ଏପରି ଦୁଇ ପ୍ରକାର ଅଭିନୟ କରୁଥିବା ଧୂର୍ତ୍ତ ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଡାହୁକ ପିଉଛି ପାଣି**
**ମୋ କରମରେ କି ଏଇଆ ଥିଲା**
**ନଅତୁଣ୍ଡି ସଉତୁଣୀ ?**

ହସଖୁସିରେ ଚାଲୁଥିବା ଦାମ୍ପତ୍ୟ ଜୀବନରେ ଯେବେ ତୃତୀୟ ବ୍ୟକ୍ତିର ଆଗମନ ଘଟେ ସେତେବେଳେ ପାରିବାରିକ ଜୀବନରେ ଝଡ଼ ସୃଷ୍ଟି ହୋଇଥାଏ। ସୁଖର ସଂସାର ଉପରେ କିଏ ନଜର ପକାଇଲା ଭଳି ସଉତୁଣୀ ଆସିବା ଫଳରେ ପ୍ରଥମ ପତ୍ନୀର ଜୀବନ ଦୁର୍ବିଷହ ହୋଇପଡ଼େ। ସ୍ୱାମୀ ସହ ଥିବା ପୂର୍ବ ସମ୍ପର୍କର ମଧୁରତା ନଷ୍ଟ ହେବା ସହ ନିଜକୁ ସେ ଅତ୍ୟନ୍ତ ଅସହାୟ ମନେକରିଥାଏ। ଏ ପରିସ୍ଥିତିରେ ସେ ନିଜ ପୋଡ଼ା ଭାଗ୍ୟକୁ ନିନ୍ଦି ବସୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଭୋଗ ମାହାସୁଲ ହେର୍‌ଫେର୍ ଘଟଣା: ୨ ବହିଷ୍କୃତ

ଘଟଗାଁ, ୯।୧୨
(ରାଜେନ୍ଦ୍ର କୁମାର ପଟ୍ଟନାୟକ)

**ଘଟଗାଁ ତାରିଣୀ ମନ୍ଦିର**

କେନ୍ଦୁଝର ଜିଲା ଘଟଗାଁ ତାରିଣୀ ମନ୍ଦିରରେ ଭୋଗ ମାହାସୁଲ ହେରଫେର ଘଟଣାରେ ସମ୍ପୃକ୍ତ ୨ କର୍ମଚାରୀଙ୍କୁ ଶନିବାର ମନ୍ଦିର ପ୍ରଶାସନ ଚାକିରିରୁ ବହିଷ୍କାର କରିଛି। ତାରିଣୀ ମନ୍ଦିର ପୂଜକ ସଂଘ କାର୍ଯ୍ୟାନୁଷ୍ଠାନ ଦାବି କରିଆସୁଥିଲା। ଅସନ୍ତୋଷ ବୃଦ୍ଧି ପାଇବା ସହିତ ଗତ ଗୁରୁବାର ପୂଜକ ସଂଘ ପକ୍ଷରୁ ସମସ୍ତ ସେବାୟତ ଆଗାମୀ ୧୫ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନ ହେଲେ ମନ୍ଦିର ସମ୍ମୁଖରେ ପରିବାର ସହ ଅନଶନରେ ବସିବେ ବୋଲି ଲିଖିତ ଭାବେ ଜଣାଇଥିଲେ।

ସୂଚନା ଅନୁଯାୟୀ, ମାହାସୁଲ ହେର୍‌ଫେର୍ ଘଟଣାରେ ଟିକେଟ୍ କାଉଣ୍ଟରରେ ଥିବା ଦୁଇ କର୍ମଚାରୀ ମହେଶ୍ୱର ଦେହୁରୀ ଓ ସୁରେଶ ଚନ୍ଦ୍ର ବାରିକଙ୍କ ବିରୋଧରେ ପୂଜକମାନେ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଥିଲେ। ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ତଦନ୍ତ କରି ତାଙ୍କୁ ପ୍ରଥମେ କାର୍ଯ୍ୟସ୍ଥଳରୁ ଅପସାରଣ କରି କାର୍ଯ୍ୟାଳୟରେ ଆଣି ବସାଇଥିଲେ। ପରେ ତାଙ୍କୁ କୈଫିୟତ ମାଗିଥିଲେ। କୈଫିୟତ ମଗାଯିବା ପରେ ନଭେମ୍ବର ୧୫ରୁ ୩୦ପର୍ଯ୍ୟନ୍ତ ଲମ୍ବାଛୁଟିରେ ଉଭୟ ଚାଲିଯାଇଥିଲେ। ପୁନର୍ବାର ଡିସେମ୍ବର ୧ରେ ଅଫିସ ଆସିଥିଲେ ବି ଉଭୟଙ୍କୁ କୌଣସି କାର୍ଯ୍ୟ ଦିଆଯାଇ ନ ଥିଲା। ଘଟଣାରେ ଶୀଥିଳତା ଜାଣି ପୂଜକ ତଥା ସେବାୟତ ସଂଘ ଏ ସମ୍ପର୍କରେ ମନ୍ଦିର ପ୍ରଶାସନକୁ ଭେଟି ଜଣାଇଥିଲେ। ଘଟଣା ପାଇଁ ମନ୍ଦିର ପ୍ରଶାସନକୁ ଦାୟୀ କରି ଚରମ ନିଷ୍ପତ୍ତି ଗ୍ରହଣ ଲାଗି ଅନଶନରେ ବସିବାକୁ ପରିବାର ଚେତାବନୀ ଦେଇଥିଲେ। ପୂଜକ ସଂଘ ପକ୍ଷରୁ ମନ୍ଦିର ପ୍ରଶାସନକୁ ଦାବିପତ୍ର ଦିଆଯିବାର ୨ ଦିନ ପରେ ସମ୍ପୃକ୍ତ ୨ କର୍ମଚାରୀଙ୍କୁ ମନ୍ଦିର ପ୍ରଶାସନ ବହିଷ୍କୃତ ନିଷ୍ପତ୍ତି ଗ୍ରହଣ କରିଥିବା ସାଧାରଣରେ ଆଲୋଚନା ହେଉଛି। ଏ ସମ୍ପର୍କରେ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ରଙ୍କୁ ପଚାରିବାରୁ ଘଟଣାର ତଦନ୍ତ ପରେ ଶନିବାର ୨ କର୍ମଚାରୀଙ୍କୁ ବହିଷ୍କୃତ କରାଯାଇଥିବା ସେ ପ୍ରକାଶ କରିଛନ୍ତି।




# ମନ୍ତ୍ରୀଙ୍କୁ ଗୁହାରି କରିବାକୁ ୨୫ କି.ମି. ଚାଲିଲେ

ରାୟଗଡ଼ା,୯।୧୨(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ସଦର ବ୍ଲକ୍ ବଡ଼ରାଇସିଂ ଆଶ୍ରମ ସ୍କୁଲ ହଷ୍ଟେଲରେ ଅନେକ ଅବ୍ୟବସ୍ଥା ଲାଗି ରହିଛି। ହଷ୍ଟେଲରେ ଅନ୍ତେବାସୀଙ୍କୁ ଠିକ୍ ସମୟରେ ଖାଇବାକୁ ଦିଆଯାଉ ନାହିଁ। ସେମାନେ ଖାଇବାକୁ ମାଗିଲେ ବିଦ୍ୟାଳୟ କର୍ତ୍ତୃପକ୍ଷ ମାଡ଼ ମାରୁଥିବା ଛାତ୍ରମାନେ ଅଭିଯୋଗ କରିଛନ୍ତି। ଫଳରେ ବାଧ୍ୟହୋଇ ହଷ୍ଟେଲରେ ରହୁଥିବା ୧୪ ଛାତ୍ର ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ନ ଜଣାଇ ଶନିବାର ଭୋର ୩ଟାରୁ ଲୁଚିକରି ହଷ୍ଟେଲ ଗେଟ୍ ଡେଇଁ ପ୍ରାୟ ୨୫ କି.ମି . ଚାଲି ଚାଲି ରାୟଗଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ଜିଲାପାଳ ଅନୁପସ୍ଥିତ ଥିବାରୁ ସର୍କିଟ ହାଉସ୍‌ରେ ଅନୁସୂଚିତ ଜନଜାତି ଓ ଜାତି ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କୁ ଭେଟି ସମସ୍ୟା ଜଣାଇଛନ୍ତି। ସେମାନଙ୍କୁ ଠିକ୍ ସମୟରେ ଖାଇବାକୁ ଦିଆଯାଉ ନାହିଁ, ସରକାରଙ୍କ ପକ୍ଷରୁ ମିଳୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ତେଲ, ସାବୁନ ମଧ୍ୟ ଦିଆଯାଉ ନାହିଁ। ସେମାନେ ମାଗିଲେ ପ୍ରଧାନ ଶିକ୍ଷକ ବିଶ୍ୱାମିତ୍ର ସୁନା ସେମାନଙ୍କୁ ମାଡ଼ ମାରିବା ସହ ସ୍କୁଲରୁ ବିତାଡ଼ିତ କରିବା ଭୟ ଦେଖାଉଛନ୍ତି। ଏପରିକି ସ୍କୁଲରେ ଶିକ୍ଷୟିତ୍ରୀ ଶିକ୍ଷକ ତେଲୁଗୁ ଭାଷାରେ ପାଠ ପଢ଼ାଉଛନ୍ତି । ସେମାନେ ପାଠ ବୁଝିପାରୁ ନ ଥିବା କହିଲେ ସ୍କୁଲରୁ ବାହାର କରିଦେବାକୁ ଧମକ ଦେଉଛନ୍ତି। ତେଣୁ ବାଧ୍ୟହୋଇ ଜିଲାପାଳଙ୍କୁ ଭେଟି ସମସ୍ୟା ଜଣାଇବାକୁ ଆସିଥିବା ମନ୍ତ୍ରୀଙ୍କୁ ଛାତ୍ରମାନେ କହିଛନ୍ତି।

ଜିଲାର ବିଭିନ୍ନ ଅଞ୍ଚଳରୁ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ୨୪୦ ଛାତ୍ରୀଛାତ୍ର ବଡ଼ରାଇସିଂ ଆଶ୍ରମ ସ୍କୁଲ ହଷ୍ଟେଲରେ ରହୁଛନ୍ତି। ପ୍ରଥମରୁ ଅଷ୍ଟମ ଶ୍ରେଣୀର ଛାତ୍ରୀଛାତ୍ର ସେଠାରେ ରହି ଅଧ୍ୟୟନ କରୁଛନ୍ତି। ଏଥିପୂର୍ବରୁ ପ୍ରଧାନ ଶିକ୍ଷକ ବିଶ୍ୱାମିତ୍ର ସୁନାଙ୍କ ନାମରେ ଅନେକ ଅଭିଯୋଗ ରହିଛି। ରାୟଗଡ଼ା ସହର ଉପକଣ୍ଠ କଟଲାଗୁଡ଼ାସ୍ଥିତ ଅନ୍ୱେଷା ହଷ୍ଟେଲ ଛାତ୍ରୀଛାତ୍ର ସେପ୍ଟେମ୍ବର ୨୪ରେ ଜିଲାପାଳଙ୍କୁ ଭେଟି ସମାନ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ପ୍ରଧାନ ଶିକ୍ଷକ ବିଶ୍ୱାମିତ୍ର ସୁନା କହିଛନ୍ତି, ଖାଇବା ପାଇଁ ପିଲାଙ୍କୁ ଠିକ୍ ଭାବରେ ଦିଆଯାଉଛି। ପିଲାଙ୍କୁ ମାଡ଼ ମରାଯିବା ଅଭିଯୋଗକୁ ସେ ଖଣ୍ଡନ କରିଛନ୍ତି। ଏ ସମ୍ପର୍କରେ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ମନ୍ତ୍ରୀ ସାରକା କହିଛନ୍ତି, ଉକ୍ତ ସ୍କୁଲରେ ତେଲୁଗୁ ଭାଷାରେ ପାଠ ପଢ଼ାଯାଉଥିବା ଏବଂ ସ୍କୁଲରେ ମାଡ଼ ମରାଯାଉଥିବା ପିଲାମାନେ ଅଭିଯୋଗ କରିଛନ୍ତି। ଘଟଣାର ତଦନ୍ତ କରାଯାଇ ସମ୍ପୃକ୍ତ ପ୍ରଧାନ ଶିକ୍ଷକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ସେ ବୋଲି କହିଛନ୍ତି।


ମନ୍ତ୍ରୀ ଜଗନ୍ନାଥ ସାରକାଙ୍କୁ ଛାତ୍ରମାନେ ସମସ୍ୟା ଜଣାଉଛନ୍ତି ।

# ସ୍ତ୍ରୀର କଟାମୁଣ୍ଡ ଧରି ଥାନାରେ ସ୍ୱାମୀ

ନୟାଗଡ଼/ଦଶପଲ୍ଲା, ୯।୧୨
(ଲୋକନାଥ ମିଶ୍ର/ ପ୍ରକାଶ କୁମାର ପାଣି)

**ହତ୍ୟାରେ ବ୍ୟବହୃତ କଟୁରି ବି ଆଣିଥିଲେ**

**■ ପୋଲିସକୁ ହତ୍ୟାର ଡେମୋ ଦେଖାଇଲେ**

ସ୍ତ୍ରୀର କଟାମୁଣ୍ଡ ଧରି ଜଣେ ଯୁବକ ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ବାଣିଗୋଛା ଥାନାରେ ଶନିବାର ସନ୍ଧ୍ୟାରେ ଆତ୍ମ ସମର୍ପଣ କରିଛନ୍ତି। ସେ ଏକ ଜରିରେ କଟା ମୁଣ୍ଡ ଓ ହତ୍ୟାରେ ବ୍ୟବହୃତ କଟୁରିକୁ ନେଇ ଥାନାରେ ପହଞ୍ଚି ଥିଲେ। ପୋଲିସ ସମ୍ପୃକ୍ତ ଯୁବକଙ୍କୁ କିଛି ପ୍ରଶ୍ନ ପଚାରିବା ପୂର୍ବରୁ ସେ ଜଣେ ମହିଳାଙ୍କ କଟାମୁଣ୍ଡ ଓ କଟୁରିକୁ ପୋଲିସକୁ ହସ୍ତାନ୍ତର କରିଥିଲେ। ଏହା ଦେଖି ପୋଲିସ ଆଶ୍ଚର୍ଯ୍ୟ ହୋଇଥିଲା। ଉକ୍ତ ଥାନା ଅଧୀନ କୁଜାମେଣ୍ଢି ପଞ୍ଚାୟତ ବିଡାପାଙ୍କୁ ଗାଁରେ ଏହି ଅଭାବନୀୟ ଘଟଣା ଘଟିଛି। ମୃତକ ହେଲେ ବିଡାପାଙ୍କୁ ଗାଁର ଧରିତ୍ରୀ ବାଗ୍ (୨୫)। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ତାଙ୍କ ସ୍ୱାମୀ ଅର୍ଜୁନ ବାଗ(୩୫)ଙ୍କୁ ପୋଲିସ ଗିରଫ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣା ନୟାଗଡ଼ ଜିଲାରେ ପ୍ରଥମ ବୋଲି କୁହାଯାଉଛି।

ସୂଚନା ଅନୁଯାୟୀ, ବିଡାପାଙ୍କୁ ଗାଁର ଅର୍ଜୁନ ବାଗ୍ ୨୦୧୮ରେ ଧରିତ୍ରୀଙ୍କୁ ବିବାହ କରିଥିଲେ। ପରିବାର ଚଳାଇବା ପାଇଁ ଗାଁ ପାଖ କଙ୍କଣମେଣ୍ଢିଠାରେ ସେ ଏକ ଦୋକାନ କରିଛନ୍ତି। ଏହି ଦମ୍ପତିଙ୍କ ୪ ବର୍ଷର ପୁଅ ଓ ୩ ମାସର ଏକ ଝିଅ ଅଛନ୍ତି। ସେମାନଙ୍କ ଛୋଟ ପରିବାର ହସଖୁସିରେ କିଛିଦିନ ଚାଲିଥିଲା। ତେବେ ସ୍ତ୍ରୀଙ୍କ ପରକୀୟା ପ୍ରୀତି ସମ୍ପର୍କରେ ଅର୍ଜୁନ ଜାଣିବା ପରେ ଅଶାନ୍ତି ଲାଗି ରହିଥିଲା। ଏହାକୁ ନେଇ କିଛିଦିନ ହେଲା ଅର୍ଜୁନ ଚିନ୍ତାରେ ଥିଲେ। ଏପରି କି ଦୋକାନ ମଧ୍ୟ ଠିକ୍‌ରେ ଖୋଲୁ ନ ଥିଲେ। ଏହି ଘଟଣାକୁ ନେଇ ଶନିବାର ଅପରାହ୍ନରେ ଧରିତ୍ରୀଙ୍କ ସହିତ ତାଙ୍କର ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍ୟକ୍ତ ହୋଇ ଅର୍ଜୁନ ଏକ କଟୁରିରେ ତାଙ୍କ ମୁଣ୍ଡରୁ ଗଣ୍ଡିକୁ ଅଲଗା କରି ଦେଇଥିଲେ। ପରେ କଟାମୁଣ୍ଡ ଧରି ବାଣିଗୋଛା ଥାନାରେ ପହଞ୍ଚି ଆତ୍ମସମର୍ପଣ କରିଥିଲେ। ଥାନାରେ ହତ୍ୟାର କାରଣ କହିବା ସହ କଟାମୁଣ୍ଡ ଓ ହତ୍ୟାରେ ବ୍ୟବହୃତ କଟୁରିକୁ ହସ୍ତାନ୍ତର କରିଥିଲେ। ଏପରି କି ଅର୍ଜୁନ ପୋଲିସ ସହ ଘରେ ପହଞ୍ଚି କିପରି ଧରିତ୍ରୀଙ୍କୁ ହତ୍ୟା କଲେ ତା'ର ଡେମୋ ଦେଖାଇଥିଲେ। ହତ୍ୟା ଘଟଣା ସମ୍ପର୍କରେ ନୟାଗଡ଼ ଏସ୍‌ଡିପିଓ ସ୍ନେହାଶିଷ ସାହୁ କୁହନ୍ତି, ହତ୍ୟାର ପ୍ରକୃତ କାରଣକୁ ନେଇ ପୋଲିସ ତଦନ୍ତ କରୁଛି। ସ୍ତ୍ରୀର କଟାମୁଣ୍ଡ ଧରି ଅର୍ଜୁନ ଥାନାରେ ପହଞ୍ଚି ଥିଲେ। ପୋଲିସକୁ ହତ୍ୟାକାରୀ ସହଯୋଗ କରୁଛନ୍ତି ବୋଲି ସେ କହିଛନ୍ତି। ରବିବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ସୂଚନା ମିଳିଛି।



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ରାଜ୍ୟରେ କମୁଛି ...

ପ୍ରଥମ ପୃଷ୍ଠାରୁ...

ସେହିଭଳି ପ୍ରଜନନ ବୟସ ବର୍ଗର ମହିଳାଙ୍କ ସଂଖ୍ୟା ମଧ୍ୟ ଆହୁରି କମିବ ବୋଲି ଆଶା କରାଯାଉଛି। ୨୦୨୧ରେ ଏହି ବର୍ଗର ମହିଳାଙ୍କ ସଂଖ୍ୟା ୫୫% ଥିବାବେଳେ ୨୦୩୬ରେ ତାହା ୫୧% ରହିବ ବୋଲି ଆକଳନ କରାଯାଇଛି। ନ୍ୟାଶନାଲ ଫ୍ୟାମିଲି ହେଲ୍‌ଥ ସର୍ଭେ-୫(ଏନ୍‌ଏଫ୍‌ଏଚ୍‌ଏସ୍-୫) ରିପୋର୍ଟ ଅନୁସାରେ, ଓଡ଼ିଶାରେ ୫ବର୍ଷରୁ କମ୍ ବୟସର ୩୧% ଶିଶୁଙ୍କ ରୁଗ୍‌ଣ ବା ଦୁର୍ବଳ ସ୍ୱାସ୍ଥ୍ୟ ରହିଥିବାବେଳେ ୧୮.୧% ଶିଶୁ ମୃତ୍ୟୁବରଣ ହୋଇଛନ୍ତି। ଏପରି କି ୨୯.୭% ଶିଶୁଙ୍କର କମ୍ ଓଜନ ରହିଛି। ତେବେ ରକ୍ତହୀନତା ଏବଂ ଅପପୁଷ୍ଟି ଯୋଗୁ ବଲାଙ୍ଗୀର, ବୌଦ୍ଧ, କେନ୍ଦୁଝର, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ମୟୂରଭଞ୍ଜ, ରାୟଗଡ଼ା, ସମ୍ବଲପୁର ଏବଂ ସୁବର୍ଣ୍ଣପୁର ଆଦି ୧୦ଜିଲା ଏବେ ଓଡ଼ିଶାର ହଟ୍‌ସ୍ପଟ ଜିଲା। ତେଣୁ ଏସବୁ ଜିଲା ପ୍ରତି ତୁରନ୍ତ ପଦକ୍ଷେପ ନେବାକୁ ପଡ଼ିବ। ଓଡ଼ିଶାରେ ୬୪.୪% ପ୍ରଜନନ ବର୍ଗର ମହିଳାଙ୍କଠାରେ ରକ୍ତହୀନତା ଦେଖାଯାଇଥିବାବେଳେ ୬୧.୮% ଗର୍ଭବତୀଙ୍କ ଠାରେ ମଧ୍ୟ ଏହା ଦେଖାଯାଇଛି। ଏନ୍‌ଏଫ୍‌ଏଚ୍‌ଏସ୍-୫ ରିପୋର୍ଟ(୨୦୧୯–୨୧) ଅନୁସାରେ ଓଡ଼ିଶାରେ ପ୍ରଜନନ ବର୍ଗ(୧୫–୪୯ବୟସ)ର ଦୁଇ ତୃତୀୟାଂଶ ମହିଳାଙ୍କଠାରେ ରକ୍ତହୀନତା ଦେଖାଯାଇଥିଲା। ଆଦିବାସୀ ଅଞ୍ଚଳରେ ଏହା ୭୧.୭% ରହିଛି। ଖାଦ୍ୟରେ ଲୌହ ସାର ବା ଆଇରନ୍‌ର ଅଭାବ, କୃମି ସଂକ୍ରମଣ, ଗର୍ଭଧାରଣ ଏବଂ ମାସିକ ଋତୁସ୍ରାବ ସମୟରେ ଆଇରନ କମିବା ଆଦି ରକ୍ତହୀନତାର ପ୍ରାଥମିକ କାରଣ ବୋଲି ଜଣାପଡ଼ିଛି। ସେପଟେ ରାଜ୍ୟରେ ଶିଶୁ ମୃତ୍ୟୁ ହାର କମିବ ବୋଲି ଆଶା କରାଯାଉଛି। ୨୦୧୯–୨୧ରେ ଏହି ହାର ୩୪ ଥିବା ବେଳେ ୨୦୩୧–୩୫ରେ ତାହା ୨୦କୁ ଖସିଆସିବ ବୋଲି ଆକଳନ କରାଯାଇଛି।

### ଓଡ଼ିଶାରେ ୧୧,୯୪୦ ...

୨,୬୮,୦୩୮ ମାମଲା ବିଚାର ପାଇଁ ଆସିଥିବାବେଳେ ସେଥିରୁ ମାତ୍ର ୮,୯୦୯ ମାମଲା ଫଇସଲା ହୋଇଛି। ଫାଷ୍ଟ–ଟ୍ରାକ୍ କୋର୍ଟଗୁଡ଼ିକ ୨୦୨୬ ପର୍ଯ୍ୟନ୍ତ ଜାରି ରହିବା ଲାଗି କେନ୍ଦ୍ର ନିକଟରେ ୧,୯୦୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଅଧ୍ୟୟନରୁ ଜଣାପଡ଼ିଛି ଯେ, ଦେଶର ପ୍ରତି ଏଫ୍‌ଟିଏସ୍‌ସିରେ ବର୍ଷକୁ ହାରାହାରି ୨୮ଟି ମାମଲା ଫଇସଲା ହେଉଛି। ଅର୍ଥାତ୍ ଗୋଟିଏ ମାମଲାରେ ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ କରିବାରେ ପ୍ରାୟ ୯ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। ଆଇନ ଓ ନ୍ୟାୟ ମନ୍ତ୍ରଣାଳୟ, ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଏବଂ ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ ତଥ୍ୟ ଆଧାରରେ ଉକ୍ତ ରିପୋର୍ଟ ପ୍ରସ୍ତୁତ ହୋଇଛି। ସୁପ୍ରିମକୋର୍ଟଙ୍କ ଏକ ରାୟ ଅନୁଯାୟୀ ବାଲ୍ୟ ବିବାହ ବଳାତ୍କାର ସହ ସମାନ। ୨୦୧୧ ଜନଗଣନା ରିପୋର୍ଟ ଅନୁଯାୟୀ ଦେଶରେ ଦିନକୁ ୪,୪୪୨ ନାବାଳିକାଙ୍କୁ ବାହା କରାଇ ଦିଆଯାଉଛି, ଅର୍ଥାତ ପ୍ରତି ମିନିଟ୍‌ରେ ୩ ନାବାଳିକା ବିବାହ କରୁଛନ୍ତି। ମାତ୍ର ୩% ମାମଲା ଫଇସଲା ହେଲେ ପ୍ରତି ପିଲାଙ୍କୁ ନ୍ୟାୟ ଦେବା ଲାଗି ଆଇନର ଉଦ୍ଦେଶ୍ୟ ସାଧିତ ହୋଇପାରିବ ନାହିଁ ବୋଲି ଆଇସିପିଏଡ୍ ପ୍ରତିଷ୍ଠାତା ଭୁବନ ରିଭୁ କହିଛନ୍ତି।

### କାଶ୍‌ଭି ଗୌତମ ...

ନେବାର ରେକର୍ଡ କରିଥିଲେ କାଶ୍‌ଭି। ସେହିପରି ନିକଟରେ ଶେଷ ହୋଇଥିବା ଜାତୀୟ ମହିଳା ଟି୨୦ ଚାମ୍ପିୟନଶିପ୍‌ରେ ସେ ୭ ମ୍ୟାଚରୁ ୧୨ ଉଇକେଟ ନେଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତାଙ୍କର ଇକୋନୋମୀ ୪.୧୪ ରହିଥିବା ବେଳେ ହଂକଂରେ ଅନୁଷ୍ଠିତ ୨୩ ବର୍ଷରୁ କମ୍ ଇମର୍ଜିଂ ଏସିଆ କପ୍ ପାଇଁ ଭାରତୀୟ ଦଳରେ ସ୍ଥାନ ମିଳିଥିଲା। ଏପରିକି ଇଂଲଣ୍ଡ ବିପକ୍ଷରେ ଖେଳା ଯାଇଥିବା ୩ ମ୍ୟାଚ ବିଶିଷ୍ଟ ସିରିଜରେ ସେ ଭାରତ 'ଏ' ଦଳରେ ସ୍ଥାନ ପାଇଥିଲେ। ଏହି ସିରିଜରେ କାଶ୍‌ଭି ୨ ମ୍ୟାଚ୍ ଖେଳି ୩ଟି ଉଇକେଟ ନେଇଥିଲେ। ଶନିବାର ନିଲାମୀରେ କାଶ୍‌ଭିଙ୍କୁ କିଣିବା ପାଇଁ ଗୁଜରାଟ, ୟୁପି ୱାରିୟର୍ଜ ଓ ଆରସିବି ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଲାଗିଥିଲା। କାଶ୍‌ଭିଙ୍କ ମୂଲ୍ୟ ୭୫ ଲକ୍ଷରେ ପହଞ୍ଚିବା ପରେ ୟୁପି ବିଡ୍‌ରେ ସାମିଲ ହୋଇଥିଲା। ତେବେ ୨ କୋଟି ପହଞ୍ଚିବା ପରେ ୟୁପି ଓହରି ଯାଇଥିଲା। ୧୪ ବର୍ଷରୁ କ୍ରିକେଟ ଖେଳିବା ଆରମ୍ଭ କରିଥିବା କାଶ୍‌ଭି ୨୦୨୦ରେ ଅରୁଣାଚଳ ପ୍ରଦେଶ ବିପକ୍ଷରେ ଗୋଟିଏ ଇନିଂସରେ ସମସ୍ତ ୧୦ ଉଇକେଟ ନେଇଥିଲେ। ନିଲାମୀରେ କାଶ୍‌ଭିଙ୍କ ବ୍ୟତୀତ ଆଉ ଜଣେ ଅନକ୍ୟାପ୍‌ଡ ଖେଳାଳି ବ୍ରିନ୍ଦା ଦୀନେଶ ୧.୩ କୋଟି ଟଙ୍କାରେ ୟୁପି ୱାରିୟର୍ଜଙ୍କୁ ବିକ୍ରି ହୋଇଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜିର କାମଗୁଡ଼ିକୁ ପୂରା ଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେବେ। ଅଶ୍ୱିନୀ ନକ୍ଷତ୍ରର ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବ, କିନ୍ତୁ ସମ୍ପୂର୍ଣ୍ଣ ନୁହେଁ। ଜଳ, ତୈଳ, ବିଦ୍ୟୁତ୍ ବ୍ୟବସାୟରୁ ଲାଭବାନ ହେବେ। ରାଜନୀତିରେ କୂଟନୀତି ପ୍ରୟୋଗ କରି କାର୍ଯ୍ୟ ସାଧନ କରିବେ। ବିଳାସ ବ୍ୟସନ ମଧ୍ୟରେ ସମୟ ଅତିବାହିତ ହେବାର ସୂଚନା ରହିଛି।

**ବୃଷ** – ନିଜର ସମ୍ପର୍କୀୟମାନଙ୍କ ସହଯୋଗରୁ ଉପକୃତ ହେବେ। କୃତ୍ତିକା ନକ୍ଷତ୍ର ପାଖପଡ଼ୋଶୀଙ୍କ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାରେ ପଡ଼ିବେ। ବନ୍ଧୁଙ୍କ ଦ୍ୱାରା ନିମନ୍ତ୍ରିତ ହୋଇ ହଠାତ୍ ଯାତ୍ରା କରିବାକୁ ପଡ଼ିପାରେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ବଦାନ୍ୟତାରୁ କାମ ହୋଇଯିବ।

**ମିଥୁନ** – ପ୍ରତ୍ୟେକ କ୍ଷେତ୍ରରେ ସତର୍କରେ ଚଳନ୍ତୁ ନଚେତ୍ ଝାମେଲା ବଢ଼ି ଯାଇପାରେ। ପରିବାରର ଖର୍ଚ୍ଚ ପରିମାଣ ଦିଗୁଣା ହୋଇପାରେ, ଯାହାକି ଦୁଶ୍ଚିନ୍ତାର କାରଣ ହେବ। ମୃଗଶିରା ନକ୍ଷତ୍ର ବ୍ୟବସାୟରେ ସଫଳତା ହାସଲ କରିପାରିବେ। ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ।

**କର୍କଟ** – କର୍ମକ୍ଷେତ୍ରରେ ସହକର୍ମୀ ହଇରାଣରେ ପକାଇବାକୁ ଚେଷ୍ଟା କରିବେ। ବିଭିନ୍ନ କ୍ଷେତ୍ରରୁ ଅଭିଯୋଗ ଆସିପାରେ। ଘର କଥାନେଇ ସ୍ତ୍ରୀଙ୍କ ସହ ଆଲୋଚନା କଲେ ଆଶଙ୍କା ଅପରାହ୍ନେ ଦୂର ହୋଇଯିବ। ପୁଷ୍ୟା ନକ୍ଷତ୍ର ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ।

**ସିଂହ** – ବନ୍ଧୁଙ୍କ ପରାମର୍ଶରେ ଇଚ୍ଛା ନ ଥିଲେ ମଧ୍ୟ ଭ୍ରମଣରେ ଯିବା ପାଇଁ ବାଧ୍ୟ ହୋଇପାରନ୍ତି। ଅଶାନ୍ତ ମନ ବନ୍ଧୁଙ୍କ ସହ ଆଳାପ ଆଲୋଚନା ପରେ ପରେ ଶାନ୍ତ ହେବ। ମଘା ନକ୍ଷତ୍ର ସ୍ୱାଧୀନ ଭାବରେ କାର୍ଯ୍ୟ କରିବାରେ ସୁଯୋଗ ପାଇବେ। ଆତ୍ମବଳ ଅଭାବରୁ ଧୀରେ ସୁସ୍ଥେ କାମ କରିବାକୁ ପଡ଼ିବ।

**କନ୍ୟା** – କଠିନ ଶ୍ରମ ସାଙ୍ଗକୁ ଅନିଦ୍ରାହେତୁକ ସ୍ୱାସ୍ଥ୍ୟରେ ସମାନ୍ୟ ବ୍ୟତିକ୍ରମ ଦେଖାଦେବ। ଯାତ୍ରା ସମୟରେ ଅପରିଚିତ ଲୋକଟି ନିକଟରୁ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ଆକସ୍ମିକ ଭାବରେ ଇଚ୍ଛା କରୁଥିବା ଜିନିଷଟି ପାଇ ଖୁସି ହେବେ। ହସ୍ତା ନକ୍ଷତ୍ର ସକାଶେ ବ୍ୟବସାୟିକ ସ୍ଥିତି ପ୍ରାୟତଃ ଭଲ ରହିବ।

**ତୁଳା** – ପିଲାର ସ୍ୱାସ୍ଥ୍ୟ ବାରମ୍ବାର ଖରାପ ହେଉଥିବାରୁ ମନ ଭଲ ରହିବ ନାହିଁ। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ସ୍ୱାତୀ ନକ୍ଷତ୍ର ମାତ୍ରାଧିକ ଭ୍ରମଣ ଯୋଗୁ ଆଳସ୍ୟ ଅନୁଭବ କରିବେ। ସମସ୍ୟାର ସମାଧାନ ହୋଇଯିବ ଏବଂ ବ୍ୟବସାୟରେ ବିଶେଷ ଉନ୍ନତି ପରିଲକ୍ଷିତ ହେବ।

**ବିଛା** – କର୍ମକ୍ଷେତ୍ରରେ ସମସ୍ୟା ସମାଧାନ କରିବାରେ ସଫଳତା ହାସଲ କରିବେ। ଅନୁରାଧା ନକ୍ଷତ୍ର କଳା, ସାହିତ୍ୟ ଓ ରାଜନୀତି କ୍ଷେତ୍ରରେ ବେଶ୍ ଆଦୃତ ହେବେ। ସାଙ୍ଗଠନିକ କାର୍ଯ୍ୟରେ, ସଭା ସମିତିରେ, ନେତୃତ୍ୱ ନେଲେ ପ୍ରଶଂସିତ ହେବେ। ପରିସ୍ଥିତିରେ ପଡ଼ି ବହୁତ ଟଙ୍କା ଖର୍ଚ୍ଚକରି ଦୁଃଖିତ ହୋଇପାରନ୍ତି।

**ଧନୁ** – ଏକ ଭିନ୍ନ ପରିସ୍ଥିତିରେ ଭଙ୍ଗା ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ପ୍ରତିଯୋଗିତାରେ ସଫଳତା ହାସଲ କରିବା ସହ ଶିଳ୍ପ,ବାଣିଜ୍ୟରେ ଉନ୍ନତି କରିବେ। ପାରିବାରିକ ସମସ୍ୟାର ସରଳ ସମାଧାନ କରିବାରେ ବନ୍ଧୁଙ୍କ ଅବଦାନ ରହିବ। ପୂର୍ବାଷାଢ଼ା ନକ୍ଷତ୍ର ସନ୍ତାନଙ୍କ ଗୌରବରେ ଗୌରବାନ୍ୱିତ ହୋଇପାରନ୍ତି।

**ମକର** – ଅଟକି ରହିଥିବା କାମଗୁଡ଼ିକ ବନ୍ଧୁ ସୁବିଧାରେ କରାଇ ଦେଇପାରନ୍ତି। ଉତ୍ତରାଷାଢ଼ା ନକ୍ଷତ୍ରର ପରିବହନ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ଜମିଜମା କିମ୍ବା ଘରସୀମାକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବା ସହିତ ସହଜରେ କାମ ହାସଲ କରିବେ।

**କୁମ୍ଭ** – ବନ୍ଧୁମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ସତ୍‌ସଙ୍ଗ ଓ ଭ୍ରମଣ ସୁଯୋଗ ପାଇବେ। ବିବାଦୀୟ ଘଟଣା ଭିନ୍ନ ଆକାର ଧାରଣ କରିବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ଶତଭିଷା ନକ୍ଷତ୍ର ସାମୟିକ ଭାବରେ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ।

**ମୀନ** – ଉତ୍ତରଭାଦ୍ରବ ନକ୍ଷତ୍ରର ପାରିବାରିକ ପ୍ରତିରୋଧ ହେତୁ କାମଗୁଡ଼ିକ ଅଟକିଯିବ। ଆତ୍ମୀୟଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବାରୁ ସାମୟିକ ମନ ଖୁସି ରହିବ। ଆଲୋଚନା ଅନୁଯାୟୀ ଆଜିର କାମଗୁଡ଼ିକ ସବୁ ଠିକ୍ ଠିକ୍ ହୋଇଯିବ। ଆକସ୍ମିକ ଭାବରେ ଗସ୍ତ କାର୍ଯ୍ୟକ୍ରମ ବଦଳି ଯାଇପାରେ।

ମାର୍ଗଶିର କୃଷ୍ଣ ତ୍ରୟୋଦଶୀ ରବିବାର, ଡିସେମ୍ବର ୧୦ ତାରିଖ, ବିଶ୍ୱ ମାନବାଧିକାର ଦିବସ, ରାଶି ନକ୍ଷତ୍ର–ସ୍ୱାତୀ/ତୁଳା, ଦିବା ଘ.୧୧।୪୮ ଗତେ ବିଶାଖା ନକ୍ଷତ୍ର, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬।୫୭ ଗତେ ଘ.୦୯।୦୭ ମଧ୍ୟେ, ଘ.୦୧।୦୦ ଗତେ ଘ.୦୨।୫୪ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଘ.୦୩।୪୩ ଗତେ ଘ.୦୫।୦୪ ମଧ୍ୟେ ରାହୁକାଳ।

# ବିଜୁବାବୁଙ୍କ ପ୍ରତିମୂର୍ତ୍ତିରୁ ଚଷମା କାଢ଼ିଲେ, କାନ୍ଧରେ ହାତ ପକାଇ ରିଲ୍ସ କଲେ

ରାଜନଗର,୯।୧୨ (ଭାସ୍କର ରାଉତରାୟ)

ପ୍ରବାଦ ପୁରୁଷ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରୁ ଚଷମା କାଢିଲେ। ତାଙ୍କ କାନ୍ଧରେ ହାତ ରଖି ରିଲ୍ସ କଲେ। ଏହି ଭିଡିଓକୁ ସୋସିଆଲ ମିଡ଼ିଆ ଅପ୍‌ଲୋଡ୍ କରାଗଲା। ଯାହା ଏବେ ଗୋଟିଏ ମୋବାଇଲରୁ ଅନ୍ୟ ମୋବାଇଲକୁ ଘୂରି ବୁଲୁଛି। ସ୍ଥାନୀୟ ଏକ କଲେଜର ଜଣେ ଛାତ୍ରଙ୍କ ଏପରି କାରନାମାକୁ ନେଇ ବିବାଦ ଆରମ୍ଭ ହୋଇଛି। ପୂଜ୍ୟପୂଜାଙ୍କ ପ୍ରତି ଏପରି ଅସମ୍ମାନକୁ ନେଇ ରାଜନଗରରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ଉକ୍ତ ମହାବିଦ୍ୟାଳୟରେ ଶୃଙ୍ଖଳା କମିଟି ବୈଠକ ବସିଥିଲା। ନିଜର ଭୁଲ୍ ବୁଝିପାରି ବିଜୁବାବୁଙ୍କ ପ୍ରତିମୂର୍ତ୍ତି ନିକଟରେ ନତମସ୍ତକ ହୋଇ ସମ୍ପୃକ୍ତ ଛାତ୍ର କ୍ଷମା ପ୍ରାର୍ଥନା କରିବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ସୂଚନା ଅନୁଯାୟୀ, କେନ୍ଦ୍ରାପଡ଼ା ଜିଲା ରାଜନଗରସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ପରିସରରେ ପ୍ରବାଦପୁରୁଷ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ରହିଛି। ଏହି କଲେଜର ଯୁକ୍ତ ୩ ଶେଷ ବର୍ଷର ଛାତ୍ର ଆଜାଦ୍ କୁମାର ଦାସଙ୍କୁ ଦିନେ ରିଲ୍ସ ନିଶା ଘାରିଥିଲା। ସେ ବିଜୁବାବୁଙ୍କ ମଣ୍ଡପ ଉପରେ ଚଢ଼ି ପ୍ରତିମୂର୍ତ୍ତିରୁ ଚଷମା କାଢିବା ସହିତ ତାଙ୍କ କାନ୍ଧରେ ହାତ ପକାଇ ରିଲ୍ସ କରିଥିଲେ। ସେହି ରିଲ୍ସକୁ ସେ ସୋସିଆଲ ମିଡ଼ିଆରେ ଛାଡି ଦେଇଥିଲେ।

ଏହି ରିଲ୍ସ ସୋସିଆଲ ମିଡ଼ିଆରେ ଭାଇରାଲ ହେବାପରେ ସମଗ୍ର ରାଜନଗରରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏ କଥା ଜାଣିବା ପରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଅତୁଳ ବଳ ମହାବିଦ୍ୟାଳୟର ଶୃଙ୍ଖଳା କମିଟି ବୈଠକ ଡାକିଥିଲେ। ଶୃଙ୍ଖଳା କମିଟିର ବୈଠକରେ ସଦସ୍ୟ ଅଧ୍ୟାପକ ପ୍ରଣୟ କୁମାର ବେହେରା, ଅଭିମନ୍ୟୁ ରାଉତ, ପର୍ଶୁରାମ ନାଥ, ଅଧ୍ୟାପିକା ଅନୁସୂୟା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ରିଲ୍ସ କରିଥିବା ଛାତ୍ରଙ୍କ ପରିବାର ଲୋକେ ଓ ଆଜାଦ୍ ରିଲ୍ସ କରୁଥିବା ବେଳେ ତାକୁ ଭିଡିଓ କରିଥିବା ଯୁବକଙ୍କ ପରିବାର ଲୋକେ ମହାବିଦ୍ୟାଳୟରେ ପହଞ୍ଚି ଥିଲେ। ଶୃଙ୍ଖଳା କମିଟିର ନିଷ୍ପତ୍ତି ଅନୁଯାୟୀ ଉପରୋକ୍ତ ୨ ଯୁବକ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ନିକଟରେ ନତମସ୍ତକ ହୋଇ କ୍ଷମା ପ୍ରାର୍ଥନା କରିବା ସହ ପୂଜ୍ୟପୂଜାଙ୍କୁ କେବେ ବି ଅସମ୍ମାନ କରିବେ ନାହିଁ ବୋଲି ଶୃଙ୍ଖଳା କମିଟିକୁ ଜଣାଇଛନ୍ତି।





ଭୁବନେଶ୍ୱର ବରମୁଣ୍ଡା ପଡ଼ିଆଠାରେ ଆୟୋଜିତ ୨ ଦିନିଆ ପ୍ରଥମ ଓଡ଼ିଶା କନକର୍ସ ଡି' ଏଲିଗାନ୍ସକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଆୟୋଜିତ ଭିଣ୍ଟେଜ୍ ଓ କ୍ଲାସିକ୍ କାର ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ବୁଲି ଦେଖୁଛନ୍ତି। ନିକଟରେ ଅଛନ୍ତି ୫-ଟି ଓ ଆମ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍, ବିଧାୟକ ସୁଶାନ୍ତ ରାଉତ ଏବଂ ଅନନ୍ତ ନାରାୟଣ ଜେନା। ଏହି ପ୍ରଦର୍ଶନୀରେ ଦେଶର ବିଭିନ୍ନ ରାଜ୍ୟର ୫୨ଟି କାର୍ ସ୍ଥାନ ପାଇଛି।

# ୨୧,୧୭୭ ମାମଲା ଫଇସଲା

**ରାଷ୍ଟ୍ରୀୟ ଲୋକ ଅଦାଲତ**

କଟକ,୯।୧୨ (କାର୍ତ୍ତିକ ସାହୁ)

ଜାତୀୟ ଆଇନ ସେବା ପ୍ରାଧିକରଣ ପକ୍ଷରୁ ଜାରି ଲୋକ ଅଦାଲତ ସୂଚୀ ଅନୁଯାୟୀ ରାଜ୍ୟର ବିଭିନ୍ନ ଜିଲାସ୍ତରରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୨୧,୧୭୭ ମାମଲା ଫଏସଲା କରାଯାଇ ୧୭୪,୭୪,୫୯,୪୩୯ ଟଙ୍କା ଆଦାୟ ହୋଇଛି। ସେଥିମଧ୍ୟରେ ଜିଲାକୋର୍ଟ ସମେତ ତାଲୁକ ଓ ଖାଉଟି ଅଦାଲତଗୁଡ଼ିକରେ ବିଚାର ପାଇଁ ପଡ଼ି ରହିଥିବା ୧୪,୨୧୧ ମାମଲା ଓ ପ୍ରାକ୍ ମୋକଦ୍ଦମା ସ୍ତରୀୟ ୬,୯୬୬ ମାମଲା ରହିଛି। ରାଜ୍ୟ ଆଇନସେବା ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ତଥା ହାଇକୋର୍ଟ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀଙ୍କ ମାର୍ଗଦର୍ଶନରେ ଲୋକ ଅଦାଲତ ପରିଚାଳିତ ହୋଇଥିଲା। ବିଭିନ୍ନ ଅଦାଲତରେ ବିଚାର ପାଇଁ ପଡ଼ି ରହିଥିବା ମାମଲାଗୁଡ଼ିକ ମଧ୍ୟରୁ ଫଏସଲା ହୋଇଥିବା ଫୌଜଦାରି ୩୧୯, ଏନ୍ଆଇ ଆକ୍ଟ ୧୧୯୫, ଅର୍ଥ ଆଦାୟ ୫୬୦, ମୋଟର ଯାନ ଦୁର୍ଘଟଣା ୯୮୫, ଶ୍ରମ ବିବାଦ ୭୨, ବିଦ୍ୟୁତ୍ ଓ ପାଣି ବିଲ୍ ବିବାଦ ୧୨, ବୈବାହିକ ୫୧୭, ଜମିଜମା ସଂକ୍ରାନ୍ତୀୟ ୯, ଖାଉଟି ବିବାଦ ୫୩, ଅନ୍ୟାନ୍ୟ ଦେଓ୍ୱାନୀ ବିବାଦ ୧୫୮୨, ଋଣ ଆଦାୟ ୯, ରାଜ୍ୟ ଏଜୁକେସନ ଟ୍ରିବ୍ୟୁନାଲ ୧୫ ଓ ଅନ୍ୟାନ୍ୟ ଫୌଜଦାରି ୮୮୮୩ ମାମଲା ରହିଛି।

ସୂଚନାଯୋଗ୍ୟ, ପ୍ରତି ତିନି ମାସରେ ରାଷ୍ଟ୍ରୀୟ ଲୋକ ଅଦାଲତ ରାଜ୍ୟର ଜିଲାକୋର୍ଟ ସମେତ ତାଲୁକ ଓ ଖାଉଟି ଅଦାଲତଗୁଡ଼ିକରେ ଦ୍ୱିତୀୟ ଶନିବାର ଅନୁଷ୍ଠିତ ହୋଇଆସୁଛି। ଏଥିରେ ମାମଲା ବା ବିବାଦଗୁଡ଼ିକର ସମାଧାନ ପାଇଁ କୌଣସି ଖର୍ଚ୍ଚ ଦେବାକୁ ପଡ଼େ ନାହିଁ। ଲୋକ ଅଦାଲତଙ୍କ ରାୟ ବୈଧ, ଚୂଡ଼ାନ୍ତ ଓ ଅମୂଳକଯୋଗ୍ୟ। କୌଣସି ବିଚାରାଧୀନ ମୋକଦ୍ଦମାର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୋଇ ନ ପାରିଲେ ପୈଠ ହୋଇଥିବା କୋର୍ଟ ଫି' ଫେରସ୍ତ ହୋଇପାରିବ।

# ସୁକୁମାରେ ଆତ୍ମସମର୍ପଣ କଲେ ୨୦ ମାଓବାଦୀ

ମାଲକାନଗିରି, ୯।୧୨(ଦୁର୍ଯୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ ସୁକୁମା ପୋଲିସ ମୁଖ୍ୟାଳୟରେ ୫ ମହିଳାଙ୍କ ସମେତ ୨୦ ମାଓବାଦୀ ଶନିବାର ଆତ୍ମ ସମର୍ପଣ କରିଛନ୍ତି। ସେମାନେ ହେଲେ ମିଲିସିଆ ଡେପୁଟି କମାଣ୍ଡର ଉଇକା ଲକ୍ଷ୍ମା, ଡିଏକେଏମ୍ଏସ୍ ସଦସ୍ୟ ବୁଧ ରାମ, ନରସିଂହ, ଟାଙ୍ଗରୁ କୁଞ୍ଜାମ, ମିଲିସିଆ ସଦସ୍ୟ ସୋଡି ରତି, ତେଲାମ, ଅର୍ଜୁନ, ମଡକମ ସୁରେଶ, ମିଲିସିଆ ସଦସ୍ୟ କୁଞ୍ଜାମ ନନ୍ଦା, ସୋଡି ସମର, କାକୋ ଚିଲକୋ, ସୋଡି ମାଙ୍ଗୋ, କଟ୍ଟ ଅର୍ଜୁନ, କଟ୍ଟ ସୋମେ, ସୋଡି ହଡମା, ମାଡବୀ ଲଖମୁ, ଜଗତରାମ, କେଏଏମ୍ଏସ୍ ଉପାଧ୍ୟକ୍ଷ ସୋଡି ଏଙ୍କି, ସିଏନ୍ଏନ୍ଏମ ସଦସ୍ୟ ଅଜୟ ତେଲାମ ଓ କଟ୍ଟ ଫୁଲେ। ଆତ୍ମ ସମର୍ପଣ ସମୟରେ ସୁକୁମା ଏସ୍‌ପି କିରଣ ଚହ୍ୱାନ, ଏଏସ୍‌ପି ସନ୍ଦିପ ମିତ୍ତଲ, ପ୍ରଭାତ କୁମାର, ପରମେଶ୍ୱର ତିଲକବାର, ଉତ୍ତମ ପ୍ରତାପ ସିଂହ ଓ ଉତ୍ତମ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

# ଆମ ଧର୍ମଗ୍ରନ୍ଥ ଓ ସଂସ୍କୃତି ନାରୀଶକ୍ତିର କାହାଣୀରେ ପୂର୍ଣ୍ଣ

**ଉତ୍କଳିନୀର ବାର୍ଷିକ ଉତ୍ସବ**

ନୂଆଦିଲ୍ଲୀ,୯।୧୨

ଉତ୍କଳିନୀର ୪୩ତମ ବାର୍ଷିକ ଉତ୍ସବ ଶୁକ୍ରବାର ସନ୍ଧ୍ୟାରେ ନୂଆଦିଲ୍ଲୀର ସିଭିଲ୍ ସର୍ଭିସେସ ଅଫିସର୍ସ ଇନ୍‌ଷ୍ଟିଚ୍ୟୁଟ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୂଆଦିଲ୍ଲୀସ୍ଥିତ ନ୍ୟାଶନାଲ ସ୍କୁଲ୍ ଅଫ୍ ଡ୍ରାମାର ନିର୍ଦ୍ଦେଶକ ଚିତ୍ତରଞ୍ଜନ ତ୍ରିପାଠୀ କହିଥିଲେ, ଆମ ଧର୍ମଗ୍ରନ୍ଥ ଓ ସଂସ୍କୃତି ନାରୀଶକ୍ତିର କାହାଣୀରେ ପରିପୂର୍ଣ୍ଣ। ଓଡ଼ିଶାର ଯୋଗିନୀ ମନ୍ଦିର ଓଡ଼ିଆ ସମାଜର ନାରୀ ସଶକ୍ତୀକରଣର ପ୍ରମାଣ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱରର ବିକାଶ ଫାଉଣ୍ଡେଶନ ଟ୍ରଷ୍ଟ ଅଧ୍ୟକ୍ଷ ଡ. ମୃଦୁଳା ଠାକୁର ପ୍ରଧାନ ଯୋଗଦେଇଥିଲେ। ଏହି ଅବସରରେ ନୋଇଡାର ଏନ୍‌ଜିଓ ସଂସ୍ଥା ଶ୍ରୀକୃପା ଦ୍ୱାରା ପରିଚାଳିତ ଅନାଥାଶ୍ରମ ବାଲ୍ କୁଟୀରକୁ ଉତ୍କଳିନୀ ତରଫରୁ ଡ. ପ୍ରଧାନ ୨୫,୦୦୦ ଟଙ୍କାର ପ୍ରତୀକାତ୍ମକ ଦାନ ଦେଇଥିଲେ। 'ଲାବଣ୍ୟବତିର ସ୍ୱପ୍ନ' ନାଟକର ରଚୟିତା ଅଭୟ କୁମାର ଦାସଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ଦିଲ୍ଲୀ ଏନ୍‌ସିଆର୍‌ରେ ଓଡ଼ିଆ ମହିଳାମାନଙ୍କର ପରିଚୟ ସୃଷ୍ଟି କରିବାରେ ସହାୟତା କରୁଥିବା ଉତ୍କଳିନୀର ଭୂମିକା ସମ୍ପର୍କରେ ଏହାର ଅଧ୍ୟକ୍ଷ ଶ୍ରୀମତୀ ସୌଭାଗ୍ୟଲକ୍ଷ୍ମୀ ରଥ ସୂଚନା ଦେଇଥିଲେ। ଉତ୍କଳିନୀର ସମ୍ପାଦିକା ସୁଭ୍ରାଲିନା ମହାନ୍ତି ଧନ୍ୟବାଦ ଦେଇଥିଲେ।

SBC
ସମ୍ବଲପୁରୀ ବସ୍ତ୍ରାଳୟ
ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ
ଓଡ଼ିଶା ସରକାର
ବଡଦିନ ଉପଲକ୍ଷେ
ସ୍ୱତନ୍ତ୍ର ରିହାତି
୧୦% + ୨୦%
ଏହି ରିହାତି ସମ୍ବଲପୁରୀ ବସ୍ତ୍ରାଳୟର ସମସ୍ତ ବିକ୍ରୟ କେନ୍ଦ୍ର, ବିକ୍ରୟ ପ୍ରତିନିଧି ମାନଙ୍କଠାରେରେ ଉପଲବ୍ଧ ଅଟେ
ଅବଧି
୦୭.୧୨.୨୦୨୩ ରୁ ୨୧.୧୨.୨୦୨୩ ପର୍ଯ୍ୟନ୍ତ
For online purchase visit :
www.sambalpuribastralaya.com

DSPL-
"ଅକ୍ଷର"
୫ମ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ
୦୧ ରୁ ୧୦ ଡିସେମ୍ବର, ୨୦୨୩
ଅପରାହ୍ଣ ୨ ଟା ରୁ ରାତ୍ର ୯ ଟା
ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ଭୁବନେଶ୍ୱର
ଶୁଭ ଉଦ୍‌ଯାପନ
୧୦ ଡିସେମ୍ବର, ୨୦୨୩ ସନ୍ଧ୍ୟା ୬ ଘଟିକା
ଶ୍ରୀଯୁକ୍ତ ରଘୁବର ଦାସ
ମହାମହିମ ରାଜ୍ୟପାଳ, ଓଡ଼ିଶା
ଆୟୋଜକ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର
ସହ-ଆୟୋଜକ
ରାଜଧାନୀ ପୁସ୍ତକ ମେଳା
ଏକାମ୍ର ପୁସ୍ତକ ମହୋତ୍ସବ କମିଟି
ଓଡ଼ିଶା ପୁସ୍ତକ ପ୍ରକାଶକ ଓ ବିକ୍ରେତା ସଂଘ
OIPR-03023/13/0004/2324

DSPL - 445
ଓଡ଼ିଶାରେ ମତ୍ସ୍ୟବିକାଶ ଓ ଆତ୍ମନିଯୁକ୍ତି ପାଇଁ କାର୍ଯ୍ୟକାରୀ ହେଉଥିବା ପ୍ରମୁଖ ଯୋଜନା
ମତ୍ସ୍ୟ ପୋଖରୀ ଯୋଜନା: ନୂତନ ପୋଖରୀ ଖନନ ଓ ମାଛଚାଷ ପାଇଁ ଆବଶ୍ୟକ ଆନୁସଙ୍ଗିକ ଖର୍ଚ୍ଚ ବାବଦରେ ହେକ୍ଟର ପ୍ରତି ୧୧,୦୦,୦୦୦ ଟଙ୍କାର ପ୍ରକଳ୍ପ ବ୍ୟୟ ବରାଦ କରାଯାଇଛି। ଏଥିରେ ସାଧାରଣ ବର୍ଗର ହିତାଧିକାରୀଙ୍କ ପାଇଁ ୪୦ ପ୍ରତିଶତ ଓ ମହିଳା ତଥା ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ୫୦ ପ୍ରତିଶତ ରିହାତି ବ୍ୟବସ୍ଥା ରହିଛି।

ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ମାନଙ୍କ ଦ୍ୱାରା ପଞ୍ଚାୟତ ପୋଖରୀ ରେ ମାଛ ଚାଷ: ଗ୍ରାମାଞ୍ଚଳରେ ବାସ କରୁଥିବା ମହିଳାମାନଙ୍କ ଆର୍ଥିକ ବିକାଶ ଓ ସଶକ୍ତିକରଣ ପାଇଁ ଗଠିତ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କୁ ଗ୍ରାମପଞ୍ଚାୟତ ପୋଖରୀ ଦୀର୍ଘ ମିଆଦି ସୂତ୍ରରେ ଲିଜ ଦିଆଯାଇ ମାଛଚାଷ କରାଯାଉଛି। ଏଥିରେ ହେକ୍ଟର ପ୍ରତି ପ୍ରକଳ୍ପ ମୂଲ୍ୟ ୪,୦୦,୦୦୦ ଟଙ୍କା ରଖାଯାଇଛି। ପ୍ରକଳ୍ପମୂଲ୍ୟର ୬୦ ପ୍ରତିଶତ ଅର୍ଥାତ ସର୍ବାଧିକ ୨,୪୦,୦୦୦ ଟଙ୍କା ପର୍ଯ୍ୟନ୍ତ ରିହାତି ବ୍ୟବସ୍ଥା ରହିଛି।
ଜଳକୃଷି ନିମନ୍ତେ ଆବଶ୍ୟକ ଯନ୍ତ୍ରପାତି ବହୁଳ ବ୍ୟବହାର: ଜଳକୃଷି କ୍ଷେତ୍ରରେ ଉତ୍ପାଦନ ବୃଦ୍ଧି ଓ ଉନ୍ନତ ପ୍ରଣାଳୀରେ ମାଛ ଚାଷ କରିବା ନିମନ୍ତେ ଆବଶ୍ୟକ ବାୟୁ ଚାଳନା ପମ୍ପ (Aerator ), ବାୟୁ ସଞ୍ଚାଳନ ଯନ୍ତ୍ର (Air Blower ), ଜୈବ ସୁରକ୍ଷା ଜାଲ, ମାଛଧରା ଜାଲ ଆଦି ସରଞ୍ଜାମ କିଣିବା ପାଇଁ ପ୍ରକଳ୍ପ ମୂଲ୍ୟର ୪୦ ପ୍ରତିଶତ ରିହାତି ବ୍ୟବସ୍ଥା ରହିଛି।

ବାୟୋଫ୍ଲକ ପଦ୍ଧତିରେ ମାଛଚାଷ: କମ ଜାଗାରେ, କମ ଜଳରେ ଓ କମ ଖର୍ଚ୍ଚରେ ଅଧିକ ମାଛ ଉତ୍ପାଦନ ପାଇଁ ନୂତନ ଜ୍ଞାନକୌଶଳ ଯୁକ୍ତ ବାୟୋଫ୍ଲକ ପଦ୍ଧତିରେ ମାଛଚାଷ କରିବା ନିମନ୍ତେ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି। ଏଥିରେ ସାଧାରଣ ବର୍ଗର ହିତାଧିକାରୀଙ୍କ ପାଇଁ ୪୦ ପ୍ରତିଶତ ଓ ମହିଳା ତଥା ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ୬୦ ପ୍ରତିଶତ ରିହାତି ବ୍ୟବସ୍ଥା ରହିଛି।

ଖାରିଜଳରେ ମାଛ ଓ ଚିଙ୍ଗୁଡିଚାଷ ନିମନ୍ତେ ପ୍ରୋତ୍ସାହନ: ରାଜ୍ୟର ଉପକୂଳବର୍ତ୍ତୀ ଜିଲ୍ଲାରେ ମାଛ ଓ ଚିଙ୍ଗୁଡି ଚାଷକୁ ଅଧିକ ବ୍ୟାପକ କରିବା ନିମନ୍ତେ ନୂତନ ପୋଖରୀ ଖନନ ଓ ଚାଷ ନିମନ୍ତେ ସରକାର ପ୍ରୋତ୍ସାହନ ଯୋଗାଇ ଦେଉଛନ୍ତି। ଏଥିରେ ସାଧାରଣ ବର୍ଗର ହିତାଧିକାରୀଙ୍କ ପାଇଁ ୪୦ ପ୍ରତିଶତ ଓ ମହିଳା ତଥା ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ୬୦ ପ୍ରତିଶତ ରିହାତି ବ୍ୟବସ୍ଥା ରହିଛି।

ଡଙ୍ଗା, ଇଞ୍ଜିନ୍ ଓ ଜାଲ ନିମନ୍ତେ ସହାୟତା: ସାମୁଦ୍ରିକ ମତ୍ସ୍ୟଉତ୍ପାଦନ ବୃଦ୍ଧି ଲକ୍ଷ୍ୟରେ ସାମୁଦ୍ରିକ ମତ୍ସ୍ୟଜୀବୀଙ୍କୁ ନୂତନ ଡଙ୍ଗା, ଜାଲ ଓ ଇଞ୍ଜିନ ଯୋଗାଇ ଦିଆଯାଉଛି। ଏଥିରେ ପ୍ରକଳ୍ପ ମୂଲ୍ୟ ୧୦ ଲକ୍ଷ ଟଙ୍କା ଉପରେ ସାଧାରଣ ବର୍ଗର ହିତାଧିକାରୀଙ୍କ ପାଇଁ ୪୦ ପ୍ରତିଶତ ଓ ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ୬୦ ପ୍ରତିଶତ ରିହାତି ବ୍ୟବସ୍ଥା ରହିଛି।
ମତ୍ସ୍ୟ ପରିବହନ ନିମନ୍ତେ ଶୀତଳିକରଣ ଯାନ: ଖାଉଟିମାନଙ୍କୁ ସତେଜ ଓ ତଟକା ମାଛ ଯୋଗାଣ ଓ ମତ୍ସ୍ୟ ପରିବହନ ବେଳେ ମାଛକୁ ସତେଜ ରଖିବା ପାଇଁ ଇନସୁଲେଟେଡ ଟ୍ରକ, ମୋପେଡ ସହ ବରଫ ବାକ୍ସ, ଅଟୋ ସହ ବରଫ ବାକ୍ସ ଯୋଗାଇ ଦିଆଯାଉଛି। ଏଥିରେ ସାଧାରଣବର୍ଗର ହିତାଧିକାରୀଙ୍କ ପାଇଁ ୪୦ ପ୍ରତିଶତ ଓ ମହିଳା ତଥା ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ୬୦ ପ୍ରତିଶତ ରିହାତି ବ୍ୟବସ୍ଥା ରହିଛି।
ଅଧିକ ବିବରଣୀ ନିମନ୍ତେ ବ୍ଲକରେ ଅବସ୍ଥାପିତ ସହକାରୀ ମତ୍ସ୍ୟ ଅଧିକାରୀ କିମ୍ବା ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ ସହ ଯୋଗାଯୋଗ କରନ୍ତୁ।
ମତ୍ସ୍ୟ ନିର୍ଦ୍ଦେଶାଳୟ, ଓଡ଼ିଶା, କଟକ
OIPR-06015/13/0025/2324

# ଶୀତ ଆଉ ପ୍ରଦୂଷଣ



ବାୟୁରେ ଜଳୀୟବାଷ୍ପ ରହିଛି, ଯାହାର ପରିମାଣ ବାୟୁର ତାପାମାତ୍ରା ଉପରେ ନିର୍ଭର କରେ। ଗରମ ବାୟୁରେ ଅଧିକ ଜଳୀୟବାଷ୍ପ ରହିପାରେ । ଯାହାକି ଶୀତଦିନେ ଥଣ୍ଡା ହେବା ଦ୍ୱାରା ଘନୀଭୂତ ହୋଇ ଛୋଟ ଛୋଟ ଜଳକଣାରେ ପରିଣତ ହୋଇ କୁହୁଡ଼ି ଆକାରରେ ଭୂପୃଷ୍ଠ ନିକଟରେ ଭାସି ବୁଲେ। ବର୍ତ୍ତମାନ ବୃଦ୍ଧି ପାଉଥିବା ଗାଡ଼ିମୋଟର, କଳ କାରଖାନା ସଂଖ୍ୟା ସାଙ୍ଗକୁ ଜଙ୍ଗଲ କ୍ଷୟ ଯୋଗୁ ବାୟୁମଣ୍ଡଳ ପ୍ରଦୂଷିତ ହେଉଛି। ଫଳରେ ଧୂଆଁମିଶା ଘନକୁହୁଡ଼ି ବା ସ୍ମଗ୍ ସୃଷ୍ଟି ହେଉଛି । ଏହା ଯୋଗୁ ଡଷ୍ଟ ଆଲର୍ଜିଠୁ ଆରମ୍ଭ କରି ବିଭିନ୍ନ ପ୍ରକାରର ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଉପୁଜିଥାଏ। ତେଣୁ ଏଦିନେ ଫିଟ୍ ରହିବା ଲାଗି କେତେକ ଦିଗ ପ୍ରତି ବିଶେଷ ଧ୍ୟାନ ଦେବାକୁ ପଡିଥାଏ...

**ମର୍ନିଂୱାକ୍ ବେଳେ ରୁହନ୍ତୁ ସତର୍କ:** ପ୍ରତିଦିନ ମର୍ନିଂୱାକ୍ କରିବା ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ। ହେଲେ ଶୀତଦିନେ ବାୟୁ ପ୍ରଦୂଷଣ ଅଧିକ ଥାଏ। ବିଶେଷିକରି ସକାଳ ସମୟରେ କୁହୁଡ଼ି ବା ଫଗ୍ ସହିତ ଧୂଆଁ ମିଶି ସ୍ମଗ୍ ସୃଷ୍ଟି କରିଥାଏ। ମର୍ନିଂୱାକ୍ ସମୟରେ ନିଃଶ୍ୱାସରେ ଶରୀର ମଧ୍ୟକୁ କାର୍ବନ ମନୋକ୍ସାଇଡ୍, କାର୍ବନ ଡାଇକ୍ସାଇଡ୍, ସଲ୍‌ଫର୍ ଡାଇଅକ୍ସାଇଡ୍, ନାଇଟ୍ରୋଜେନ୍ ଅକ୍ସାଇଡ୍ ଭଳି ବିଷାକ୍ତ ପଦାର୍ଥ ଯାଇ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଉପୁଜାଇଥାଏ। ତେଣୁ ଏଦିନେ ସକାଳ ସମୟରେ ବାହାରେ ନ କରି ଇନ୍‌ଡୋର ୱାକିଂ କରିବା ଭଲ। ଯଦି ବାହାରେ କରୁଛନ୍ତି, ତେବେ ସୂର୍ଯ୍ୟୋଦୟର କିଛି ସମୟ ପରେ କୁହୁଡ଼ି କମିବା ପରେ କରନ୍ତୁ। ମନେରଖନ୍ତୁ ରାସ୍ତା କଡ଼ ଅପେକ୍ଷା ଅଧିକ ଗଛ ଥିବା ସ୍ଥାନ ଯେପରିକି ପାର୍କ ଆଦି ଅପେକ୍ଷାକୃତ କମ୍ ପ୍ରଦୂଷିତ ହୋଇଥିବାରୁ ୱାକିଂ ପାଇଁ ଭଲ।

> ଶୀତଦିନେ ତାପମାତ୍ରା ହ୍ରାସ ହେବା କାରଣରୁ ବାୟୁମଣ୍ଡଳର ଘନତ୍ୱ ବୃଦ୍ଧି ପାଇଥାଏ ; ଯେଉଁଥିପାଇଁ ଧୂଳିକଣାରୁ ଆରମ୍ଭ କରି ବିଭିନ୍ନ ପ୍ରକାରର ବିଷାକ୍ତ ଉପାଦାନ ବାୟୁମଣ୍ଡଳରେ ରହିଯାଏ ଏବଂ ପ୍ରଦୂଷଣ ବୃଦ୍ଧି ପାଇଥାଏ। ଏମିତିରେ ସୁସ୍ଥ ରହିବା ଲାଗି ବିଭିନ୍ନ ଦିଗ ପ୍ରତି ବିଶେଷ ଦୃଷ୍ଟି ଦେବାକୁ ପଡ଼ିଥାଏ...







**ଗହଳିପୂର୍ଣ୍ଣ ସ୍ଥାନଠୁ ଦୂରେଇ ରୁହନ୍ତୁ:** ଶୀତଦିନେ ଅଧିକ ଗାଡ଼ିଚଳାଚଳ କରୁଥିବା ରାସ୍ତା, ଅଧିକ ଗହଳିପୂର୍ଣ୍ଣ ସ୍ଥାନ ଏବଂ କଳକାରଖାନା, ଗୃହ କିମ୍ବା ଅନ୍ୟାନ୍ୟ ନିର୍ମାଣକାର୍ଯ୍ୟ ଚାଲିଥିବା ସ୍ଥାନରେ ପ୍ରଦୂଷଣ ଅଧିକ ହୋଇଥାଏ। ତେଣୁ ଅତ୍ୟାବଶ୍ୟକ ନ ଥିଲେ ସୁରକ୍ଷା ଦୃଷ୍ଟିରୁ ଏଭଳି ସ୍ଥାନକୁ ଯିବାଠୁ ଦୂରେଇ ରୁହନ୍ତୁ।

**ମାସ୍କ ପିନ୍ଧିବା ଲାଭଦାୟକ:** ଶୀତଦିନେ ପ୍ରଦୂଷଣ ଅଧିକ ଥିବାରୁ ବାହାରକୁ ଯିବା ସମୟରେ ମାସ୍କ ପିନ୍ଧିବା ଦ୍ୱାରା ଶରୀରକୁ ଦୂଷିତ ଉପାଦାନ ଯିବା କମିଯାଇଥାଏ। କେବଳ ଏତିକି ନୁହେଁ, ଅନ୍ୟମାନଙ୍କଠାରେ ଦେଖାଦେଉଥିବା କାଶ, ଛିଙ୍କର ଜୀବାଣୁ ମଧ୍ୟ ଶରୀରକୁ ଆସିପାରେ ନାହିଁ। ଫଳରେ ଶ୍ୱାସ ସମ୍ବନ୍ଧିତ ସମସ୍ୟାର ଆଶଙ୍କା କିଛିମାତ୍ରାରେ କମିଯାଏ। ତେଣୁ ବାହାରକୁ ବାହାରିବା ମାତ୍ରେ ବିଶେଷ କରି ଡଷ୍ଟ ଆଲର୍ଜି ଏବଂ ଶ୍ୱାସ ରୋଗ ଥିଲେ ଶୀତଦିନେ ମାସ୍କ ପିନ୍ଧିବା ନିହାତି ଆବଶ୍ୟକ।

**ଖାଦ୍ୟପେୟ ପ୍ରତି ଦିଅନ୍ତୁ ଧ୍ୟାନ:** ଶୀତଦିନେ ପାଣିପାଗ ପରିବର୍ତ୍ତନ ସାଙ୍ଗକୁ ପ୍ରଦୂଷଣ ହେତୁ ଅଧିକାଂଶଙ୍କଠାରେ ସିଜନାଲ୍ ଇଫେକ୍ଟିଭ୍ ଡିସ୍‌ଅର୍ଡର ସମସ୍ୟା ଦେଖାଦିଏ। ଏଥିଯୋଗୁ ହେଉଥିବା ଥଣ୍ଡା, ଜ୍ୱର, କାଶ ଓ ଅନ୍ୟାନ୍ୟ ଶ୍ୱାସ ସମ୍ବନ୍ଧିତ ସମସ୍ୟାଠାରୁ ନିଜକୁ ଦୂରେଇ ରଖିବା ଲାଗି ଖାଦ୍ୟପେୟ ପ୍ରତି ବିଶେଷ ଧ୍ୟାନ ଦେବା ଆବଶ୍ୟକ। ତେଲ ମସଲାଯୁକ୍ତ, ଫାଷ୍ଟଫୁଡ୍ ଜାତୀୟ ଖାଦ୍ୟ ଏଦିନେ ସହଜରେ ହଜମ ହୁଏ ନାହିଁ। ତେଣୁ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ଲାଗି ସୁଷମ ଆହାର ଗ୍ରହଣ କରନ୍ତୁ। ବିଶେଷକରି ପ୍ରୋଟିନ୍, ଆଇରନ୍, ଜିଙ୍କ୍, ଭିଟାମିନ୍ ସି ଯୁକ୍ତ ଖାଦ୍ୟ ସହିତ ଋତୁଭିତ୍ତିକ ସବୁଜ ପନିପରିବା, ଫଳ ଓ ଶାଗ ଭଳି ଆଣ୍ଟିଅକ୍ସିଡାଣ୍ଟଯୁକ୍ତ ଖାଦ୍ୟ ଖାଆନ୍ତୁ। ଖାଦ୍ୟ ତାଲିକାରେ ଗାଈଘିଅକୁ ସାମିଲ କରନ୍ତୁ। ଭିଟାମିନ୍ ଡି'ର ତତ୍ତ୍ୱ ଏବଂ ଓମେଗା-୩ ଫ୍ୟାଟି ଏସିଡ୍ ଥିବା ଖାଦ୍ୟ ଯଥା ମାଛ ଖାଆନ୍ତୁ।

## ଏ ସପ୍ତାହର ପ୍ରଶ୍ନ

୧– ଐତିହାସିକ କଙ୍ଗଲା ପ୍ୟାଲେସ୍ ............... ରାଜ୍ୟରେ ଅବସ୍ଥିତ ?
୨– ଆଷ୍ଟ୍ରୋସ୍ୟାଟ୍ ଟେଲିସ୍କୋପ ........... ଦେଶ ପକ୍ଷରୁ ଆରମ୍ଭ କରାଯାଇଛି ?
୩– ୨୦୩୦ ୱାର୍ଲ୍ଡ ଏକ୍ସପୋ ................ ଠାରେ ଆୟୋଜିତ ହେବ ?
୪– ଫାଷ୍ଟ ଟ୍ରାକ୍ ସ୍ପେଶିଆଲ କୋର୍ଟ ସ୍କିମ୍ .......... ମସିହାରେ ଆରମ୍ଭ କରାଯାଇଛି ?
୫– 'ଏ ସ୍ୱିଟେବଲ୍ ବଏ' ପୁସ୍ତକର ଲେଖକ ................. ?

## ଗତ ସପ୍ତାହର ଉତ୍ତର

୧ ଭଦ୍ରବାହୁ
୨ ଝାଡ଼ଖଣ୍ଡର ଯଦୁଗୁଡ଼ା
୩ ସୁରଟ ସହର
୪ ସ୍ପାନିଶ୍
୫ ୧୯୩୦

## ଉତ୍ତରଦାତା


ସସ୍ମିତା ଚୌଧୁରୀ, ଭୁବନେଶ୍ୱର


ଅନନ୍ୟା ପ୍ରଜ୍ଞାସ୍ମିତା ତ୍ରିପାଠୀ, କେନ୍ଦ୍ରାପଡ଼ା

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ପୃଥିବୀର ଉଚ୍ଚତମ ଲାଇଟ୍ ହାଉସ



୧– ଜେଦାହ୍ ଲାଇଟ୍ ହାଉସ୍.................................. ୪୩୬ ଫୁଟ୍
୨– ପେରି ମେମୋରିଆଲ ମନୁମେଣ୍ଟ........................... ୩୫୨ ଫୁଟ୍
୩– ୟୋକୋହାମା ମରାଇନ୍ ଟାୱାର୍ ........................... ୩୪୮ ଫୁଟ୍
୪– ପାଲାସିଓ ବାରୋଲୋ ...................................... ୩୨୮ ଫୁଟ୍
୫– ଷ୍ଟାଚ୍ୟୁ ଅଫ୍ ଲିବର୍ଟି ....................................... ୩୦୫ ଫୁଟ୍
୬– ଦି ଇଲେ ଭିର୍ଗ ଲାଇଟ୍‌ହାଉସ୍ ............................. ୨୭୧ ଫୁଟ୍
୭– ଦି ଲାଇଟ୍ ହାଉସ୍ ଅଫ୍ ଜେନୋଆ ......................... ୨୪୯ ଫୁଟ୍
୮– ଫେୟାର୍ ଡେ ଗାଟେଭିଲ୍ଲେ ................................... ୨୪୭ ଫୁଟ୍
୯– ଲେସ୍‌ନଏ ମୋଲ୍ ରିଅର୍ ରେଞ୍ଜ ଲାଇଟ୍ ...................... ୨୩୯ ଫୁଟ୍
୧୦– ମୁଲାଣ୍ଡୌ ଲାଇଟ୍‌ହାଉସ୍ .................................. ୨୩୭ ଫୁଟ୍

## ଜାଣନ୍ତୁ ଦୁନିଆ

### ଇଂଲଣ୍ଡ

**ଦିନ ଥିଲା ସମଗ୍ର ପୃଥିବୀର ପ୍ରାୟ ୫୮ଟି ଦେଶରେ ନିଜର ଆଧିପତ୍ୟ ଜମାଇ ରାଜୁତି କରୁଥିଲା ଇଂଲଣ୍ଡ, ଯେଉଁଥିପାଇଁ ତାହା ଥିଲା ସବୁଠାରୁ ଶକ୍ତିଶାଳୀ ଦେଶ....**

- ଇଂଲଣ୍ଡରେ ବର୍ତ୍ତମାନ ସୁଦ୍ଧା ରାଜତନ୍ତ୍ରର ପ୍ରଚଳନ ରହିଛି।
- ଏଠାରେ ଆପଣ ଅନେକ ସ୍ଥାନରେ ସୁନ୍ଦର ସୁନ୍ଦର ପ୍ରାସାଦ ଦେଖିପାରିବେ, ଯାହା ମଧ୍ୟରୁ ଇଂଲଣ୍ଡ ରାଜପ୍ରାସାଦ ବା ବକିଙ୍ଗହାମ ପ୍ୟାଲେସ୍ ସବୁଠୁ ଆକର୍ଷଣୀୟ।
- ୧୮୧୧ ମସିହା ପର୍ଯ୍ୟନ୍ତ ଏହି ଦେଶର ପ୍ରାୟ ୨୫ ପ୍ରତିଶତ ମହିଳାଙ୍କ ନାମ ମରିୟମ ଥିଲା।
- ଯଦିଓ ଇଂଲଣ୍ଡର ଜାତୀୟ ଭାଷା ଇଂଲିଶ୍, ହେଲେ ସେଠାରେ କେବଳ ଏହି ଭାଷା ନୁହେଁ ବରଂ ଅନ୍ୟ ପ୍ରାୟ ୩୦୦ ପ୍ରକାରର କଥିତ ଭାଷା ରହିଛି।
- ବ୍ରିଟେନ୍ ରାଣୀ ଏଲିଜାବେଥ୍-୨ଙ୍କ ପାଖରେ ପାସ୍‌ପୋର୍ଟ ନ ଥିଲେ ସୁଦ୍ଧା ସେ ୧୧୬ଟି ଦେଶକୁ ଯାତ୍ରା କରିଥିଲେ।
- ଇଂଲଣ୍ଡର ସବୁଠୁ ପ୍ରସିଦ୍ଧ ସହର ହେଉଛି ଏହାର ରାଜଧାନୀ ଲଣ୍ଡନ, ଯାହାର ପୁରୁଣା ନାମ ଲଣ୍ଡନିୟମ ଏବଂ ଲୁଡେନ୍‌ବର୍ଗ ମଧ୍ୟ ଥିଲା।
- ବିଶ୍ୱ ପ୍ରସିଦ୍ଧ ଲଣ୍ଡନ ବ୍ରିଜ୍ ବର୍ତ୍ତମାନ ଲଣ୍ଡନରେ ନାହିଁ। ଆଶ୍ଚର୍ଯ୍ୟ ଲାଗୁଥିଲେ ବି ଏହା ସତ। କାରଣ ୧୯୭୦ ମସିହାରେ ଏହାକୁ ଆମେରିକାର ଆରିଜୋନାକୁ ଏହି ବ୍ରିଜ୍ ସ୍ଥାନାନ୍ତରିତ କରାଯାଇଛି।
- ଏହି ଦେଶ କେବଳ ଅକ୍ସଫୋର୍ଡ, କେମ୍ବ୍ରିଜ୍ ଭଳି ବିଶ୍ୱର ବଡ଼ ୟୁନିଭର୍ସିଟି ଥିବା ଯୋଗୁ ପ୍ରସିଦ୍ଧ ନୁହେଁ, ବରଂ ଚାର୍ଲ୍ସ ଡାରୱିନ୍, ସାର୍ ଆଇଜାକ୍ ନ୍ୟୁଟନ୍, ଷ୍ଟିଫେନ୍ ହକିଙ୍ଗଙ୍କ ଭଳି ବୈଜ୍ଞାନିକ ମଧ୍ୟ ଏଠାରେ ଜନ୍ମ ଗ୍ରହଣ କରିଥିଲେ।
- ଏହି ଦେଶରେ ଏଡର ନାମକ ମାତ୍ର ଗୋଟିଏ ପ୍ରଜାତିର ସାପ ଦେଖିବାକୁ ମିଳେ, ଯାହାକି ଖୁବ୍ ବିଷାକ୍ତ।
- ଏହି ଦେଶରେ ମଣିଷ ସଂଖ୍ୟାଠାରୁ କୁକୁଡ଼ା ସଂଖ୍ୟା ଅଧିକ।



## ୟୁଥ୍ ଆଲର୍ଟ

# ସକାଳୁ ଚା ପିଉଥିଲେ

**ଏମିତି ଅନେକେ ଅଛନ୍ତି, ସକାଳୁ କପେ ଚା ସହିତ ଯାହାଙ୍କର ଦିନ ଆରମ୍ଭ ହୁଏ। ହେଲେ ପାଟିକୁ ସ୍ୱାଦ ଲାଗୁଥିବା ଓ ଶରୀରକୁ ଫୂର୍ତ୍ତି ଯୋଗାଉଥିବା ଏହି ଚା ସ୍ୱାସ୍ଥ୍ୟ ପ୍ରତି ହିତକର ନୁହେଁ। ଜାଣିରଖନ୍ତୁ ସେ ସମ୍ପର୍କରେ...**



- ଚା'ରେ ଶ୍ୱେତସାର, ପୁଷ୍ଟିସାର ଓ ସ୍ନେହସାର ଆଦି ପୋଷକ ତତ୍ତ୍ୱର ପରିମାଣ ନଗଣ୍ୟ ହୋଇଥିବା ବେଳେ କ୍ଷୀର ଓ ଚିନି ଯୋଗୁଁ ଏଥିରେ କ୍ୟାଲୋରି ଓ ପୁଷ୍ଟିସାରର ପରିମାଣ ବଢ଼ିଯାଏ ଓ ମେଦବହୁଳତାର କାରଣ ସାଜିଥାଏ।
- ଚା ଓ କଫିରେ ଥାଏ କଫିନ୍, ଥିଓବ୍ରୋମିନ ଓ ଥିଓଫାଇଲିନ ନାମକ ଉପାଦାନ। ଯାହାର ଉପସ୍ଥିତି ଯୋଗୁ ଚା କି କଫି ପିଇଲେ କ୍ଳାନ୍ତିର ଅନୁଭବ ଚାଲିଯାଇ ଦେହ ସତେଜ ଲାଗେ। ମନ ସକ୍ରିୟ ହୋଇ ବଢ଼ିଯାଏ କର୍ମ ତତ୍ପରତା। କିନ୍ତୁ ଚା ରେ ଥିବା ଥିଓଫାଇଲିନ ମଳରେ ଜଳର ପରିମାଣ କମେଇ ଦେଇ କୋଷ୍ଠକାଠିନ୍ୟ ସମସ୍ୟା ବଢ଼ାଇଥାଏ। ପୁଣି କଫିନ୍ ହୃଦ୍‌ରୋଗକୁ ମଧ୍ୟ ପ୍ରୋତ୍ସାହନ ଦେଇପାରେ।
- ଚା ରେ ମାଙ୍ଗାନିଜ୍, ଲୌହ, ତମ୍ବା ଓ ଫ୍ଲୋରାଇଡ ଆଦି କମ୍ ପରିମାଣରେ ଥିବା ବେଳେ ଟାନିନ୍‌ର ପରିମାଣ ବେଶି। ଚା କୁ ବେଶି ସମୟ ନିଆଁରେ ଫୁଟେଇଲେ ଟାନିନ୍‌ର ପରିମାଣ ବଢ଼ିଯାଏ, ଯାହାକି ଶରୀରକୁ ଲୌହ ବା ଆଇରନ୍ ପହଞ୍ଚାଇବାରେ ବାଧା ଉପୁଜାଇଥାଏ। କିନ୍ତୁ ଚା କି କଫିରେ କ୍ଷୀର ପକେଇଦେଲେ କ୍ଷୀରର ପୁଷ୍ଟିସାର ଟାନିନ୍ ସହ ସଂଯୁକ୍ତ ହୋଇଯାଇ ଟାନିନ୍‌କୁ ଅକାମୀ କରିଦିଏ। କିନ୍ତୁ ଟାନିନ୍‌ରେ ରହିଛି ଅମ୍ଳୀୟ ପ୍ରଭାବ। ତେଣୁ ପାକସ୍ଥଳୀ ରୋଗ ଥିଲେ ଏହାକୁ ପିଇବା ପାଇଁ ଡାକ୍ତରମାନେ ବାରଣ କରିଥା'ନ୍ତି।



- ଚା ଓ କଫି ଅମ୍ଳୀୟ ବା ଏସିଡିକ୍ ହୋଇଥିବାରୁ ଏହାକୁ ଖାଲି ପେଟରେ ପିଇଲେ ଗ୍ୟାଷ୍ଟ୍ରାଇଟିସ୍ ସମସ୍ୟା ଦେଖାଦେଇପାରେ।
- ସକାଳେ ବେଡ୍-ଟି ପିଇଲେ ପାଟିରେ ଥିବା ଜୀବାଣୁମାନେ ଶର୍କରାକୁ ଭାଙ୍ଗି ପାଟି ଭିତରେ ଅମ୍ଳ ବା ଏସିଡ୍‌ର ପରିମାଣ ବଢେଇ ଦିଅନ୍ତି, ଯାହାକି ଦାନ୍ତର ଏନାମେଲ୍‌କୁ ଖାଇଯାଇ ଦାନ୍ତକୁ କଣା କରିଦେଇପାରେ।
- ଏତଦ୍‌ବ୍ୟତୀତ ସକାଳେ ବିଛଣା ଛାଡ଼ିବା ପରେ ପରେ ଚା' କି କଫି ପିଇଲେ ପାଟିରେ ଥିବା ଜୀବାଣୁଗୁଡ଼ିକ ଧୋଇହୋଇ ଅନ୍ତ୍ରନଳୀ ଭିତରକୁ ପ୍ରବେଶ କରିଯାଆନ୍ତି ଏବଂ ଉପକାରୀ ଜୀବାଣୁଗୁଡ଼ିକର କାର୍ଯ୍ୟକୁ ବ୍ୟାହତ କରିପକାନ୍ତି।

## ସଂକ୍ଷେପରେ

### ବିଏସ୍‌ପିରୁ ଡାନିଶ୍ ଅଲି ନିଲମ୍ବିତ



**ଲକ୍ଷ୍ନୌ,୯।୧୨:** ଦଳବିରୋଧୀ କାର୍ଯ୍ୟରେ ସମ୍ପୃକ୍ତ ଥିବା ଆମ୍ରୋହା ଏମ୍‌ପି ଡାନିଶ୍ ଅଲିଙ୍କୁ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ଶନିବାର ନିଲମ୍ବନ କରିଛି। ଡାନିଶ୍‌ଙ୍କୁ ତୁରନ୍ତ ନିଲମ୍ବନ କରାଯାଇଥିବା ଦଳର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ସତୀଶ ଚନ୍ଦ୍ର ମିଶ୍ରା ଜାରି କରିଥିବା ପତ୍ରରେ କୁହାଯାଇଛି। ଲୋକ ସଭାରେ ଭାଜପା ଏମ୍‌ପି ରମେଶ ବିଧୁରୀ ଆମ୍ରୋହା ଏମ୍‌ପିଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେଇଥିଲେ। ଦକ୍ଷିଣ ଦିଲ୍ଲୀ ଏମ୍‌ପିଙ୍କୁ ଉତ୍ତେଜିତ କରିବା ପାଇଁ ଡାନିସ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ କେତେକ ଅପମାନଜନକ ଶବ୍ଦ ବ୍ୟବହାର କରିଥିଲେ ବୋଲି କେତେଜଣ ଭାଜପା ଏମ୍‌ପି ଅଭିଯୋଗ କରିଥିଲେ।

### ଆଇଏସ୍ ସହ ସମ୍ପୃକ୍ତ ୧୫ ଗିରଫ

**ମହାରାଷ୍ଟ୍ର, କର୍ଣାଟକର ୪୪ ସ୍ଥାନରେ ଏନ୍‌ଆଇଏ ଚଢ଼ାଉ**

**ଲକ୍ଷ୍ନୌ,୯।୧୨:** ଭାରତର ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଶନିବାର ମହାରାଷ୍ଟ୍ର ଓ କର୍ନାଟକର ୪୪ଟି ସ୍ଥାନରେ ଚଢ଼ାଉ କରି ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍) ଆତଙ୍କବାଦୀ ସଂଗଠନ ପାଇଁ କାର୍ଯ୍ୟ କରୁଥିବା ୧୫ ସନ୍ଦିଗ୍ଧଙ୍କୁ ଗିରଫ କରିଛି। ଅଭିଯୁକ୍ତଙ୍କ ମଧ୍ୟରେ ଆଇଏସ୍ ମୁଡ୍ୟୁଲ୍‌ର ଜଣେ ନେତା ରହିଛନ୍ତି, ଯିଏ ଆଇଏସ୍ ସଂଗଠନରେ ନବନିଯୁକ୍ତମାନଙ୍କୁ ଶପଥ ପାଠ କରାଉଥିଲେ ବୋଲି ଏନ୍‌ଆଇଏର ଜଣେ ମୁଖପାତ୍ର କହିଛନ୍ତି। ମହାରାଷ୍ଟ୍ରର ପଦ୍‌ଘା-ବୋରିଭାଲି, ଠାଣେ, ମୀରା ରୋଡ, ପୁଣେ ଏବଂ କର୍ନାଟକର ବେଙ୍ଗାଲୁରୁର ୪୪ଟି ସ୍ଥାନରେ ଏନ୍‌ଆଇଏର ଅନେକ ଟିମ୍ ଏକସଙ୍ଗେ ଚଢ଼ାଉ କରିଥିଲେ। ଆତଙ୍କବାଦ ଏବଂ ଆତଙ୍କବାଦ ସହ ସମ୍ପୃକ୍ତ କାର୍ଯ୍ୟକୁ ବଢ଼ାଇବା ଅଭିଯୋଗରେ ୧୫ ଅଭିଯୁକ୍ତ ଗିରଫ ହୋଇଛନ୍ତି।

**ଜଳବାୟୁ ମୁକାବିଲା**

# ବିକଶିତ ଦେଶ ନେତୃତ୍ୱ ନିଅନ୍ତୁ

## କପ୍‌୨୮ରେ ମତ ରଖିଲା ଭାରତ

**ଦୁବାଇ,୯।୧୨**

ଭାଗୀଦାରିତା ଏବଂ ଜଳବାୟୁ ନ୍ୟାୟ ଜଳବାୟୁ କ୍ରିୟାନୁଷ୍ଠାନର ଆଧାର ହେବା ଜରୁରୀ ବୋଲି ଭାରତର ଦୃଢ଼ବିଶ୍ୱାସ ରହିଛି। ବିକଶିତ ରାଷ୍ଟ୍ରଗୁଡ଼ିକ ଜଳବାୟୁ ପରିବର୍ତ୍ତନ ମୁକାବିଲାରେ ନେତୃତ୍ୱ ନେଲେ ହିଁ ତାହା ସୁନିଶ୍ଚିତ ହୋଇପାରିବ ବୋଲି ଦୁବାଇରେ ଅନୁଷ୍ଠିତ ବାର୍ଷିକ ଜଳବାୟୁ ସମ୍ମିଳନୀ କପ୍‌୨୮ରେ ଶନିବାର ଉଦ୍‌ବୋଧନ ଦେଇ ଭାରତର ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ କହିଛନ୍ତି। ଏହି ସମିଟ୍‌ର ଉଚ୍ଚସ୍ତରୀୟ ବୈଠକରେ ଦେଶର ଜାତୀୟ ବିବୃତି ଉପସ୍ଥାପନ କରି ଯାଦବ କହିଥିଲେ, ଜଳବାୟୁ ପରିବର୍ତ୍ତନକୁ ମୁକାବିଲା କରିବାରେ ଭାରତର ଯଥେଷ୍ଟ ଅବଦାନ ରହିଛି। ୨୦୦୫ରୁ ୨୦୧୯ ମଧ୍ୟରେ ନୂଆଦିଲ୍ଲୀ ଏହାର ଜିଡିପି ଉତ୍ସର୍ଜନ ସାନ୍ଦ୍ରତାକୁ ୩୩ ପ୍ରତିଶତ ହ୍ରାସ କରି, ୧୧ ବର୍ଷ ଆଗୁଆ ସଫଳତା ହାସଲ କରିପାରିଛି। ବର୍ଦ୍ଧିତ ଜଳବାୟୁ କ୍ରିୟାନୁଷ୍ଠାନ ନିଷ୍ପତ୍ତିରେ ଅର୍ଥପୂର୍ଣ୍ଣ





କପ୍‌୨୮ ସମ୍ମିଳନୀରେ ଭାରତର ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ଓ ଅନ୍ୟମାନେ।

ଏବଂ ଉପଯୁକ୍ତ ତଥ୍ୟ ପ୍ରଦାନ ପାଇଁ ଭାରତ ଗ୍ଲୋବାଲ ଷ୍ଟକ୍‌ଟେକ୍ (ଜିଏସ୍‌ଟି) ଫଳାଫଳକୁ ଅପେକ୍ଷା କରିଛି। ଜିଏସ୍‌ଟି ହେଉଛି ପ୍ୟାରିସ୍ ଚୁକ୍ତିନାମା ଲକ୍ଷ୍ୟ ହାସଲ ଲାଗି ସାମୂହିକ ବୈଶ୍ୱିକ ଉଦ୍ୟମର ୨ ବର୍ଷୀୟ ସମୀକ୍ଷା। ପ୍ୟାରିସ୍ ଚୁକ୍ତିନାମାରେ ବିଶ୍ୱ ଉତ୍ତାପ ବୃଦ୍ଧିକୁ ୧.୫ ଡିଗ୍ରୀ ସେଲ୍‌ସିୟସ ମଧ୍ୟରେ ସୀମିତ ରଖିବାକୁ ଲକ୍ଷ୍ୟ ରଖାଯାଇଥିଲା। ଯୁବବର୍ଗପରିବର୍ତ୍ତନରଏଜେଣ୍ଡାହୋଇଥିବାରୁ ଜଳବାୟୁ ସଙ୍କଟ ସମାଧାନରେ ସେମାନଙ୍କୁ ମୁଖ୍ୟ ଭୂମିକାକୁ ଆଣିବା ଲାଗି ଯାଦବ ସଦସ୍ୟ ଦେଶଗୁଡ଼ିକୁ ଆହ୍ୱାନ ଦେଇଛନ୍ତି। କପ୍‌୨୮ରେ ୟୁନିସେଫ୍ ସହାୟତାରେ ଭାରତ ଗ୍ରୀନ୍ ରାଇଜିଂ ଗ୍ଲୋବାଲ ଇନିସିଏଟିଭ୍ ଆରମ୍ଭ କରିଛି। ଜଳବାୟୁ ପରିବର୍ତ୍ତନ ଉପରେ ଦେଶଗୁଡ଼ିକର ମହତ୍ତ୍ୱାକାଂକ୍ଷୀ ଜାତୀୟ କାର୍ଯ୍ୟଯୋଜନାରେ ଏହି ଉପକ୍ରମ ଅନ୍ୟୁନ ୧୦ ନିୟୁତ ପିଲାଙ୍କ ପାଇଁ ମାର୍ଗ ସୃଷ୍ଟି କରିବ ବୋଲି ଯାଦବ କହିଛନ୍ତି।

ଜାତିସଂଘ ଜଳବାୟୁ ଆଲୋଚନା ବିଶେଷ କରି ଜୀବାଶ୍ମ ଇନ୍ଧନ ବ୍ୟବହାରକୁ ପର୍ଯ୍ୟାୟକ୍ରମେ ବନ୍ଦ କରିବା ଆଡ଼କୁ ଯାଉଥିବାରୁ ତୈଳ ଉତ୍ପାଦନକାରୀ ଦେଶଗୁଡ଼ିକ ଆତଙ୍କିତ ହୋଇପଡ଼ିଥିବା କେତେଜଣ ବୁଝାମଣାକାରୀ ପର୍ଯ୍ୟବେକ୍ଷକ କହିଛନ୍ତି। ଜଳବାୟୁ ଚୁକ୍ତିନାମାରେ ଜୀବାଶ୍ମ ଇନ୍ଧନ ଫେଜ୍ ଆଉଟ୍ କିମ୍ବା ଫେଜ୍ ଡାଉନ୍ ଭଳି ଶବ୍ଦକୁ ବିରୋଧ କରିବା ପାଇଁ ତୈଳ ଉତ୍ପାଦକ ସଂଘର ସଦସ୍ୟ ରାଷ୍ଟ୍ରଗୁଡ଼ିକୁ ପେଟ୍ରୋଲିୟମ ରପ୍ତାନିକାରୀ ରାଷ୍ଟ୍ର ସଂଘ (ଓପିଇସି) ନେତା କହିଥିବା ଏକ ପତ୍ରରୁ ଜଣାପଡ଼ିଛି। ଭାରତର ମୁଣ୍ଡପିଛା ଅଙ୍ଗାରକାମ୍ଳ ଉତ୍ସର୍ଜନ ଯଥେଷ୍ଟ କମ୍ ହୋଇଥିବାରୁ ଏହାକୁ ଉତ୍ସର୍ଜନକାରୀ ରାଷ୍ଟ୍ର ଚାଇନା ଏବଂ ଆମେରିକା ସହ ଏକାଠି ନେବା ଆଦୌ ଗ୍ରହଣୀୟ ନୁହେଁ ବୋଲି ଶନିବାର ୟୁରୋପ ପାର୍ଲାମେଣ୍ଟର ବରିଷ୍ଠ ସଦସ୍ୟ ପିଟର ଲିଜ୍ କହିଛନ୍ତି। ୟୁଏଇ, ଚାଇନା ଓ ଆମେରିକାର ମୁଣ୍ଡପିଛା ଉତ୍ସର୍ଜନ ଭାରତଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଏହାକୁ ସମସ୍ତେ ସ୍ୱୀକାର କରିବା ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି। ସାରା ବିଶ୍ୱରେ ହାରାହାରି ଅଙ୍ଗାରକାମ୍ଳ ଉତ୍ସର୍ଜନ ୪.୭ ଟନ୍ ରହିଥିବାବେଳେ ଆମେରିକାରେ ମୁଣ୍ଡ ପିଛା ଉତ୍ସର୍ଜନ ୧୪.୯ ଟନ୍, ରୁଷିଆରେ ୧୧.୪ ଟନ୍, ଚାଇନା ୮ ଟନ୍, ଜାପାନ ୮.୫ ଟନ୍, ୟୁରୋପୀୟ ୟୁନିୟନରେ ୬.୨ ଟନ୍ ରହିଛି। ଅନ୍ୟପକ୍ଷରେ ଭାରତରେ ମୁଣ୍ଡ ପିଛା ଅଙ୍ଗାରକାମ୍ଳ ଉତ୍ସର୍ଜନ୨ ଟନ୍‌ରୁ କମ୍ ରହିଛି।

### 'କାର୍‌ଗିଲକୁ ବିରୋଧ କରିବାରୁ ବହିଷ୍କୃତ ହୋଇଥିଲି'





**ଲାହୋର,୯।୧୨(ପିଟିଆଇ)**

୧୯୯୯ରେ ପାକିସ୍ତାନର ତତ୍କାଳୀନ ସେନା ମୁଖ୍ୟ ଜେନେରାଲ ପର୍ଭେଜ ମୁଶରଫଙ୍କ କାର୍‌ଗିଲ ଆକ୍ରମଣ ଯୋଜନାକୁ ବିରୋଧ କରିବାରୁ ସରକାରରୁ ବହିଷ୍କୃତ ହୋଇଥିଲେ ବୋଲି ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ ଶରିଫ ଶନିବାର କହିଛନ୍ତି। ନୱାଜ ଭାରତ ସମେତ ପଡୋଶୀ ଦେଶଗୁଡ଼ିକ ସହ ଉତ୍ତମ ସମ୍ପର୍କକୁ ଗୁରୁତ୍ୱ ଦେଉଥିଲେ। ଆଗାମୀ ନିର୍ବାଚନ ଲାଗି ଦଳୀୟ ଟିକେଟ ଆଶାୟୀମାନଙ୍କ ସହ ଆଲୋଚନା ବେଳେ ନୱାଜ ଏହା କହିଛନ୍ତି। ପାକିସ୍ତାନ ମୁସ୍‌ଲିମ୍ ଲିଗ୍-ନୱାଜ ନେତା ନୱାଜ ଶରିଫ୍ ୩ ଥର ପ୍ରଧାନମନ୍ତ୍ରୀ ହୋଇଥିବାବେଳେ ପ୍ରତିଥର ତାଙ୍କୁ କାର୍ଯ୍ୟକାଳ ଶେଷ ହେବା ପୂର୍ବରୁ କ୍ଷମତାରୁ ହଟାଇ ଦିଆଯାଇଥିଲା।



ନାଗାଲାଣ୍ଡର ଚୁମୌକେଡିମା ଅନ୍ତର୍ଗତ ସିଗ୍ରିଜନ ଗ୍ରାମରେ ପ୍ରଥମ ଉତ୍ତରପୂର୍ବାଞ୍ଚଳ ଗୋର୍ଖା ସଂସ୍କୃତି ଉତ୍ସବରେ ନୃତ୍ୟ ପରିବେଷଣ ପୂର୍ବରୁ ପାରମ୍ପରିକ ପୋଷାକରେ କଳାକାର।

### ୯ ଜଣଙ୍କ ନାଁରେ ସିବିଆଇ ଚାର୍ଜଶିଟ୍

**ମଣିପୁର ନାଗା ମହିଳା ହତ୍ୟା ମାମଲା**

**ନୂଆଦିଲ୍ଲୀ,୯।୧୨(ପିଟିଆଇ)**

ମଣିପୁରରେ ଜାତିଆଣ ହିଂସା ଚାଲିଥିବାବେଳେ ଜୁଲାଇ ୧୫ରେ କେଇବ ଗ୍ରାମରେ ଜଣେ ୫୫ ବର୍ଷୀୟ ନାଗା ମହିଳାଙ୍କୁ ଉତ୍ତ୍ୟକ୍ତ ଲୋକେ ହତ୍ୟା କରିଥିଲେ। ଏହି ମାମଲାର ତଦନ୍ତ କରୁଥିବା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଶନିବାର ୯ ଜଣଙ୍କ ନାଁରେ ଚାର୍ଜଶିଟ୍ ଦାଖଲ କରିଛି। ଗୁଆହାଟୀର ସ୍ୱତନ୍ତ୍ର ସିବିଆଇ ଅଦାଲତରେ ଦାଏର ଏହି ଚାର୍ଜଶିଟ୍‌ରେ ଅଭିଯୁକ୍ତମାନେ ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ଉଲ୍ଲେଖ ରହିଛି। ପୂର୍ବରୁ ଇମ୍ଫାଲ ଇଷ୍ଟର ଲାମଲାଇ ଥାନାରେ ମାମଲା ରୁଜୁ ହୋଇଥିବାବେଳେ ମଣିପୁର ସରକାରଙ୍କ ଅନୁରୋଧ କ୍ରମେ ଏହାକୁ ସିବିଆଇକୁ ହସ୍ତାନ୍ତର କରାଯାଇଥିଲା। ଅଭିଯୋଗ ଅନୁଯାୟୀ ଜୁଲାଇ ୧୫ ଅପରାହ୍ନ ୧୨ଟା ୧୦ରେ ସଶସ୍ତ୍ର ଦୁର୍ବୃତ୍ତଙ୍କ ସମେତ ପ୍ରାୟ ୧୦୦ ଜଣ ସାଓ୍ୱମବଙ୍ଗ୍ ଗେଟ୍‌ଠାରେ ମହିଳାଙ୍କୁ ଅଟକ ରଖିବା ପରେ ଏକ କାର୍‌ରେ କେଇବି ଗ୍ରାମକୁ ଜବରଦସ୍ତ ନେଇଯାଇଥିଲେ। ସେହିଦିନ ମହିଳାଙ୍କ ମୃତଦେହ ଉକ୍ତ ଗ୍ରାମରୁ ମିଳିଥିଲା।

### ଭାଜପାକୁ ଭୋଟ ଦେବାରୁ ମୁସଲମାନ ମହିଳାଙ୍କୁ ମାଡ଼

**ଭୋପାଳ,୯।୧୨**

ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନ ବେଳେ ଭାଜପାକୁ ଭୋଟ ଦେଇଥିବାରୁ ଜଣେ ମୁସଲମାନ ମହିଳାଙ୍କୁ ତାଙ୍କର ପରିବାର ଲୋକେ ମାଡ଼ ମାରିଛନ୍ତି। ସାମିନା ବି ନାମ୍ନୀ ଉକ୍ତ ମହିଳା ଶନିବାର ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନଙ୍କୁ ତାଙ୍କ ବାସଭବନରେ ଭେଟି ସେ ଓ ତାଙ୍କ ଦୁଇ ପିଲାଙ୍କ ସୁରକ୍ଷାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ସାମିନାଙ୍କୁ ସୁରକ୍ଷା ଯୋଗାଇଦେବା ଲାଗି ଶିବରାଜ ପ୍ରତିଶ୍ରୁତି ଦେଇଛନ୍ତି।

### ଆକବରୁଦ୍ଦିନ ଅସ୍ଥାୟୀ ତେଲଙ୍ଗାନା ବାଚସ୍ପତି

**ଭାଜପା ବିଧାୟକଙ୍କ ବର୍ଜନ**

**ହାଇଦ୍ରାବାଦ,୯।୧୨**

ଏଆଇଏମ୍‌ଆଇଏମ୍‌ର ନବନିର୍ବାଚିତ ବିଧାୟକ ଆକବରୁଦ୍ଦିନ ଓ୍ୱାଇସିଙ୍କୁ ତେଲଙ୍ଗାନା ବିଧାନସଭାର ଅସ୍ଥାୟୀ ବାଚସ୍ପତି ନିଯୁକ୍ତ କରାଯାଇଥିବାବେଳେ, ଏହାକୁ ବିରୋଧ କରି ଭାଜପା ବିଧାୟକମାନେ ଶପଥ ଗ୍ରହଣ ଉତ୍ସବକୁ ବର୍ଜନ କରିଛନ୍ତି। ଅସ୍ଥାୟୀ ବାଚସ୍ପତି ନୂଆ ବିଧାୟକମାନଙ୍କୁ ଶପଥ ପାଠ କରାଇଥାନ୍ତି। ବଞ୍ଚିଥିବା ପର୍ଯ୍ୟନ୍ତ ହିନ୍ଦୁ ବିରୋଧୀ ଏଆଇଏମ୍‌ଆଇଏମ୍ ନେତାଙ୍କ ଆଗରେ କଦାପି ଶପଥ ନେବେ ନାହିଁ ବୋଲି ଭାଜପା ବିଧାୟକ ଟି. ରାଜା ସିଂ ଏକ ଭିଡିଓ ବାର୍ତ୍ତାରେ କହିଛନ୍ତି। ପୂର୍ଣ୍ଣକାଳୀନ ବାଚସ୍ପତି ନିଯୁକ୍ତ ହେବା ପରେ ସେ ଶପଥ ନେବେ ବୋଲି ଜଣାଇଛନ୍ତି।



ସଦ୍ୟସମାପ୍ତ ତେଲଙ୍ଗାନା ବିଧାନସଭା ନିର୍ବାଚନରେ ଭାଜପା ୮ ଆସନରେ ଜିତିଛି। ଜଣେ ବରିଷ୍ଠ ବିଧାୟକଙ୍କୁ ଅସ୍ଥାୟୀ ବାଚସ୍ପତି କରାଯିବା ପରିବର୍ତ୍ତେ ଓ୍ୱାଇସିଙ୍କୁ ଏହି ପଦରେ ନିଯୁକ୍ତି ଦିଆଯାଇଥିବାରୁ ଏହାକୁ ଭାଜପା ବିରୋଧ କରୁଥିବା ଦଳର ରାଜ୍ୟ ସଭାପତି ଜି. କିଶନ ରେଡ୍ଡୀ କହିଛନ୍ତି।

**ହମାସ୍‌କୁ ନେଇ ପ୍ରଶ୍ନ**

### ସ୍ୱାକ୍ଷରିତ ଉତ୍ତର ଦେଇ ନ ଥିବା କହିଲେ ମନ୍ତ୍ରୀ

**ନୂଆଦିଲ୍ଲୀ,୯।୧୨**

ହମାସ୍‌କୁ ଆତଙ୍କବାଦୀ ସଂଗଠନ ଘୋଷଣା ସମ୍ପର୍କିତ ପ୍ରଶ୍ନ ଉପରେ କୌଣସି ଉତ୍ତରରେ ସ୍ୱାକ୍ଷର କରି ନ ଥିବା କେନ୍ଦ୍ରମନ୍ତ୍ରୀ ମୀନାକ୍ଷୀ ଲେଖି ଶନିବାର ସ୍ପଷ୍ଟ କରିଦେଇଛନ୍ତି। ହମାସ୍‌କୁ ଆତଙ୍କବାଦୀ ସଂଗଠନ ଘୋଷଣା ନେଇ ଏକ ଅଣତାରକା ପ୍ରଶ୍ନର ତଥାକଥିତ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଉକ୍ତ ଭାଇରାଲ ଖବରକୁ ନେଇ ମୀନାକ୍ଷୀ ଉପରୋକ୍ତ ସ୍ପଷ୍ଟୀକରଣ ରଖିଛନ୍ତି।

### ଯୁଦ୍ଧବିରତି ପ୍ରସ୍ତାବ ଉପରେ ଆମେରିକାର ଭିଟୋ

**ଜାତିସଂଘ,୯।୧୨(ପିଟିଆଇ)**

ଯୁଦ୍ଧ କ୍ଷତିଗ୍ରସ୍ତ ଗାଜାରେ ମାନବୀୟତା ଦୃଷ୍ଟିକୋଣରୁ ତୁରନ୍ତ ଅସ୍ତ୍ରବିରତି ଦାବିକରି ଏବଂ ହମାସ୍ ଆତଙ୍କବାଦୀ ପଣବନ୍ଦୀ କରି ରଖିଥିବା ଲୋକଙ୍କୁ ନିଃସର୍ତ୍ତ ଛାଡ଼ିଦେବାକୁ ଆହ୍ୱାନ ଦେଇ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)ରେ ଅଣାଯାଇଥିବା ଚିଠା ପ୍ରସ୍ତାବ ଉପରେ ଆମେରିକା ଭିଟୋ ପ୍ରୟୋଗ କରିଛି। ୟୁନାଇଟେଡ୍ ଆରବ ଏମିରେଟ୍ସ ପକ୍ଷରୁ ଏହି ପ୍ରସ୍ତାବ ଅଣାଯାଇଥିବାବେଳେ ୯୦ରୁ ଅଧିକ ସଦସ୍ୟ ରାଷ୍ଟ୍ରଙ୍କର ସମର୍ଥନ ରହିଥିଲା। ଶୁକ୍ରବାର ଏହା ଉପରେ



ଇସ୍ରାଏଲ୍ ସେନା ବୋମାମାଡ଼ରେ ଧ୍ୱଂସପ୍ରାପ୍ତ ଏକ ଘରୁ ଜଣେ ବ୍ୟକ୍ତି ଆସବାବପତ୍ର ନେଉଛନ୍ତି।

ଭୋଟ ପାଇଁ ୧୫ ରାଷ୍ଟ୍ର କାଉନ୍‌ସିଲ ଏକାଠି ହୋଇଥିଲେ। କାଉନ୍‌ସିଲ୍‌ର ୧୩ ସଦସ୍ୟ ପ୍ରସ୍ତାବ ସପକ୍ଷରେ ଭୋଟ ଦେଇଥିଲେ। ବ୍ରିଟେନ୍ ଭୋଟଦାନରୁ ଅନୁପସ୍ଥିତ ରହିଥିଲା ବେଳେ ଆମେରିକା ଭିଟୋ ପ୍ରୟୋଗ କରିଥିଲା।

**ଫୁର୍‌ସତ୍**

## ସମସ୍ତଙ୍କ ପାଇଁ ସମାନତା, ନ୍ୟାୟ ଅପରିହାର୍ଯ୍ୟ

**ଅନ୍ତର୍ଜାତୀୟ ମାନବାଧିକାର ଦିବସ**

**ମ**ଣିଷ ସମାଜରେ ସଭିଏଁ ଏକ ଏବଂ ଅଭିନ୍ନ। ସମସ୍ତେ ସମାନ ଅଧିକାର ସହ ବଞ୍ଚିବା ଅପରିହାର୍ଯ୍ୟ। ପୃଥିବୀରେ ବିଭିନ୍ନ ବର୍ଗର ଲୋକଙ୍କ ମଧ୍ୟରେ ସମାନତା ବଜାୟ ରହିବା ଅପରିହାର୍ଯ୍ୟ। ଏହାଦ୍ୱାରା ବିକାଶଧାରା ଅବ୍ୟାହତ ରହିବା ସହ ପୃଥିବୀ ଏକ ବୃହତ ପରିବାର ବୋଲି ଧାରଣା ସୃଷ୍ଟି ହୋଇଥାଏ। ବିଶ୍ୱ ଭ୍ରାତୃତ୍ୱକୁ ଆଗେଇ ନେବାକୁ ପ୍ରତିବର୍ଷ ଡିସେମ୍ବର ୧୦ରେ ଅନ୍ତର୍ଜାତୀୟସ୍ତରରେ ମାନବାଧିକାର ଦିବସ ପାଳନ କରାଯାଇଥାଏ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ମାନବ ଅଧିକାରର ଗୁରୁତ୍ୱକୁ ଅନ୍ତର୍ଜାତୀୟ କ୍ଷେତ୍ରରେ ପ୍ରାଥମିକତା ଦିଆଯାଇଥିଲା। ୧୯୪୮ ଡିସେମ୍ବର ୧୦ରେ ଜାତିସଂଘର ସାଧାରଣ ମହାସଭାରେ ମାନବିକ ଅଧିକାର ଘୋଷଣାନାମା ପ୍ରସ୍ତାବକୁ ଅନୁମୋଦନ କରାଯାଇଥିଲା।



ମାନବିକ ଅଧିକାର ଦିବସର ଆନୁଷ୍ଠାନିକ ପ୍ରତିଷ୍ଠା ୪ ଡିସେମ୍ବର ୧୯୫୦ରେ ସାଧାରଣ ସଭାର ୩୧୭ ତମ ବୈଠକରେ ହୋଇଥିଲା। ବିଧିବଦ୍ଧ ଭାବେ ୧୯୫୦ ଡିସେମ୍ବର ୧୦ଠାରୁ ଏହାର ପାଳନ ଆରମ୍ଭ ହୋଇଥିଲା। କାହାର ସ୍ୱାର୍ଥରେ ଉଲ୍ଲଂଘନ ହେଲେ ମିଳିତ ଜାତିସଂଘ ପକ୍ଷରୁ ଏନେଇ ପଦକ୍ଷେପ ଗ୍ରହଣ କରାଯାଇଥାଏ। ଏହି ଦିବସର ପାଳନ ମାନବିକ ଅଧିକାରର ପ୍ରାସଙ୍ଗିକତା ଉପରେ ଗୁରୁତ୍ୱାରୋପ କରିଥାଏ। ବିଶ୍ୱର ବୃହତ ପରିବାର ମଧ୍ୟରେ ସମସ୍ତଙ୍କର ସ୍ୱାର୍ଥ ସୁରକ୍ଷା ହିଁ ଏକମାତ୍ର ଲକ୍ଷ୍ୟ ବୋଲି ମାନବାଧିକାର ଦିବସ ସୂଚିତ କରିଥାଏ। ଏହି ଦିବସ ପାଳନ ଅବସରରେ ବିଶ୍ୱସ୍ତରରେ ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ କ୍ଷେତ୍ରରେ ଯେପରି ସଭିଙ୍କୁ ସମାନ ସୁବିଧା ସୁଯୋଗ ଉପଲବ୍ଧ କରାଯିବ ସେ ନେଇ ସଚେତନତା ସୃଷ୍ଟି କରାଯାଇଥାଏ।

ସରଳ ଶବ୍ଦରେ, ମାନବ ଅଧିକାର ଏପରି ଅଧିକାରକୁ ସୂଚିତ କରେ ଯାହା ଜାତି, ଲିଙ୍ଗ, ଜାତୀୟତା, ଧର୍ମ କିମ୍ବା ଅନ୍ୟ କୌଣସି ଆଧାରରେ ଭେଦଭାବ କରି ନ ଥାଏ। ମାନବ ଅଧିକାର ମୁଖ୍ୟତଃ ଜୀବନ ଏବଂ ସ୍ୱାଧୀନତାର ଅଧିକାର, ଦାସତ୍ୱ ତଥା ନିର୍ଯ୍ୟାତନାରୁ ମୁକ୍ତି, ଅଭିବ୍ୟକ୍ତିର ସ୍ୱାଧୀନତା ଅଧିକାର ଏବଂ କାର୍ଯ୍ୟ ତଥା ଶିକ୍ଷାକୁ ଅନ୍ତର୍ଭୁକ୍ତ କରେ। ସମ୍ମାନ ଏବଂ ଅଧିକାର ଦୃଷ୍ଟିରୁ ସମସ୍ତଲୋକ ମୁକ୍ତ ଏବଂ ସମାନ, ଅର୍ଥାତ ସମସ୍ତମାନବଙ୍କର ସମ୍ମାନ ଏବଂ ଅଧିକାର ଦୃଷ୍ଟିରୁ ସ୍ୱାଧୀନତା ତଥା ସମାନତା ରହିଛି। ପ୍ରତିବର୍ଷ ଏହି ଦିବସ ଏକ ସ୍ୱତନ୍ତ୍ର ବାର୍ତ୍ତା ବହନ କରିଥାଏ। ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ହେଉଛି ସମସ୍ତଙ୍କ ପାଇଁ ସ୍ୱାଧୀନତା ସମାନତା ଏବଂ ନ୍ୟାୟ।

### ଥୋମାସ୍ ସଡ଼କରେ ଫ୍ୟାଶନ ଶୋ'

**ଲଣ୍ଡନ:** ସାଧାରଣତଃ ଫ୍ୟାଶନ ଶୋ' ବନ୍ଦ ଘର ଭିତରେ ଆୟୋଜିତ ହୋଇଥାଏ। ଯେଉଁଠାରେ ପ୍ରସିଦ୍ଧ ଡିଜାଇନରଙ୍କ ସହ ଅନେକ ବଡ଼ ବଡ଼ ଲୋକ ଉପସ୍ଥିତ ଥାନ୍ତି। ହେଲେ ନିକଟରେ ଇଂଲଣ୍ଡର ମାଞ୍ଚେଷ୍ଟରର ଥୋମାସ ସଡ଼କରେ ଏକ ଫ୍ୟାଶନ ଶୋ' ଦେଖିବାକୁ ମିଳିଛି। ଯେଉଁଠାରେ ଅନେକ ତାରକା କ୍ୟାଟଓ୍ୱାକ୍ କରୁଥିବା ନଜରକୁ ଆସିଛି। ସେପ୍ଟେମ୍ବରରେ ହୋଇଥିବା ଏହି ଫ୍ୟାଶନ ଶୋ'ର ଭିଡିଓ ବେଶ୍ ଭାଇରାଲ



ହେବାରେ ଲାଗିଛି। ଏଥିରେ ବହୁତ ସୁନ୍ଦର ମଡେଲ କ୍ୟାଟଓ୍ୱାକ୍ କରୁଛନ୍ତି। ଡିଜାଇନର ଏଲେନା ୱେଲେଜ୍ ତାଙ୍କ ସ୍ପ୍ରିଙ୍ଗ୍ ୨୦୨୪ କଲେକ୍ସନକୁ ପ୍ରଦର୍ଶିତ କରିବାକୁ ଏପରି ଉପାୟ ଆପଣେଇଥିଲେ। ଏହି ଫ୍ୟାଶନ ଶୋ' ସେଠାରେ ବହୁ ଚର୍ଚ୍ଚାକୁ ଆସିଥିଲା। ଫ୍ରାନ୍ସିସି ଲକ୍ସୁରୀ ବ୍ରାଣ୍ଡ ଚୈନେଲ ମାଞ୍ଚେଷ୍ଟରର ସଡ଼କରେ ଏହି ଫ୍ୟାଶନ ଶୋ'ର ଆୟୋଜନ କରିଥିଲା। ଏଥିରେ ଅଭିନେତ୍ରୀ କ୍ରିଷ୍ଟେନ ଷ୍ଟିୱାର୍ଟ, ହ୍ୟୁଗ୍ ଗ୍ରାଣ୍ଟ, ଏବେରଷ୍ଟେନ୍, ଲକି ବଏନଟନ ଏବଂ ଟିଲ୍ଡା ସ୍ୱିନଟନଙ୍କ ସହିତ ନିର୍ଦ୍ଦେଶକ ସୋଫିଆ କୋପୋଲା ମଧ୍ୟ ଉପସ୍ଥିତ ଥିଲେ। ସେମାନଙ୍କ ସହ ଅନେକ ମଡେଲ ସେହି ସଡ଼କରେ କ୍ୟାଟଓ୍ୱାକ୍ କରିଥିଲେ। ଶୋ' ସମୟରେ ବର୍ଷାରୁ ସୁରକ୍ଷା ପାଇଁ ଉପରେ ଏକ ବଡ଼ ପାଲର ବ୍ୟବସ୍ଥା କରାଯାଇଥିଲା।

### 'ବ୍ରହ୍ମାସ୍ତ୍ର ୨'ରେ ରଣବୀରଙ୍କ ଏଣ୍ଟ୍ରି

**ମୁମ୍ବାଇ:** ରଣବୀର କପୁରଙ୍କ ଫିଲ୍ମ 'ବ୍ରହ୍ମାସ୍ତ୍ର' ଗତବର୍ଷ ରିଲିଜ୍ ହୋଇଥିଲା। ଯାହା ବକ୍ସ ଅଫିସରେ ବହୁତ କଲେକ୍ସନ କରିବା ସହ ସିନେମାକୁ ଦର୍ଶକଙ୍କଠାରୁ ଭଲ ପ୍ରତିକ୍ରିୟା ମିଳିଥିଲା। ଆର୍ଯ୍ୟନ୍ ମୁଖାର୍ଜୀଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରରେ ଆଲିଆ ଭଟ୍ଟ, ଅମିତାଭ ବଚ୍ଚନ, ଶାହରୁଖ୍ ଖାନ୍, ଦୀପିକା ପାଦୁକୋନ, ମୌନି ରୟଙ୍କ ଭଳି ଅନେକ କଳାକାରଙ୍କୁ ଦେଖିବାକୁ ମିଳିଥିଲା। ବର୍ତ୍ତମାନ ଫିଲ୍ମର ଦ୍ୱିତୀୟ ଭାଗ ଅର୍ଥାତ୍ 'ବ୍ରହ୍ମାସ୍ତ୍ର ୨' ପୁଣି ଥରେ ଚର୍ଚ୍ଚାକୁ ଆସିଛି। ସିନେମାର ଦ୍ୱିତୀୟ ଭାଗରେ ବଡ଼ ବଡ଼ ତାରକାଙ୍କ ନାମ ରହିଥିବା ଜଣାପଡୁଛି। ଯାହାଙ୍କ ମଧ୍ୟରେ ରଣବୀର ସିଂଙ୍କ ନାମ ସାମ୍ନାକୁ ଆସିଛି। ରିପୋର୍ଟ ମୁତାବକ, ରଣବୀର ସିଂ ଫିଲ୍ମରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜରକୁ ଆସିବେ। ବର୍ତ୍ତମାନ ନିର୍ମାତା ଫିଲ୍ମ 'ୱାର ୨'ରେ ବ୍ୟସ୍ତ ଥିବାବେଳେ ରଣବୀର ସିଂ ମଧ୍ୟ ତାଙ୍କ ଅନ୍ୟ ଏକ ପ୍ରୋଜେକ୍ଟରେ ବ୍ୟସ୍ତ ଅଛନ୍ତି। ତେବେ ଫିଲ୍ମଟି ୨୦୨୫ରେ ପ୍ରେକ୍ଷାଳୟକୁ ଆସିବ ବୋଲି ଅନୁମାନ କରାଯାଉଛି। ଶେଷ ଥର ପାଇଁ ତାଙ୍କୁ ଚଳଚ୍ଚିତ୍ର 'ସର୍କସ'ରେ ଦେଖିବାକୁ ମିଳିଥିଲା। ଅଭିନେତା ଅଲ୍ଲୁ ଅର୍ଜୁନଙ୍କ ଫିଲ୍ମ 'ପୁଷ୍ପା ୨: ଦି ରୁଲ୍'ରେ ସେ ନଜରକୁ ଆସିବେ।



### ବିରଳ ଲ୍ୟୁସିଷ୍ଟିକ୍ କୁମ୍ଭୀର ଜନ୍ମ



**ଓ୍ୱାଶିଂଟନ:** ଆମେରିକା ଫ୍ଲୋରିଡାରେ ବିଶ୍ୱର ସବୁଠୁ ଦୁର୍ଲଭ ଧଳା କୁମ୍ଭୀର ଜନ୍ମ ହୋଇଛି। ଏହାକୁ ଦେଖି ବୈଜ୍ଞାନିକମାନେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ରିପୋର୍ଟ ମୁତାବକ, ଏହି କୁମ୍ଭୀରର ଜନ୍ମ ଗୁରୁବାର ହୋଇଥିବା ଜଣାପଡ଼ିଛି। ଏହି କୁମ୍ଭୀର ଲ୍ୟୁସିଷ୍ଟିକ୍ ପ୍ରଜାତିର। ପ୍ରାଣୀଉଦ୍ୟାନ ଗଟରଲ୍ୟାଣ୍ଡର ଅଧ୍ୟକ୍ଷ ଏବଂ ସିଇଓ ମାର୍କ ମୈକହୁଘଙ୍କ କହିବା ମୁତାବକ, ଏହା ପ୍ରକୃତରେ ଅସାଧାରଣ ଜୀବ। ସେମାନେ ଏହି ଜୀବର ସୁରକ୍ଷାର ସମସ୍ତ ଦାୟିତ୍ୱ ସାବଧାନତା ସହ ରଖୁଛନ୍ତି। ଏହି କୁମ୍ଭୀରକୁ ଆସନ୍ତା ବର୍ଷ ପ୍ରଦର୍ଶନୀରେ ପ୍ରଦର୍ଶିତ କରିବାକୁ ସେମାନେ ଯୋଜନା କରୁଛନ୍ତି। ଗଟରଲ୍ୟାଣ୍ଡ ଅନୁସାରେ, ଏହି କୁମ୍ଭୀରର ପ୍ରଜାତି ଅଲବିନୋ କୁମ୍ଭୀରଠାରୁ ଭିନ୍ନ ହୋଇଥାନ୍ତି। ଏମାନଙ୍କ ଆଖି ଗୋଲାପି ରଙ୍ଗର ହୋଇଥିବାବେଳେ ଲ୍ୟୁସିଷ୍ଟିକ୍ କୁମ୍ଭୀରଙ୍କ ଆଖି ନୀଳ ରଙ୍ଗର ହୋଇଥାଏ। ବର୍ତ୍ତମାନ ବିଶ୍ୱରେ ମାତ୍ର ୭ଟି ଲ୍ୟୁସିଷ୍ଟିକ୍ କୁମ୍ଭୀର ବଞ୍ଚିଛନ୍ତି। ସେମାନଙ୍କ ମଧ୍ୟରୁ ୩ଟି କୁମ୍ଭୀର ଗଟରଲ୍ୟାଣ୍ଡରେ ଅଛନ୍ତି।

**ଗଞ୍ଜେଇ ଗଛ ନଷ୍ଟ କଲା ପୋଲିସ**

ଗୁଡାରି,(ପ୍ରମୋଦ କୁମାର ପତି )- ଗୁଡାରି ଥାନା କଦମା ବ୍ଲକର ଡୁନାମା ଜଙ୍ଗଲରେ ଚାଷ ହୋଇଥିବା ଗଞ୍ଜେଇ ଗଛ ନଷ୍ଟ କରାଯାଇଛି। ରାୟଗଡା ଏସ୍‌ପି ବିବେକାନନ୍ଦ ଶର୍ମାଙ୍କ ନିର୍ଦ୍ଦେଶକ୍ରମେ ଗୁଣୁପୁର ଏସଡିପିଓଙ୍କ ତତ୍ତ୍ୱାବଧାନରେ ଗୁଡାରି ଥାନା ଅଧିକାରୀ ସମର୍ପିତା ସ୍ୱାଇଁଙ୍କ ଉପସ୍ଥିତିରେ ୭ଏକର ଜମିରେ ଚାଷ ହୋଇଥିବା ଗଞ୍ଜେଇ ଗଛକୁ ପୋଲିସ ନଷ୍ଟ କରିଛି। ନଷ୍ଟ ହୋଇଥିବା ଗଞ୍ଜେଇର ଆନୁମାନିକ ମୂଲ୍ୟ ପ୍ରାୟ ୯୫ ଲକ୍ଷ ଟଙ୍କା ହେବ ବୋଲି ପୋଲିସ ସୂଚନା ଦେଇଛି। ଏହି ମିଳିତ ଚଢ଼ାଉରେ ବନ ବିଭାଗ, ରାଜସ୍ୱ ବିଭାଗ, ଅବକାରୀ ବିଭାଗ ଏବଂ ଗୁଡାରି ପୋଲିସ ସାମିଲ ଥିଲେ। ଗୁଡାରି ତହସିଲଦାର ଏ. ସ୍ନେହଲତା ମାଜିଷ୍ଟ୍ରେଟ ଦାୟିତ୍ୱ ତୁଲାଇ ଥିଲେ।

**ସଂକ୍ଷେପରେ**

## ବିଜ୍ଞାନ ମେଳାରେ ୬୦ ପ୍ରକଳ୍ପ ପ୍ରଦର୍ଶିତ

ଗୁଣପୁର,୯।୧୨(ପ୍ରଦୀପ କୁମାର ପାଢ଼ୀ)

ରାୟଗଡା ଜିଲା ଗୁଣପୁରର ନ୍ୟୁ ଡ୍ରିମ ଇଣ୍ଡିଆ ସ୍କୁଲ ପରିସରରେ ଶନିବାର ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ବିଧାୟକ ରଘୁନାଥ ଗମାଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଏହି ବିଜ୍ଞାନମେଳାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ୬୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଚାରକ ଭାବେ ସରକାରୀ ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ସୁ. ପୁଷ୍ପଲତା ଏବଂ ମହର୍ଷି ଗୁରୁକୁଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବିଜ୍ଞାନ ବିଭାଗ ଅଧ୍ୟାପକ ଦେବବ୍ରତ ପାଢ଼ୀ ଦାୟିତ୍ୱ ତୁଲାଇଥିଲେ। ଅନୁଷ୍ଠାନର ପ୍ରଶାସନିକ ଅଧିକାରୀ ଅଶୋକ କର ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ବିଜ୍ଞାନମେଳା ମାଧ୍ୟମରେ ପିଲାଙ୍କ ମାନସିକ ଦକ୍ଷତା ବୃଦ୍ଧି ହେବା ସହ, ଆଧୁନିକ ଜ୍ଞାନକୌଶଳ ସମ୍ପର୍କରେ ପିଲାମାନେ ଅବଗତ ହୋଇପାରିବେ ବୋଲି ମତ ରଖିଥିଲେ । ଅଧ୍ୟକ୍ଷା ବେବିସ୍ମିତା ମଲ୍ଲିକଙ୍କ ସମେତ ମହର୍ଷି ଗୁରୁକୁଳର ସଭାପତି ସନ୍ତୋଷ କୁମାର ଗୁରୁ, ସମ୍ପାଦକ ରାଜେଶ କୁମାର ପଣ୍ଡା, ନିର୍ଦ୍ଦେଶକ ଲୋକନାଥ ମିଶ୍ରଙ୍କ ସମେତ ବହୁ ବୁଦ୍ଧିଜୀବୀ, ଅଭିଭାବକ ଉପସ୍ଥିତ ରହି ପିଲାଙ୍କୁ ଉତ୍ସାହିତ କରିଥିଲେ।

## ଉଷାପଡ଼ା-ସେମିଳିଗୁଡ଼ା ରାସ୍ତା ଶୋଚନୀୟ



ଟିକିରି, ୯।୧୨(ପ୍ରଫୁଲ୍ଲ କୁମାର ବେହେରା)

କାଶୀପୁର ବ୍ଲକ ଟିକିରି ପଞ୍ଚାୟତ ଅନ୍ତର୍ଗତ ଉଷାପଡ଼ାରୁ ସେମିଳିଗୁଡ଼ା ଯାଇଥିବା ୧.୫ କି.ମି. ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ସେମିଳିଗୁଡ଼ା ଗ୍ରାମକୁ ଯିବାକୁ ପକ୍କାରାସ୍ତା ନ ଥିବାରୁ ସାମାନ୍ୟ ବର୍ଷା ହେଲେ ଗାଁକୁ ଯିବା ମୁସ୍କିଲ ହୋଇପଡୁଛି। ଏହି ଗ୍ରାମଟି ବିସ୍ଥାପିତ ଜମିହରା କ୍ଷତିଗ୍ରସ୍ତ ହୋଇଥିଲେ ମଧ୍ୟ କମ୍ପାନୀ କର୍ତ୍ତୃପକ୍ଷ ଗ୍ରାମର ଉନ୍ନତି ପାଇଁ କୌଣସି ପଦକ୍ଷେପ ନେଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ୧.୫ କି.ମି. ରାସ୍ତା ମରାମତି ପାଇଁ ଗ୍ରାମବାସୀ ବାରମ୍ବାର ପ୍ରଶାସନ,ଉତ୍କଳ ଆଲୁମିନା କର୍ତ୍ତୃପକ୍ଷ ଓ ରାୟଗଡା ବିଧାୟକଙ୍କୁ ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳୁନି ବୋଲି ଗ୍ରାମବାସୀ କହିଛନ୍ତି। ସେମିଳିଗୁଡ଼ା ଗ୍ରାମରେ ପ୍ରାୟ ୬ଶହ ଲୋକ ବାସ କରନ୍ତି। ଏହି ଗ୍ରାମରେ ଏବେ ମେଗା ପାନୀୟ ଜଳ ପ୍ରକଳ୍ପ ପାଇପଲାଇନ କାର୍ଯ୍ୟ ଚାଲିଥିବାରୁ ପ୍ରାୟ ୧ ମାସ ହେବ ରାସ୍ତାରେ ଗାତ ଖୋଳି ଛାଡି ଚାଲିଯାଇଛନ୍ତି। ଫଳରେ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଯଦି କିଛି ଅଘଟଣ ଘଟେ ସେଥିପାଇଁ କିଏ ଦାୟୀ ହେବ ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ବିଭାଗୀୟ ଅଧିକାରୀମାନେ ତୁରନ୍ତ ଧ୍ୟାନ ଦେଇ ସେମିଳାଗୁଡ଼ାକୁ ପକ୍କା ରାସ୍ତା ନିର୍ମାଣ ପାଇଁ ଗ୍ରାମର ପ୍ରତାପ ମାଝି, କୃଷ୍ଣ ମାଝି, ଦେବେନ୍ଦ୍ର ମାଝି, ନକୁଳ ମାଝି, ମାଧବ ମାଝି, ନରେନ୍ଦ୍ର ମାଝି, ପ୍ରଦିପ୍ତ ମାଝି, ପ୍ରବୀଣ ମାଝି, ତୁମେଶ୍ୱର ନାଏକ, ମହେଶ୍ୱର ମାଝି, ଶୁକେସନ ନାଏକ, ନାଗେସର ନାଏକ ପ୍ରମୁଖ ଦାବି କରିଛନ୍ତି।

# ୧୭୬୦ ମାମଲା ଫଇସଲା, ୫୬ ଲକ୍ଷ ଜରିମାନା ଆଦାୟ

ରାୟଗଡ଼ା,୯।୧୨(ଭାଗ୍ୟଶ୍ରୀ ମିଶ୍ର )



ଲୋକ ଅଦାଲତରେ ବିଚାରପତି ଜଣେ ମହିଳାଙ୍କ ସମସ୍ୟା ଶୁଣୁଛନ୍ତି ।

ରାୟଗଡ଼ା ଜିଲା ଆଇନ ସେବା ପ୍ରାଧିକରଣ ତତ୍ତ୍ୱାବଧାନରେ ଜିଲା ସିଭିଲ କୋର୍ଟ ପରିସରରେ ଶନିବାର ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଲୋକ ଅଦାଲତରେ ମୋଟ ୧୭୬୦ ମାମଲାର ଫଇସଲା କରାଯାଇ ଜରିମାନା ବାବଦରେ ୫୬ ଲକ୍ଷ ୧୩ ହଜାର ୯୦୦ ଟଙ୍କା ଆଦାୟ କରାଯାଇଛି। ରାୟଗଡ଼ା ଜିଲା ମୁଖ୍ୟ କୋର୍ଟ ସମେତ ଗୁଣପୁର, ବିଷମକଟକ, କାଶୀପୁର କୋର୍ଟରେ ଦୀର୍ଘଦିନ ଧରି ପଡ଼ିରହିଥିବା ୨୯୨ଟି ମାମଲାର ଫଇସଲା କରାଯାଇଛି। ଏହି ମାମଲାର ଜରିମାନା ବାବଦକୁ ୫୫, ୧୨, ୪୦୦ ଟଙ୍କା ଆଦାୟ ହୋଇଛି। ସେହିଭଳି ରାଜସ୍ୱ ସମ୍ବନ୍ଧିତ ୧୪୬୧ ମାମଲା ଫଇସଲା କରାଯାଇ ୩୧୯୦୦ ଟଙ୍କା ଓ ପ୍ରିଲିଟିଗେଶନ ସମ୍ବନ୍ଧିତ ୭ଟି ମାମଲାର ଫଇସଲା କରାଯାଇ ୬୯୬୦୦ ଟଙ୍କା ଜରିମାନା ଆଦାୟ ହୋଇଛି।

ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲା ଦୌରାଜଜ୍ ସତ୍ୟନାରାୟଣ ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଲୋକ ଅଦାଲତକୁ ଜିଲା ଆଇନ ସେବା ପ୍ରାଧିକରଣର ସମ୍ପାଦିକା ନିବେଦିତା ପଣ୍ଡା ପରିଚାଳନା କରିଥିଲେ । ଏଥିରେ ପରିବାର ଅଦାଲତର ବିଚାରପତି ଅମୃତ ରଞ୍ଜନ ନନ୍ଦ, ସ୍ଥାୟୀ ଲୋକ ଅଦାଲତର ଅଧ୍ୟକ୍ଷ ଏସ୍.ଏ.କେ ଜାହିରା ଅହମ୍ମଦ, ଅତିରିକ୍ତ ଜିଲା ଦୌରା ଜଜ୍ ରୀନା ଚୌଧୁରୀ, ମୁଖ୍ୟ ବିଚାରବିଭାଗୀୟ ଦଣ୍ଡାଧିକାରୀ ମୀନାକ୍ଷୀ ପ୍ରିୟଦର୍ଶିନୀ, ମହିଳା କୋର୍ଟ ବିଚାରପତି ଶୋନଲ ଶର୍ମା, ରେଜିଷ୍ଟ୍ରାର ଦେବିଜ୍ୟୋତି ମହାପାତ୍ର, ସବ୍ ଜଜ୍ ସୋମ୍ୟରୂପ ସାହୁ, ଉପଖଣ୍ଡୀୟ ବିଚାରବିଭାଗୀୟ ଦଣ୍ଡାଧିକାରୀ ବର୍ଷା ଦାସ, ଗ୍ରାମ୍ୟ ନ୍ୟାୟାଧିକାରୀ ଚନ୍ଦନ କୁମାର ଦେହୁରୀ ପ୍ରମୁଖ ଯୋଗଦେଇଥିଲେ । ଜିଲା ଆଇନ ସେବା ପ୍ରାଧିକରଣ ତଥା ଜିଲ୍ଲା ଅଦାଲତର କର୍ମଚାରୀମାନେ ଏଥିରେ ସହଯୋଗ କରିଥିଲେ ।

**ରାୟଗଡ଼ାରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ**

# ଜଳିଗଲା ଲକ୍ଷାଧିକ ଟଙ୍କାର ପିଭିସି ପାଇପ୍

ଟିକିରି ୯।୧୨ (ପ୍ରଫୁଲ କୁମାର ବେହେରା)



ରାୟଗଡା ଜିଲା କାଶୀପୁର ବ୍ଲକର ମେଗା ପାନୀୟ ଜଳପ୍ରକଳ୍ପ ପାଇଁ ଆସିଥିବା ଲକ୍ଷାଧିକ ଟଙ୍କାର ପିଭିସି ପାଇପ ନିଆଁରେ ପୋଡ଼ି ପାଉଁଶ ହୋଇଯାଇଛି। ଖୁରିଗାଁ ମେଗା ପ୍ରକଳ୍ପ ଡିପୋରେ ଶନିବାର ସନ୍ଧ୍ୟା ପ୍ରାୟ ୬ଟାରେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ଏ ନେଇ କାଶୀପୁର ପୋଲିସ ଏବଂ ଦମକଳବାହିନୀଙ୍କୁ ତୁରନ୍ତ ଖବର ଦିଆଯାଇଥିଲା। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିବା ଜଣାଯାଇଛି। କିନ୍ତୁ ନିଆଁର ଭୟାବହତା ଏତେ କ୍ଷିପ୍ର ଥିଲା ଯେ ଅଗ୍ନିଶମ ଗାଡିପହଞ୍ଚିବା ବେଳକୁ ଗଚ୍ଛିତ ପାଇପ ମଧ୍ୟରୁ ଅଧା ପୋଡି ପାଉଁଶ ହୋଇଯାଇଥିଲା।

କାଶୀପୁର ବ୍ଲକ ଅନ୍ତର୍ଗତ ୨୪ ଟି ଗ୍ରାମ ପଞ୍ଚାୟତରେ ୪ଶହ କୋଟି ଟଙ୍କା ବ୍ୟୟ ଅଟକଳରେ ପାନୀୟ ଜଳଯୋଗାଣ ପ୍ରକଳ୍ପ କାମ ଚାଲିଛି। ରାଜ୍ୟ ବାହାରର ଏକ ଘରୋଇ ସଂସ୍ଥା ଗତ ୨ ବର୍ଷ ଧରି ବ୍ଲକ ଅନ୍ତର୍ଗତ କାଳିଆପୋଡା, କାଙ୍ଗଡୁମ୍ବା, ଖୁରି ଗାଁ ଓ ଶିଆଡିମାଲ ଭଳି ୪ଟି ସ୍ଥାନରେ ନିଜର ଅସ୍ଥାୟୀ ଡ଼ିପୋ ଖୋଲି ସମ୍ପୃକ୍ତ କାମ ପାଇଁ ପାଇପ୍ ଗଚ୍ଛିତ ରଖିଛି। ଶନିବାର ସନ୍ଧ୍ୟାରେ ହଠାତ କୌଣସି କାରଣରୁ ଖୁରି ଗାଁ ଡିପୋରେ ନିଆଁ ଲାଗିଯାଇଥିଲା। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ଥିବାବେଳେ ସ୍ଥାନୀୟ ଜନସାଧାରଣ ମନରେ ସନ୍ଦେହ ସୃଷ୍ଟି ହୋଇଛି । ପ୍ରକାଶଥାଉକି, ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟର ସମୟ ଅବଧି ସମାପ୍ତ ହେବାକୁ ଆଉ ମାତ୍ର ଅଳ୍ପଦିନ ବାକି ଥିବାବେଳେ କାର୍ଯ୍ୟଟି ମନ୍ଥର ଗତିରେ ଚାଲୁଥିବାରୁ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକଳ୍ପ କାମ ଶେଷ ହେବାକୁ ନେଇ ରାୟଗଡା ବିଧାୟକ ମକରନ୍ଦ ମୁଦୁଲି ବିଧାନସଭାରେ ଅନେକ ଥର ବିଭାଗୀୟ ମନ୍ତ୍ରୀଙ୍କୁ ପ୍ରଶ୍ନ କରିଥିଲେ। ଘଟଣାର ତଦନ୍ତ ପରେ ସତ୍ୟାସତ୍ୟ ପଦାକୁ ଆସିବ ବୋଲି କାଶୀପୁର ଥାନା ଅଧିକାରୀ ସୂର୍ଯ୍ୟ ପ୍ରକାଶ ନାଏକ କହିଛନ୍ତି ।

## ଘର ସମ୍ମୁଖରୁ ଖବରଦାତାଙ୍କ ବାଇକ୍ ଚୋରି

ରାୟଗଡ଼ା,୯।୧୨(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ସହରର ନେହରୁ ନଗର ତୃତୀୟ ଲେନ୍‌ରେ ଜଣେ ଖବରଦାତାଙ୍କ ଘର ସମ୍ମୁଖରୁ ଅନ୍ୟ ଜଣେ ଖବରଦାତାଙ୍କ ବାଇକ୍ ଚୋରି ହୋଇଛି। ସିସି କ୍ୟାମେରାରେ ବାଇକ ଚୋରି ଦୃଶ୍ୟ କଏଦ ହୋଇଥିଲେ ମଧ୍ୟ ବାଇକ ଓ ଦୁର୍ବୃତ୍ତଙ୍କ ଟେର ପାଉନି ପୋଲିସ । ଶନିବାର ପ୍ରାୟ ୨.୩୦ରେ ଜଣେ ଖବରଦାତା ବିଜୟ ଦାସ ନେହେରୁ ନଗରସ୍ଥିତ ଏକ ଖବରଦାତା ବନ୍ଧୁଙ୍କ ଘର ସମ୍ମୁଖରେ ବାଇକ ରଖି ଘର ଭିତରକୁ ଯାଇଥିଲେ । କାମ ସାରି ୩.୩୦ରେ ଫେରିବା ବେଳେ ନିଜର ବାଇକ ସେଠାରେ ନ ଥିବା ଦେଖି ଘର ବାହାରେ ଲାଗିଥିବା ସିସି ଟିଭି ଫୁଟେଜ ଯାଞ୍ଚ କରିଥିଲେ । ଜଣେ ଦୁର୍ବୃତ୍ତ ବାଇକ ଉପରେ ବସି ଏକ ଚାବି ଲଗାଇ ଗାଡ଼ି ଷ୍ଟାର୍ଟ କରି ସେଠାରୁ ଚମ୍ପଟ ମାରିଥିବା ସିସି କ୍ୟାମେରା ଫୁଟେଜରୁ ହସ୍ତଗତ ହୋଇଛି। ଏ ନେଇ ବିଜୟ ପୋଲିସରେ ଏତଲା ଦେବା ପରେ ଟାଉନ ଥାନା ଆଇଆଇସି କେକେବିକେ କହଁର ଓ ଏସଆଇ ସଞ୍ଜୟ ଛତର ଘଟଣାସ୍ଥଳକୁ ଆସି ଖୋଜାଖୋଜି କରିଥିଲେ ମଧ୍ୟ ବାଇକର କୌଣସି ପତ୍ତା ମିଳିନାହିଁ । ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା କହିଛି। ପକାଶ ଥାଉକି, ରାୟଗଡ଼ା ସହରର ସୁରକ୍ଷା ପାଇଁ ଚାରିଆଡ଼େ ସିସି କ୍ୟାମେରା ଖଞ୍ଜା ଯାଇଥିଲେ ମଧ୍ୟ ଦୁର୍ବୃତ୍ତ ଅପରାଧ ଘଟାଇବା ଏବଂ ଚୋରି କରିବାକୁ ପଛାଉ ନାହାଁନ୍ତି । ପୋଲିସକୁ ଏକପ୍ରକାର ଖୋଲା ଚ୍ୟାଲେଞ୍ଜ କରୁଥିବା ଆଲୋଚନା ହେଉଛି।

# ବାଲ୍ୟବିବାହ ରୋକିବାକୁ ସଚେତନତା




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ସଚେତନ କରୁଛନ୍ତି।

ପଦ୍ମପୁର, ୯।୧୨ (ପ୍ରଶାନ୍ତ କୁମାର କର)

ପଦ୍ମପୁରସ୍ଥିତ ଆର୍‌ଜି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ନୂଆ ଓଡ଼ିଶା ଓ ନବୀନ ଓଡ଼ିଶା ତରଫରୁ ରାଜ୍ୟ ଯୁବ ଓ କ୍ରୀଡ଼ା ବିଭାଗ ଆନୁକୂଲ୍ୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ମେଡିକାଲର ଭାରପ୍ରାପ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଋତୁପର୍ଣ୍ଣା ପଟ୍ଟନାୟକ ଏବଂ ସଫିଆ ରାୟିକା ବାଲ୍ୟବିବାହର କୁପରିଣତି ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଇଥିଲେ । ବାଲ୍ୟବିବାହ ଏବଂ ଏହାର ପ୍ରଭାବ ଆମ ସମାଜ ଓ ଦେଶ ଉପରେ କିଭଳି କୁପ୍ରଭାବ ପକାଉଛି ସେ ସମ୍ପର୍କରେ ଆଲୋକପାତ କରିଥିଲେ। ସେହିଭଳି ରାୟଗଡ଼ା ଜିଲାର ବିଶିଷ୍ଟ ସମାଜସେବୀ ବଳରାମ ପଣ୍ଡା ନିବାରଣ ସମ୍ପର୍କରେ ଆଲୋଚନାକରି ଛାତ୍ରୀଛାତ୍ରଙ୍କୁ ସଚେତନ କରାଇଥିଲେ । ନିଶା କିଭଳି ମଣିଷକୁ କୁପଥଗାମୀ କରାଏ ଏବଂ ନିଶାମୁକ୍ତ ସମାଜ ଗଠନ କରିବାକୁ ସେ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ । ଏକ ସୁସ୍ଥ ସମାଜ ଗଠନ ପାଇଁ ଛାତ୍ରୀଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିବା ବେଳେ ବାଲ୍ୟବିବାହ ଏବଂ ନିଶା ନିବାରଣ ବିରୋଧରେ ଜନମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧ୍ୟକ୍ଷ ସୁବାସ ଚନ୍ଦ୍ର ସାହୁ ସଭାପତିତ୍ୱ କରିଥିବା ବେଳେ ନୋଡାଲ ଅଫିସର ଅଶୋକ କୁମାର ଦାସ ପରିଚାଳନା କରିଥିଲେ। ଶେଷରେ ରସାୟନ ବିଜ୍ଞାନ ଅଧ୍ୟାପକ ରମେଶ ଚନ୍ଦ୍ର ପଣ୍ଡା ଅତିଥିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଅଧ୍ୟାପକ ଏବଂ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ଗୁଡ଼ାରିରେ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

ଗୁଡ଼ାରି,୯।୧୨ (ପ୍ରମୋଦ କୁମାର ପତି )




କାର୍ଯ୍ୟକ୍ରମରେ ବିଧାୟକଙ୍କ ସହ ମଞ୍ଚାସୀନ ଅତିଥିମାନେ।

ଗୁଡାରିସ୍ଥିତ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶନିବାର ନୂଆ ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ରଘୁନାଥ ଗମାଙ୍ଗ ଯୋଗଦେଇ ଥିଲେ। ଏନ୍‌ଏସି ଅଧ୍ୟକ୍ଷା ସରମିତା ଶବର, ସରକାରୀ ହାଇସ୍କୁଲ ପ୍ରଧାନ ଶିକ୍ଷକ ରାଜକିଶୋର ସାହୁ, ଯୋଗେନ୍ଦ୍ର ମେହେର ମଞ୍ଚାସୀନ ଥିଲେ। ଭଲ ପାଠ ପଢିବା ସହ ନୂଆ ଓଡ଼ିଶା ତଥା ନୂଆ ଭାରତ ଗଠନ ଦିଗରେ ପ୍ରସ୍ତୁତ ହେବା ପାଇଁ ବିଧାୟକ ନିଜ ଅଭିଭାଷଣରେ କହିଥିଲେ। ଏଥିସହ ଏହି ଅନୁଷ୍ଠାନର ସୁନାମକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଅଧ୍ୟକ୍ଷ ଜଳନ୍ଧର ଗୌଡ଼ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କଲେଜର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ରାୟଗଡ଼ା ମହିଳା ମହାବିଦ୍ୟାଳୟରେ କ୍ରୀଡ଼ା ପ୍ରତିଯୋଗିତା



କ୍ରୀଡା ପ୍ରତିଯୋଗିତାରେ ଛାତ୍ରୀମାନେ କବାଡି ଖେଳୁଛନ୍ତି।

ରାୟଗଡା,୯।୧୨(ଭାଗ୍ୟଶ୍ରୀ ମିଶ୍ର )

ରାୟଗଡା ମହିଳା ମହାବିଦ୍ୟାଳୟରେ ଶନିବାର ସକାଳେ ନୂଆ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଅର୍ନ୍ତଗତ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ଜିଲା କ୍ରୀଡା ଅଧିକାରୀ ଶେଖ୍ ଆଲିନୂର ସବୁଜ ପତାକା ଦେଖାଇ କ୍ରୀଡା ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ପ୍ରତ୍ୟେକ ଖେଳ ପ୍ରତିଯୋଗିତାରେ ସର୍ବାଧିକ ୨୦୦ ରୁ ଊର୍ଦ୍ଧ୍ୱ ଛାତ୍ରୀ ଭାଗ ନେଇଥିବା ଦେଖାଯାଇଥିଲା। କ୍ରୀଡା ଅଧ୍ୟାପିକା ରୀତାରାଣୀ ମିଶ୍ର ଛାତ୍ରୀଙ୍କୁ ଉତ୍ସାହିତ କରିବା ସହିତ ସମସ୍ତ ପ୍ରତିଯୋଗିତା ସୁଚାରୁ ରୂପରେ ତୁଲାଇ ଥିଲେ। ଆସନ୍ତା ଡିସେମ୍ବର ୧୧, ୧୨ ଓ ୧୩ ତାରିଖରେ ହକି, ଭଲିବଲ,ଟେବୁଲ ଟେନିସ, ଖୋଖୋ, ଟଗ ଅଫ ୱାର ଓ ମ୍ୟୁଜିକାଲ ଚେୟାର ଭଳି ବିଭିନ୍ନ ପ୍ରତିଯୋଗିତା ହେବ ବୋଲି ମହାବିଦ୍ୟାଳୟ ଅଧ୍ୟକ୍ଷା ଡ଼. ଅର୍ଚ୍ଚନା ପଟ୍ଟନାୟକ କହିଛନ୍ତି ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସଫଳତା

ଗୁଣପୁର,୯।୧୨ (ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀଛାତ୍ର ସରକାରୀ ବୃତ୍ତି ପରୀକ୍ଷାରେ ସଫଳତା ହାସଲ କରିଛନ୍ତି। ବ୍ଲକସ୍ତରରେ ନିମ୍ନ ପ୍ରାଥମିକ ବିଭାଗ ତଥା (୩ୟ ଶ୍ରେଣୀରେ ଆଶିଷ କୁମାର ଷଡ଼ଙ୍ଗୀ, ଆୟୁଷ୍ମାନ ସେନାପତି ଓ ଭାଗ୍ୟଶ୍ରୀ କାଡ୍ରାକା ଯଥାକ୍ରମେ ୧ମ, ୨ୟ ଓ ୩ୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଉଚ୍ଚ ପ୍ରାଥମିକ ସ୍ତରରେ ତଥା ୫ମ ଶ୍ରେଣୀରେ ସ୍ନିଗ୍ଧା ପାଢ଼ୀ, ପ୍ରିୟାଂନ୍ସି ପଣ୍ଡା ଓ ବୈଷ୍ଣବୀ ପାଣିଗ୍ରାହୀ ଯଥାକ୍ରମେ ୧ମ, ୨ୟ ଓ ୩ୟ ସ୍ଥାନ ଅଧିକାର କରି ଅନୁଷ୍ଠାନର ଗୌରବ ବର୍ଦ୍ଧନ କରିଛନ୍ତି । ଉକ୍ତ ସଫଳତା ନିମନ୍ତେ ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ କୁମାର ଶତପଥୀ ଓ ଗୁରୁଜୀ ଗୁରୁମା ତଥା ପରିଚାଳନା ସମିତିର ସମସ୍ତ ସଦସ୍ୟ ଉକ୍ତ ଶିଶୁ ଓ ତାଙ୍କ ପରିବାରଙ୍କୁ କୃତଜ୍ଞତା ଜଣାଇଛନ୍ତି ।

# ଶ୍ରମ ବିଭାଗର ଚଢ଼ାଉ,୩ ଶିଶୁ ଶ୍ରମିକ ଉଦ୍ଧାର

ରାୟଗଡା,୯।୧୨ (ଭାଗ୍ୟଶ୍ରୀ ମିଶ୍ର )

ରାୟଗଡା ଜିଲା ଶ୍ରମ ଅଧିକାରୀ ଜସ୍ମିନ ସାହୁଙ୍କ ନିର୍ଦ୍ଦେଶକ୍ରମେ କୋଲନରା ଓ ରାୟଗଡା ଅଞ୍ଚଳରେ ଥିବା ବିଭିନ୍ନ ହୋଟେଲ,ରେଷ୍ଟୁରାଣ୍ଟ, ଦୋକାନ, ମୋଟର ଗ୍ୟାରେଜ ଓ ଅନ୍ୟାନ୍ୟ ଅନୁଷ୍ଠାନ ଓ ପ୍ରତିଷ୍ଠାନ ଉପରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ସମୟରେ ୪ ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ଉଦ୍ଧାର ଶିଶୁଙ୍କୁ ରାୟଗଡ଼ା ଶିଶୁ ମଙ୍ଗଳ ଅଧିକାରୀଙ୍କୁ ହସ୍ତାନ୍ତର କରାଯାଇଛି। ଚଢ଼ାଉ ସମୟରେ ସହକାରୀ ଶ୍ରମ ଅଧିକାରୀ ସଞ୍ଜୟ କୁମାର ରଇତ, ଗୋପାଳ କୃଷ୍ଣ ମଙ୍ଗରାଜ ଏବଂ ନିରଞ୍ଜନ ଭୂୟାଁ ଓ ରାୟଗଡା ଡିସିପିଓ ରଶ୍ମିରଞ୍ଜନ ସେନାପତି, ଚାନ୍ଦିଲି ଥାନା ଅଧିକାରୀ ଓ ଏନଜିଓ ସଦସ୍ୟମାନେ ଉପସ୍ଥିତ ଥିଲେ। ଶ୍ରମ ନିୟମ ଉଲଂଘନ କରି ନିଜ ବ୍ୟବସାୟରେ ଶିଶୁଙ୍କୁ ଶ୍ରମିକ ଭାବେ କାମ କରାଉଥିବାରୁ ଉକ୍ତ ମାଲିକଙ୍କୁ ବିଭାଗ ପକ୍ଷରୁ କାରଣ ଦର୍ଶାଅ ନୋଟିସ ପ୍ରଦାନ କରାଯାଇଥିବା ସହକାରୀ ଶ୍ରମ ଅଧିକାରୀ ରଇତ ସୂଚନା ଦେଇଛନ୍ତି।

# ଛାତ୍ରଙ୍କୁ ଜଳଖିଆ ଖୁଆଇ ହଷ୍ଟେଲ ପଠାଇଲେ ମନ୍ତ୍ରୀ



ମନ୍ତ୍ରୀଙ୍କୁ ଅଭିଯୋଗ କରିବାକୁ ଆସିଥିବା ଛାତ୍ରମାନେ ରାୟଗଡ଼ା ସର୍କିଟ ହାଉସରେ ଖାଉଛନ୍ତି ।

ରାୟଗଡ଼ା,୯।୧୨(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ବ୍ଲକ ବଡରାଇସିଂ ଆଶ୍ରମର ୧୪ ଜଣ ଛାତ୍ର ଭୋକ ଉପାସରେ ରାତିରେ ଚାଲି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିବା ପରେ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କୁ ଭେଟି ସମସ୍ତ ସମସ୍ୟା ଜଣାଇଥିଲେ। ମନ୍ତ୍ରୀ ସାରକା ଛାତ୍ରଙ୍କଠାରୁ ଅଭିଯୋଗ ପାଇବା ପରେ ସ୍କୁଲ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ କହିଥିଲେ। ସମସ୍ତ ଛାତ୍ର ଭୋକିଲା ଥିବା ମନ୍ତ୍ରୀ ଜାଣିବା ପରେ ତୁରନ୍ତ ସେମାନଙ୍କ ପାଇଁ ଜଳଖିଆ ବ୍ୟବସ୍ଥା କରିଥିଲେ। ସମସ୍ତ ୧୪ ପିଲାଙ୍କୁ ସର୍କିଟ ହାଉସସ୍ଥିତ ଡାଇନିଂରେ ବସାଇ ଜଳଖିଆ ଖାଇବା ପାଇଁ କହିଥିଲେ। ଏହି ସମୟରେ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ମଳୟ ରଞ୍ଜନ ଚିନୋରା ଓ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରକାଶ କୁମାର ନାୟକ ଉପସ୍ଥିତ ଥିଲେ। ପିଲାଏଁ ଖାଇବା ପରେ ସମସ୍ତଙ୍କୁ ଗାଡିରେ ନେଇ ହଷ୍ଟେଲରେ ଛାଡ଼ିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ।

# କଲେଜରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଯାପିତ

ବିଷମକଟକ, ୯।୧୨(ବିଭୂତି ଭୂଷଣ ନାୟକ)

ବିଷମକଟକ ବ୍ଲକସ୍ଥିତ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ (ଆଇଟିଆଇ) କଲେଜ ପରିସରରେ ୨ଦିନ ଧରି ଚାଲିଥିବା ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଶନିବାର ଉଦଯାପିତ ହୋଇଛି। କାର୍ଯ୍ୟକ୍ରମରେ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡିଶା କ୍ରୀଡାର ହବ୍ ପାଲଟିଥିବା ବେଳେ ରାଜ୍ୟ ସରକାର କ୍ରୀଡାର ଆବଶ୍ୟକତାକୁ ହୃଦୟଙ୍ଗମ କରି ଖେଳାଳିଙ୍କୁ ପ୍ରୋତ୍ସାହନ କରି ଆସୁଥିବା କହିଥିଲେ। ଏହି ଖେଳକୁଦ ପ୍ରତିଯୋଗିତାକୁ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଦାଶିବ ନାଏକ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ତହସିଲଦାର କେ. ଭେଙ୍କଟେଶ୍ୱର ରେଡ୍ଡୀ, ବ୍ଲକ ଉପାଧ୍ୟକ୍ଷ ଦେବୀ ପ୍ରସାଦ ପଟ୍ଟନାୟକ, ବିଷମକଟକ ଓକିଲ ସଂଘ ସେକ୍ରେଟାରୀ ସନ୍ତୋଷ କୁମାର ପଣ୍ଡା, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ସଦସ୍ୟ ଡମ୍ବରୁଧର ଚୌଧୁରୀ ଏବଂ ବିଷମକଟକ ଥାନା ଅଧିକରୀ ଆମଲ ସରଦାର ଏବଂ ଅନୁଷ୍ଠାନ ର ଅଧ୍ୟକ୍ଷ ଖେଲାରାମ ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ କୃତୀ କ୍ରୀଡ଼ାବିତଙ୍କୁ ପ୍ରମାଣ ପତ୍ର ସହ ପୁରସ୍କୃତ କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଜଣେ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି ।

# ରେଳ ଷ୍ଟେଶନ ସମ୍ମୁଖରୁ ଜବରଦଖଲ ଉଚ୍ଛେଦ

ମୁନିଗୁଡା,୯।୧୨ (ରାଧେଶ୍ୟାମ ଅଗ୍ରୱାଲ)



ରେଳବାଇ ପକ୍ଷରୁ ହୋଇଥିବା ଜବରଦଖଲ ଉଚ୍ଛେଦ ।

ମୁନିଗୁଡା ରେଳ ଷ୍ଟେଶନକୁ ଅମୃତ ଭାରତ ଯୋଜନା ମାଧ୍ୟମରେ ଅନ୍ତର୍ଭୁକ୍ତ କରାଯାଇଛି। ଷ୍ଟେଶନର ଉନ୍ନତିକରଣ ପାଇଁ ସ୍ଥାନର ଆବଶ୍ୟକତା ଥିବାରୁ ଷ୍ଟେଶନ ସମ୍ମୁଖରେ ଥିବା ରେଲୱେ ଜମିକୁ ଶନିବାରଠାରୁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି । ଶନିବାର ସକାଳୁ ରେଳ ବିଭାଗ ତରଫରୁ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଘଟଣାସ୍ଥଳରେ ଜିଲାପାଳ ସ୍ୱାଧାଦେବ ସିଂ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହ ଉଚ୍ଛେଦ ପ୍ରକ୍ରିୟାରେ ସହଯୋଗ କରିବାକୁ ଅନୁରୋଧ କରିଥିଲେ। ପ୍ରଥମ ଦିନରେ ୩୭ଟି ଦୋକାନ ଗୃହ ଭଙ୍ଗାଯିବାକୁ ନିଷ୍ପତ୍ତି ହୋଇଥିଲା। ଅବଶିଷ୍ଟ ଦୋକାନ ଗୃହକୁ ଏହି ମାସ ଶେଷ ସୁଦ୍ଧା ଭଙ୍ଗାଯିବ ବୋଲି ନିଷ୍ପତି ହୋଇଥିବା ରେଳ ବିଭାଗ ତରଫରୁ ଜଣାପଡିଛି । ଉଚ୍ଛେଦ ସମୟରେ ମାଜିଷ୍ଟ୍ରେଟ ଦାୟିତ୍ୱରେ ମୁନିଗୁଡା ତହସିଲଦାର ଏମ.ଅନୁରାଧା ଓ ସୁରକ୍ଷା ଦୃଷ୍ଟିରୁ ବିଷମକଟକ ଏସଡିପିଓ ସନ୍ତୋଷିନି ଓରାମ, ସବ ଇନସ୍ପେକ୍ଟର ମନୋରଞ୍ଜନ ବିଶ୍ୱାଳ, ରେଳ ବିଭାଗର ସାଉଥ୍ ଜୋନ ଡିଭିଜନାଲ ଇଞ୍ଜିନିୟର କେ.ଏନ ରାଜୁ, ଅତିରିକ୍ତ ଡିଭିଜିନାଲ ଇଞ୍ଜିନିୟର ଉପେନ୍ଦ୍ର କୁମାର ସିଂ ଉପସ୍ଥିତ ଥିଲେ। ଆରପିଏଫ ସିକ୍ୟୁରିଟି କମିଶନର ମୁକେଶ କୁମାର, ଆରପିଏଫ ଇନଚାର୍ଜ ଏନ.ଏସ.ମିନା ଓ ଆଇଓଡବ୍ଲ୍ୟୁ ୟୁ.ଏସ କିଡିଆଙ୍କ ସମେତ ଶତାଧିକ ରେଳବାଇ ପୋଲିସ ଓ ଓଡିଶା ପୋଲିସ ଫୋର୍ସ ମୁତୟନ ହୋଇଥିଲେ ।

ସୂଚନାଯୋଗ୍ୟ, ରେଳ ବିଭାଗ କାର୍ଯ୍ୟାଳୟ ତରଫରୁ ଏକ ବିଜ୍ଞପ୍ତି ମାଧ୍ୟମରେ ରେଳ ଷ୍ଟେଶନ ଛକଠାରୁ ସହିଦ ଲକ୍ଷ୍ମଣ ନାୟକ ଛକ ପର୍ଯ୍ୟନ୍ତ ଦୋକାନ ଗୃହ ସବୁ ଭଙ୍ଗା ଯିବାକୁ ନିଷ୍ପତି ହୋଇଛି। ଏହି ସ୍ଥାନରେ ଶତାଧିକ ଦୋକାନୀ ଦୀର୍ଘ ୫୦ ବର୍ଷ ଧରି ଦୋକାନ ଗୃହ ନିର୍ମାଣ କରି ବ୍ୟବସାୟ କରି ଗୁଜୁରାଣ ମେଣ୍ଟାଉଥିଲେ। ତେବେ କିଛିଦିନ ଉଚ୍ଛେଦ କାର୍ଯ୍ୟ ସ୍ଥଗିତ ରଖାଯିବାକୁ ବ୍ୟବସାୟୀମାନେ ଜିଲାପାଳଙ୍କୁ ଭେଟି ନିବେଦନ କରିଥିଲେ।

**ସଂକ୍ଷେପରେ**

## ଦୋକାନ ଜାଳିବା ଘଟଣାରେ ଯୁବକ ଗିରଫ

ଦଶମନ୍ତପୁର, ୯।୧୨ (ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଗିର୍ଲିଗୁମ୍ମା ପଞ୍ଚାୟତର ଗିର୍ଲି ଗ୍ରାମରେ ନନ୍ଦିନୀ ବିଶୋୟୀଙ୍କ ଚାଓମିନ ଦୋକାନରୁ ଚାଓମିନ ଖାଇ ଜଣେ ଯୁବକ ଟଙ୍କା ଦେଇ ନ ଥିଲେ। ଟଙ୍କା ମାଗିବାରୁ ସେ ଦୋକାନରେ ନିଆଁ ଲଗାଇ ଦେଇଥିଲେ। ଘଟଣା ନେଇ ନନ୍ଦିନୀଙ୍କ ସ୍ୱାମୀ ଈଶ୍ୱର ଥାନାରେ ଅଭିଯୋଗ କରିବା ପରେ ସମ୍ପୃକ୍ତ ଯୁବକଙ୍କୁ ଶନିବାର ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ସେ ହେଲେ ଗିର୍ଲି ଗ୍ରାମ ଆଦିବାସୀ ସାହିର ବିଷ୍ଣୁ ମୁଦୁଲି।

## ମହାବିଦ୍ୟାଳୟଠାରେ ନୂଆ-ଓ ଅନ୍ତର୍ଭୁକ୍ତ ସଡ଼କ ସୁରକ୍ଷା ଅଭିଯାନ

କୋରାପୁଟ, ୯।୧୨ (ଅମିତାଭ ବେହେରା)

କୋରାପୁଟ ସରକାରୀ ମହାବିଦ୍ୟାଳୟଠାରେ ଯୁବ ଓଡ଼ିଶା, ନବୀନ ଓଡ଼ିଶା ତଥା ନୂଆ- ଓ ତରଫରୁ ସାମାଜିକ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ସଡ଼କ ସୁରକ୍ଷା ଅଭିଯାନ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଛାତ୍ରୀଛାତ୍ରଙ୍କୁ ଏହି ଅଭିଯାନ ସମ୍ପର୍କରେ ସଚେତନ କରିବାକୁ ଡ. କୁଳଦୀପ ଲାକ୍ରାଙ୍କ ଅଧ୍ୟକ୍ଷତାରେ ଏକ ସଭା ହୋଇଥିଲା। ଏଥିରେ ସଂଯୋଜକ ଡ. ଲୋପାମୁଦ୍ରା ସ୍ୱାଇଁ, ଡ. ପ୍ରୀତିଧାରା ସାମଲ, ଡ. ସୁବ୍ରତ ବିଶାଳ, ଡ. ରଞ୍ଜନ ବାରିକ, ସଂଯୋଜକ ବ୍ୟାସଦେବ ପ୍ରଧାନ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସଡ଼କ ସୁରକ୍ଷା ସମ୍ପର୍କରେ ସଚେତନ କରାଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଦୀପକ ପଟ୍ଟନାୟକ ସମସ୍ତଙ୍କୁ ଉତ୍ସାହିତ କରିଥିଲେ।

## ୧୦ ଆୟାପ୍ପା ବ୍ରତଧାରୀଙ୍କ ଶାବରିମାଳା ଯାତ୍ରା

ନନ୍ଦପୁର, ୯।୧୨ (ଶଙ୍କର ପୂଜାରୀ)

ନନ୍ଦପୁର ଅଞ୍ଚଳର ୧୦ ଆୟାପ୍ପା ବ୍ରତଧାରୀ ଯୁବକ ଶନିବାର ସେମାନଙ୍କ ୪୧ଦିନର ବ୍ରତ ସମ୍ପୂର୍ଣ୍ଣ କରିଛନ୍ତି। ସର୍ବେଶ୍ୱର ମନ୍ଦିର ପରିସରରେ ପରିବାର ଲୋକଙ୍କ ଉପସ୍ଥିତିରେ ଇରିମୁଡ଼ିବିଧି ସମ୍ପନ୍ନକରି ସନ୍ଧ୍ୟାରେ ସେମାନେ କେରଳସ୍ଥିତ ଶାବରିମାଳା ଆୟାପ୍ପା ସ୍ୱାମୀଙ୍କ ମୁଖ୍ୟ ମନ୍ଦିର ଅଭିମୁଖେ ଯାତ୍ରା କରିଛନ୍ତି। ଗତ ୪୧ଦିନ ତଳେ ବ୍ରତଧାରୀମାନେ ଆଞ୍ଚାମାଳ ଧାରଣ କରିଥିଲେ। ପରିବାରଠାରୁ ଦୂରରେ ରହି ବ୍ରହ୍ମଚର୍ଯ୍ୟ ଜୀବନ ଯାପନ କରୁଥିଲେ।

## କୁଡୁମୁଲୁଗୁମ୍ମା ଲୋକ ଅଦାଲତରେ ୧୫ ମକଦ୍ଦମା ଫଇସଲା



ବାଲିମେଲା, ୯।୧୨ (ଶିବଦତ୍ତ ସାହୁ)

ମାଲକାନଗିରି ଜିଲା କୁଡୁମୁଲୁଗୁମ୍ମା ଦେୱାନୀ ଓ ବିଚାରବିଭାଗୀୟ ପ୍ରଥମ ଶ୍ରେଣୀ ମାଜିଷ୍ଟ୍ରେଟଙ୍କ ଅଦାଲତରେ ଶନିବାର ୧୫ ମକଦ୍ଦମାର ରାଷ୍ଟ୍ରୀୟ ଲୋକ ଅଦାଲତ ମାଧ୍ୟମରେ ଫଇସଲା କରାଯାଇଥିଲା। ସୁପ୍ରିମକୋର୍ଟଙ୍କ ଅଧିନିୟମ ଅନୁଯାୟୀ, ସାଧାରଣ ଲୋକ କିଭଳି ହଇରାଣ ହରକତ ନ ହୋଇ ଅଳ୍ପ ସମୟ ଓ ନିଜ ହାତପାହାନ୍ତାରେ ଠିକ୍ ବିଚାର ପାଇ ଉପକୃତ ହୋଇପାରିବେ ସେଥିପାଇଁ ଲୋକ ଅଦାଲତ ମାଧ୍ୟମରେ ୧୫ ମକଦ୍ଦମାର ସମାଧାନ କରାଯାଇଥିବା ଦେଖିବାକୁ ମିଳିଛି। ଏହି ମକଦ୍ଦମାଗୁଡ଼ିକୁ ବିଚାରପତି ସୁମନ୍ତ କୁମାର ପଟ୍ଟନାୟକ ଫଇସଲା କରିଥିବା କାର୍ଯ୍ୟକ୍ରମରେ ସରକାରୀ ଓକିଲ ସରୋଜ କୁମାର ସାହୁ, ମୁଖ୍ୟ କିରାଣି ବୃନ୍ଦାବନ ପଣ୍ଡା, କନିଷ୍ଠ କିରାଣି ସଂଗ୍ରାମ ମହାରଣା, ସୁପ୍ରିୟା ରାଏ, ବରିଷ୍ଠ ଆଇନଜୀବୀ ବିଷ୍ଣୁପ୍ରସାଦ ନାଲା, ଓକିଲ ଜୟଦେବ ପାତ୍ର, ସିଏସ୍ଆଇ ନିତାଇ ସରକାର ଏବଂ କୃଷ୍ଣଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ୩ ଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଯାପିତ

**ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ**

କୋରାପୁଟ, ୯।୧୨ (ଅମିତାଭ ବେହେରା)

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ମୁଖ୍ୟ କ୍ୟାମ୍ପସରେ 'ଏକବିଂଶ ଶତାବ୍ଦୀରେ ମହିଳା: ପରିବେଶ ଓ ନିରନ୍ତର ବିକାଶ' ଶୀର୍ଷକ ତିନିଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଯୁକ୍ତରାଷ୍ଟ୍ର ଆମେରିକାର ନ୍ୟୁୟର୍କସ୍ଥିତ ବଫେଲୋ ୟୁନିଭର୍ସିଟିର ୱାର୍ଲ୍ଡ ସେଣ୍ଟର ଫର୍ ଓମେନ ଷ୍ଟଡିଜ ସହଯୋଗରେ ବିଶ୍ୱବିଦ୍ୟାଳୟର ସମାଜ ବିଜ୍ଞାନ ବିଭାଗ ପକ୍ଷରୁ ଏହା ଆୟୋଜିତ ହୋଇଥିଲା। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଏହି ସମ୍ମିଳନୀ ନୀତି ନିର୍ଦ୍ଧାରଣକାରୀଙ୍କୁ ମାର୍ଗଦର୍ଶିକା ପ୍ରଦାନ କରିବାରେ ଏକ ମଞ୍ଚ ଭାବେ କାର୍ଯ୍ୟ କରି ଗବେଷଣା କ୍ଷେତ୍ରରେ ଯୁବପିଢ଼ିଙ୍କୁ ପ୍ରେରଣା ଯୋଗାଇବ ବୋଲି କହିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଶ୍ୱବିଦ୍ୟାଳୟର ଉପଦେଷ୍ଟା ପ୍ରଫେସର ବିଭାଷ ଚନ୍ଦ୍ର ଝା ଯୋଗଦେଇ ମହିଳାଙ୍କ ବିକାଶରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ନ୍ୟୁୟର୍କର ବଫେଲୋସ୍ଥିତ ବିଶ୍ୱବିଦ୍ୟାଳୟର ପରିବେଶ ଓ ସ୍ଥାୟିତା ବିଭାଗର ପ୍ରଫେସର ବାର୍ବରା ୱେଜନାର୍ଟ ଯୋଗଦେଇ ଉତ୍ତମ ଭବିଷ୍ୟତ ପାଇଁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ପ୍ରଚୁର ସମ୍ଭାବନା ଉପରେ ବକ୍ତବ୍ୟ ରଖିଥିଲେ। ମାନବ ନିର୍ମିତ ପ୍ରଦୂଷଣ, ପରିବେଶ ବିପଦ, ଆବର୍ଜନା ଏବଂ ବର୍ଜ୍ୟବସ୍ତୁ ନିଷ୍କାସନ, କୀଟନାଶକ ଏବଂ ରାସାୟନିକ ପଦାର୍ଥର ବ୍ୟବହାର, ପରମାଣୁ ପରୀକ୍ଷଣ ଏବଂ ଇଲେକ୍ଟ୍ରୋନିକ ବର୍ଜ୍ୟବସ୍ତୁ ନିଷ୍କାସନ ଭଳି ବିଭିନ୍ନ ପରିବେଶ ପ୍ରଦୂଷଣ ବିଶ୍ୱବ୍ୟାପୀ ଚିନ୍ତା ସୃଷ୍ଟି କରୁଛି ବୋଲି ସେ କହିଥିଲେ। ବିଶିଷ୍ଟ ସମାଜ ବିଜ୍ଞାନୀ ତଥା ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ବିଶି ବାରିକ ଯୋଗଦେଇ ବିଭିନ୍ନ ବିଷୟରେ ଜ୍ଞାନ ଅର୍ଜନ ଉପରେ ଗୁରୁତ୍ୱାରୋପ କରି ମହିଳା, ପରିବେଶ ଓ ବିକାଶ ସମସ୍ୟାର ସମାଧାନ ଦିଗରେ ମହିଳା ସଶକ୍ତୀକରଣ ନୀତି ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମିଳନୀର ଆୟୋଜକ ସମ୍ପାଦକ ଡ. କପିଳା ଖେମୁଣ୍ଡୁ ସ୍ୱାଗତ ସୂଚନା ଦେଇଥିଲେ। ସମ୍ମିଳନୀରେ ୮ଟି ଅଧିବେଶନରେ ୫୪ଟି ପେପର ଉପସ୍ଥାପନ କରାଯାଇଥିବା ସେ କହିଥିଲେ।

ଏହି ଅବସରରେ ସମ୍ମିଳନୀ ସାରଣୀ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଡ. ଆଦିତ୍ୟ କେଶରୀ ମିଶ୍ର ଧନ୍ୟବାଦ ଦେଇଥିଲେ। ଗବେଷକ ନିରଞ୍ଜନ ମାଝି, ଜନସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ, ବରିଷ୍ଠ ପଦାଧିକାରୀ, ଛାତ୍ରୀଛାତ୍ରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।



ସମ୍ମିଳନୀରେ ଉପସ୍ଥିତ ଅତିଥିମାନେ।

# ପୁଣି ସମୂହ ଛୁଟିରେ ଯିବେ ଅମଲା

**ମିଳିତ ଅମଲା ମଞ୍ଚ ପକ୍ଷରୁ ନିଷ୍ପତ୍ତି**

ଜୟପୁର/କୋରାପୁଟ, ୯।୧୨
(ପବନ ପାଣିଗ୍ରାହୀ/ଅମିତାଭ ବେହେରା)

କୋରାପୁଟସ୍ଥିତ ଦକ୍ଷତା ବିକାଶ କେନ୍ଦ୍ର ସଭାଗୃହରେ ମିଳିତ ଅମଲା ମଞ୍ଚ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମଞ୍ଚ ଆବାହକ ତଥା ସଭାପତି ଶଶିଭୂଷଣ ଦାଶଙ୍କ ତତ୍ତ୍ୱାବଧାନରେ ହୋଇଥିବା ବୈଠକରେ ଜିଲାରେ କାର୍ଯ୍ୟରତ ବିଭିନ୍ନ ବିଭାଗର ଅମଲାମାନେ ଯୋଗଦେଇଥିଲେ। ବୈଠକରେ ଅଧ୍ୟକ୍ଷ ପ୍ରସନ୍ନ ନାୟକ, ସମ୍ପାଦକ ନିତ୍ୟାନନ୍ଦ ଭତ୍ରା ଓ ମୁଖ୍ୟ ଉପଦେଷ୍ଟା ସୁନାକର ରାଉତ ମତ ରଖିଥିଲେ। ଅମଲାମାନଙ୍କ ଦୀର୍ଘଦିନର ଏକମାତ୍ର ଦାବି କନିଷ୍ଠ ସହାୟକମାନଙ୍କ ପ୍ରବେଶିକା ଦରମା ହାର ୪୨୦୦ ଗ୍ରେଡ୍ ପେ କରିବାକୁ ସରକାର ପ୍ରତିଶ୍ରୁତି ଦେଇ ବର୍ତ୍ତମାନ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି। ଏନେଇ ସରକାରଙ୍କୁ ବାରମ୍ବାର ଅବଗତ କରାଯାଇ ମଞ୍ଚ ପତ୍ର ପ୍ରଦାନ କରିଛି। ଯଦି ସରକାର ମଞ୍ଚକୁ ଦେଇଥିବା ସମୟ ୧୯।୧୨।୨୩ ସୁଦ୍ଧା ଅମଲାଙ୍କ ଉପରୋକ୍ତ ଦାବି ପୂରଣ ନ କରନ୍ତି ତେବେ ୨୦।୧୨।୨୩ରୁ ସମସ୍ତ ଅମଲା ଦାବି ପୂରଣ ପର୍ଯ୍ୟନ୍ତ ସମୂହ ଛୁଟି ନେଇ ନିଜ ନିଜ ଜିଲାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାଦେବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ବୃନ୍ଦାବନ ପଣ୍ଡା, ସତ୍ୟରଞ୍ଜନ ତ୍ରିପାଠୀ, ଶାନ୍ତନୁ ଜେନା, ପାତାଳେଶ୍ୱର ବାବୁ, ରାଜୀବ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ଜାନି, ପ୍ରତୀକ ମିଶ୍ର, ତ୍ରିନାଥ ପଣ୍ଡା, ସୁବାସ ପଟ୍ଟନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ପୂର୍ବରୁ ଥରେ ଅମଲାମାନେ ସମୂହ ଛୁଟି ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ପ୍ରତିଶ୍ରୁତି ପରେ ଧାରଣାକୁ ସ୍ଥଗିତ ରଖିଥିଲେ।


ବୈଠକରେ ଅମଲାମାନେ ଆଲୋଚନା କରୁଛନ୍ତି।

## ନୂଆ ଓଡ଼ିଶା ଯୋଜନାର ଶୁଭାରମ୍ଭ ନିଯୁକ୍ତିମେଳାରେ ନାମ ପଞ୍ଜୀକରଣ କଲେ ଶତାଧିକ ଯୁବତୀଯୁବକ

କୋରାପୁଟ, ୯।୧୨ (ଅମିତାଭ ବେହେରା)

କୋରାପୁଟ ଆର୍‌ଟିଓ ପଡ଼ିଆଠାରେ ଦକ୍ଷତା ବିକାଶ ବୈଷୟିକ ଶିକ୍ଷା ବିଭାଗ ଓଡ଼ିଶା ସରକାର ଓ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ନୂଆ ଓଡ଼ିଶା ଯୋଜନାର ଶୁଭାରମ୍ଭ ହୋଇଛି। ଏହି ଅବସରରେ ଏକ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଛି। ନିଯୁକ୍ତି ମେଳାରେ ୨୬ଟି କମ୍ପାନୀ ଯୋଗଦେଇଥିଲେ। ବିଭିନ୍ନ କମ୍ପାନୀରେ ମ୍ୟାନେଜର, ମେଶିନ ମେକାନିକ, ନର୍ସିଂ, ହାଉସ କିପିଂ, ବିକ୍ରୟ କାର୍ଯ୍ୟନିର୍ବାହୀ, ବିକାଶ ପରିଚାଳକ, ଗ୍ରାହକ ସମ୍ପର୍କ ଅଧିକାରୀ, ଆର୍ମିର ଅଗ୍ନିବୀର ପଦବୀରେ ନିଯୁକ୍ତି ସୁଯୋଗ ରହିଛି। ବୟସ ସୀମା ୧୮ ବର୍ଷରୁ ୪୫ ବର୍ଷ ପର୍ଯ୍ୟନ୍ତ ରଖାଯାଇଛି। ଯୋଗ୍ୟତା ଅନୁଯାୟୀ ବେକାର ଯୁବତୀଯୁବକମାନେ ନିଜ ନାମ ପଞ୍ଜୀକରଣ କରୁଛନ୍ତି। ପ୍ରତି କମ୍ପାନୀର ୧୦୦ରୁ ୬୦୦ ମଧ୍ୟରେ ପ୍ରାର୍ଥୀଙ୍କ ଆବଶ୍ୟକତା ରହିଛି। କୋରାପୁଟ ଜିଲାର ବିଭିନ୍ନ ବ୍ଲକର ଯୁବତୀଯୁବକମାନେ ନିଯୁକ୍ତି ମେଳାରେ ନିଜ ମନ ପସନ୍ଦର କମ୍ପାନୀ ଦେଖି ନାମ ପଞ୍ଜୀକରଣ କରିଛନ୍ତି। ଜିଲା ନିଯୋଜନ ଅଧିକାରୀ ଶୁଭେନ୍ଦ୍ର ମିଶ୍ର କହିଛନ୍ତି, ଏହି ନିଯୁକ୍ତି ମେଳାକୁ ଆସିଥିବା କମ୍ପାନୀ ପାଖରେ ନାମ ପଞ୍ଜୀକରଣ କରିଥିବା ଯୁବତୀଯୁବକଙ୍କୁ କିଛିଦିନ ଭିତରେ ଡାକି ପରୀକ୍ଷା କରିବେ। ଯେଉଁମାନେ ପରୀକ୍ଷାରେ କୃତକାର୍ଯ୍ୟ ହେବେ ସେମାନଙ୍କୁ ନିଜ ଜିଲା, ରାଜ୍ୟ କିମ୍ବା ରାଜ୍ୟ ବାହାରେ ଚାକିରି କରିବାର ସୁଯୋଗ ମିଳିବ ବୋଲି କମ୍ପାନୀଗୁଡ଼ିକ ସ୍ଥିର କରିଥିବା ସେ କହିଥିଲେ। ଅନ୍ୟପକ୍ଷରେ ଚାକିରି ସମୟରେ ୧୦ ହଜାର ଟଙ୍କାରୁ ୪୦ ହଜାର ଟଙ୍କା ପର୍ଯ୍ୟନ୍ତ ଯୁବତୀଯୁବକମାନେ ରୋଜଗାର କରିପାରିବେ ବୋଲି କମ୍ପାନୀ ସଦସ୍ୟ ବିଶ୍ୱଜିତ ସାହୁ କହିଛନ୍ତି।

## ପରିବା ବ୍ୟବସାୟୀଙ୍କ ପାଇଁ ଲୋକେ ହଇରାଣ

ସେମିଳିଗୁଡ଼ା, ସୁନାବେଡ଼ା, ୯।୧୨
(ବାସୁଦେବ ବରାଡ଼/କୃତ୍ତିବାସ ପ୍ରଧାନ)



ରାସ୍ତା କଡରେ ଉଠା ପରିବା ଦୋକାନୀଙ୍କ ପାଇଁ ସାଧାରଣ ଲୋକେ ହଇରାଣ ହେଉଥିବା ଦେଖିବାକୁ ମିଳୁଛି। ସେମିଳିଗୁଡ଼ାଠାରୁ ନନ୍ଦପୁର ରାସ୍ତାର ଦୁଇ ପାର୍ଶ୍ୱରେ ଦୀର୍ଘ ଦିନ ହେବ ଉଠା ପରିବା ଦୋକାନୀମାନେ ବ୍ୟବସାୟ କରୁଛନ୍ତି। ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ବ୍ୟବସାୟୀ ଓ ଗରାଖଙ୍କ ଯୋଗୁ ରାସ୍ତା ସଂକୀର୍ଣ୍ଣ ହେଉଛି। ଫଳରେ ବହୁ ସମୟରେ ଟ୍ରାଫିକ ସମସ୍ୟା ଉପୁଜିବା ସହ ଛୋଟ ବଡ଼ ଦୁର୍ଘଟଣାମାନ ଘଟୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। କିଛି ମାସ ତଳେ ପୌର ପ୍ରଶାସନ ସମସ୍ତ ପନିପରିବା ବ୍ୟବସାୟୀ ମାନଙ୍କୁ ସେଠାରୁ ଉଠାଇ ଫିଲ୍ମ ହଲ୍ ନିକଟରେ ଥିବା ଏକ ଖୋଲା ସ୍ଥାନକୁ ସ୍ଥାନାନ୍ତର କରିଥିଲା। ହେଲେ ବ୍ୟବସାୟୀମାନେ ସେହି ସ୍ଥାନକୁ ନ ଯାଇ ରାସ୍ତାକଡ଼ରେ ଥିବା ସ୍ଥାୟୀ ଦୋକାନୀମାନଙ୍କୁ କିଛି ଟଙ୍କା ଭଡ଼ା ସୂତ୍ରରେ ଦେଇ ଦୋକାନ ସେମାନଙ୍କ ସମ୍ମୁଖ ରାସ୍ତାକଡ଼ରେ ବସି ପନିପରିବା ବିକ୍ରି କରୁଛନ୍ତି। ଅନ୍ୟପକ୍ଷରେ ପ୍ରଶାସନ ଉଠାଇଥିବା ଜାଗାକୁ କୌଣସି ଗ୍ରାହକ ଯାଉନାହାନ୍ତି। ଫଳରେ ସେଠାରେ ବସୁଥିବା ବ୍ୟବସାୟୀଙ୍କ ପନିପରିବା ବିକ୍ରି ନ ହୋଇ ପଚିଶଢ଼ି ନଷ୍ଟ ହେଉଛି ବୋଲି କେତେଜଣ ବ୍ୟବସାୟୀ କହିଛନ୍ତି। ପୌର ପ୍ରଶାସନ ବ୍ୟବସାୟୀଙ୍କ ପାଖରୁ ନିୟମିତ ଟିକସ ଆଦାୟ କରୁଥିବା ବେଳେ ସେମାନଙ୍କ ପାଇଁ କୌଣସି ସ୍ଥାୟୀ ସମାଧାନ କରୁ ନ ଥିବା ବ୍ୟବସାୟୀମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସେମିଳିଗୁଡା ଥାନା ଅଧିକାରୀ ସବିନ୍ଦ୍ର ପ୍ରଧାନ ଓ ସୁନାବେଡ଼ା ପୌର ନିର୍ବାହୀ ଅଧିକାରୀ ନାରାୟଣ ନାୟକଙ୍କୁ ପଚାରିବାରୁ ପୌର ଅଧ୍ୟକ୍ଷ ଏବେ ବାହାରକୁ ଯାଇଛନ୍ତି। ସେ ଫେରିବା ପରେ ସେମିଳିଗୁଡା ତହସିଲଦାରଙ୍କୁ ନେଇ ଏକ ବୈଠକ କରାଯାଇ ଏହାର ସ୍ଥାୟୀ ସମାଧାନ ପ୍ରତି ଗୁରୁତ୍ୱ ପ୍ରଦାନ କରାଯିବ ବୋଲି ଉଭୟ ଅଧିକାରୀ କହିଛନ୍ତି।

## ସମସ୍ୟା ସମାଧାନ ନେଇ ପ୍ରଶାସନର ତତ୍ପରତା

ନନ୍ଦପୁର, ୯।୧୨ (ଶଙ୍କର ପୂଜାରୀ)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ତଥା ଆନ୍ଧ୍ର ସୀମାନ୍ତକୁ ଲାଗିଥିବା ପାଛଲୁଙ୍ଗ, ଚାଟୁଆ, ଖିନବର, ନନ୍ଦକା ଗୋଲୁର, ବିଲାପୁଟ ଓ ପରଜା ବଡ଼ପଡ଼ା ଆଦି ୭ ପଞ୍ଚାୟତର ବିଭିନ୍ନ ସମସ୍ୟା ସମ୍ପର୍କରେ ବାରମ୍ବାର ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ଜିଲା ପ୍ରଶାସନ ପଞ୍ଚାୟତଗୁଡ଼ିକର ସମସ୍ୟା ସମାଧାନ ନେଇ ତତ୍ପରତା ପ୍ରକାଶ କରିଛି। ପ୍ରଥମ ପର୍ଯ୍ୟାୟରେ ୪ ପଞ୍ଚାୟତର ୧୯ଟି ରାସ୍ତାର ନିର୍ମାଣ ନିମନ୍ତେ ନାଲ୍‌କୋ ପ୍ରଦତ୍ତ ସ୍ୱତନ୍ତ୍ର ଉନ୍ନୟନ ପାଣ୍ଠି (ଡିଏମ୍ଏଫ୍)ରୁ ୧କୋଟି ଟଙ୍କା ଅନୁଦାନ ପ୍ରଦାନ କରିଛି। ସେଥିରୁ ପାଛଲୁଙ୍ଗ ପଞ୍ଚାୟତର ୫ଟି ପ୍ରକଳ୍ପ ପାଇଁ ୩୦ ଲକ୍ଷ, ଚାଟୁଆ ପଞ୍ଚାୟତର ୧୦ଟି ପ୍ରକଳ୍ପ ପାଇଁ ୪୭ଲକ୍ଷ, ବିଲାପୁଟ ପଞ୍ଚାୟତର ୨ଟି ପ୍ରକଳ୍ପ ପାଇଁ ୯ ଲକ୍ଷ ଓ ଖିନବର ପଞ୍ଚାୟତର ୨ଟି ପ୍ରକଳ୍ପ ପାଇଁ ୧୪ ଲକ୍ଷ ଟଙ୍କା ବ୍ୟୟ ପାଇଁ ପ୍ରଶାସନିକ ମଞ୍ଜୁର ମିଳିଛି। ପାଛଲୁଙ୍ଗ ପଞ୍ଚାୟତର ୫ଟିଯାକ ପ୍ରକଳ୍ପ ୪ରାସ୍ତା ଓ ଗୋଟିଏ ପେଭର ବ୍ଲକ ବିଛା କାର୍ଯ୍ୟ ଆରମ୍ଭ ହୋଇଛି। ଏଥିପାଇଁ ବାକାପୁଟ, ପଣସପୁଟ, ସୁକାପାଲି, ପୂଜାରୀପୁଟ ଓ ହାଟଗୁଡ଼ା ଗ୍ରାମବାସୀ, ପଟାଙ୍ଗି ବିଧାୟକ ପିତମ ପାଢ଼ୀ, ପାଛଲୁଙ୍ଗ ସରପଞ୍ଚ ପୂଜା ଖିଲଙ୍କ ସମେତ ଅନ୍ୟମାନେ ଏହାର ଶ୍ରେୟ ଧରିତ୍ରୀକୁ ଦେଇଛନ୍ତି। ଏବେ ରାସ୍ତା ନ ଥିବା ଗ୍ରାମକୁ ରାସ୍ତା ନିର୍ମାଣ ହେଉଛି। ଏମ୍‌ଜିଏନ୍ଆର୍‌ଇଜିଏସ୍‌ରେ ବିଭିନ୍ନ ପ୍ରକଳ୍ପ ପଞ୍ଚାୟତ ପକ୍ଷରୁ ଆରମ୍ଭ ହୋଇଛି। ଫଳରେ ସ୍ଥାନୀୟ ଲୋକେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ନ ଯାଇ ନିଜ ନିଜ ଗ୍ରାମରେ କାମ ପାଇ ରୋଜଗାରକ୍ଷମ ହୋଇପାରିଛନ୍ତି। ବିଡିଓ ଦୁର୍ଗାପ୍ରସାଦ ଦୋରା ଓ ସହକାରୀ ନିର୍ବାହୀଯନ୍ତ୍ରୀ ଜସକେତନ ବେହେରା ଦ୍ୱିତୀୟ ପର୍ଯ୍ୟାୟରେ ଅନ୍ୟ ୩ ପଞ୍ଚାୟତର ରାସ୍ତା ଘାଟ ସମେତ ଅନ୍ୟ ସମସ୍ୟାଗୁଡ଼ିକ ସମାଧାନ ପ୍ରତି ଦୃଷ୍ଟିଦେବେ ବୋଲି କହିଛନ୍ତି।

# ମାଓବାଦୀ ନେତ୍ରୀରୁ ମନ୍ତ୍ରୀ

ମାଲକାନଗିରି, ୯।୧୨ (ଦୁର୍ଯ୍ୟୋଧନ ପାତ୍ର)

ଏକଦା ପୋଲିସର ନିଦ ହଜାଇ ଦେଇଥିବା ମହିଳା ମାଓବାଦୀ କମାଣ୍ଡର ବର୍ତ୍ତମାନ ମାଲକାନଗିରି ଜିଲା ସୀମାନ୍ତ ତେଲଙ୍ଗାନାର ଏସ୍‌ସିଏସ୍‌ଟି ବିଭାଗର କ୍ୟାବିନେଟ ମନ୍ତ୍ରୀ। ସେ ହେଉଛନ୍ତି ଦାନସୁରି ଅଂଶୁୟା ସୀତାକା। ୧୬ ବର୍ଷ ବୟସରେ ମାଓବାଦୀ ସଙ୍ଗଠନରେ ସାମିଲହୋଇ ବନ୍ଧୁକ ଧରିଥିଲେ। ସେ ମାଓବାଦୀଙ୍କ ସହ ସକ୍ରିୟ ଭାବେ କାର୍ଯ୍ୟ କରୁଥିବା ବେଳେ ଧୀରେ ଧୀରେ ସଙ୍ଗଠନ ନୀତିକୁ ନେଇ ନିରାଶ ହେବାକୁ ଲାଗିଲେ। ମାଲକାନଗିରି ଜିଲା ସମେତ ଆନ୍ଧ୍ରପ୍ରଦେଶର ଅନେକ ଜିଲାରେ ସେ ବହୁ ହିଂସାକାଣ୍ଡରେ ଜଡିତ ଥିବା ବେଳେ ଦୀର୍ଘ ୧୭ ବର୍ଷ ପର୍ଯ୍ୟନ୍ତ ମାଓବାଦୀ ସଙ୍ଗଠନ ଏରିଆ କମିଟି କମାଣ୍ଡର ଭାବେ କାର୍ଯ୍ୟ କରିଥିଲେ। ପରେ ଲୋକଙ୍କ ସେବା ପାଇଁ ସେ ମନ ବଳାଇ ଶେଷରେ ୧୯୯୭ରେ ଆତ୍ମସମର୍ପଣ କରିଥିଲେ। ସେ ପ୍ରଥମେ ୨୦୦୯ରେ ତେଲୁଗୁ ଦେଶମ୍ ପାର୍ଟିରେ ଯୋଗଦେଇ ମୁଲୁଗୁରୁ ଅଞ୍ଚଳରୁ ବିଧାୟିକା ହୋଇଥିଲେ। ତା'ପରେ ସେ କଂଗ୍ରେସରେ ଯୋଗଦେଇ ଗତ ଦୁଇଟି ସାଧାରଣ ନିର୍ବାଚନରେ ବିଧାୟିକା ଭାବେ ବାଜିମାତ କରିଥିଲେ। ପ୍ରଥମ ଥର ବିଧାୟିକା ହେବାପରେ ମଧ୍ୟ ସେ ଲୋକଙ୍କ ସେବା ଜାରି ରଖିଥିଲେ। ବିଗତ ଦିନରେ କରୋନା ମହାମାରୀ ସମୟରେ ସେ ଅପହଞ୍ଚ ଇଲାକାର ଲୋକଙ୍କ ନିକଟରେ ପହଞ୍ଚି ଜନସେବାରେ ନିଜକୁ ଉତ୍ସର୍ଗ କରିଥିଲେ। ତେବେ ମାଓବାଦୀ ନେତ୍ରୀରୁ ରାଜନେତା ଓ ମନ୍ତ୍ରୀ ହୋଇଥିବା ଏହି ମହିଳା ଅନ୍ୟ ନେତାଙ୍କ ପାଇଁ ପାଲଟି ଯାଇଛନ୍ତି ଉଦାହରଣ।



# ୩୫୨୭ ମାମଲା ଫଇସଲା

**ଚତୁର୍ଥ ଜାତୀୟସ୍ତରୀୟ ଲୋକ ଅଦାଲତ**


ଲୋକ ଅଦାଲତରେ ବିଭିନ୍ନ ମାମଲାର ଫଇସଲା ଚାଲିଛି।

ମାଲକାନଗିରି, ୯।୧୨ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ଆଇନ ସେବା ପ୍ରାଧିକରଣ, ତାଲୁକ୍ ଆଇନ ସେବା ପ୍ରାଧିକରଣ ମାଧ୍ୟମରେ ଜେଏମ୍ଏଫସି ମୋଟୁ, ଜେଏମ୍ଏଫସି ମାଥିଲି ଓ ଜେଏମ୍ଏଫସି କୁଡୁମୁଲୁଗୁମ୍ମା, ଗ୍ରାମ ନ୍ୟାୟଧିକାରୀ କୋରୁକୋଣ୍ଡା ସମେତ ଜିଲାର ସମସ୍ତ ନ୍ୟାୟାଳୟରେ ଜାତୀୟସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଜଜ ତଥା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ୍ୟା ଅଜନ୍ତା ଷଡଙ୍ଗୀ, ଅତିରିକ୍ତ ଜିଲା ଜଜ ଉଦୟ ଭାନୁ ଜେନା, ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକରି ସତ୍ୟ ପ୍ରିୟ ଦାସ, ବରିଷ୍ଠ ଦେବନି ବିଚାରପତି ବିଜୟ କୁମାର ଦାସ, ଜିଲା ଆଇନ ସେବା ପ୍ରାକରଣ ସଚିବ ରାକେଶ କୁମାର ମୁଦୁଲି, ବରିଷ୍ଠ ଦେବନି ବିଚାରପତି(ମହିଳା କୋର୍ଟ) ବବିତା ଦାସ, ରେଜିଷ୍ଟ୍ରାର ସିଭିଲ କୋର୍ଟ ଅରୂପ ନାୟକ, ଉପଖଣ୍ଡ ଦଣ୍ଡାଧିକରି ରୁଦ୍ର ପ୍ରକାଶ ନାୟକ ଏବଂ ଗ୍ରାମ ନ୍ୟାୟଧିକାରୀ ଦେବେନ୍ଦ୍ରନାଥ ବାଘ, ପ୍ରଥମ ଶ୍ରେଣୀ ଦଣ୍ଡାଧିକରି ମାଥିଲି ପଦ୍ମଲାଭ ମାଝି, ପ୍ରଥମ ଶ୍ରେଣୀ ଦଣ୍ଡାଧିକରି ମୋଟୁ ପ୍ରବୀଣ କୁମାର ହୋତା ଓ ପ୍ରଥମ ଶ୍ରେଣୀ ଦଣ୍ଡାଧିକରି କୁଡୁମୁଲୁଗୁମ୍ମା ସୁମନ୍ତ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ପ୍ରକାର ମାମଲାର ଫଇସଲା କରିଥିଲେ। ଏଥିରେ ୩୫୨୭ ମାମଲାର ଫଇସଲା କରାଯାଇ ୧୦୦୫,୬୦୧୪ଟଙ୍କା ଜରିମାନା ଧାର୍ଯ୍ୟ କରାଯାଇଥିଲା। ଏଥିରେ ସମସ୍ତ କୋର୍ଟର କର୍ମଚାରୀ ଓକିଲ ସଂଘ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟରେ ସହଯୋଗ କରିଥିଲେ।

# ଜିଲାସ୍ତରୀୟ ମା' ପରଦେଶୀ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ପଡ଼ିଆ, ୯।୧୨ (ଭାସ୍କର ରାଓ)



ପଡ଼ିଆ ସଦର ଗୋଲାଗୁଡ଼ା ଗ୍ରାମରେ ଜିଲାସ୍ତରୀୟ ମା'ପରଦେଶୀ ଫୁଟ୍‌ବଲ ଟୁର୍ନାମେଣ୍ଟ ସଭାପତି ଦୁର୍ଯ୍ୟୋଧନ ଚିଟକୁଲଙ୍କ ନେତୃତ୍ୱରେ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ପଡ଼ିଆ ଜିଲା ପରିଷଦ ସଭ୍ୟା ସୁରଭି ଭୌମିକ ଏବଂ ବିଜୁ ଜନତା ଦଳ ବ୍ଲକ ସଭାପତି ଏମ୍‌ଡି ଫାରୁକ ଯୋଗଦେଇଥିଲା ବେଳେ ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲା ପରିଷଦ ଶରତ ବେଟି, ପ୍ରାଥମିକ ଶିକ୍ଷକ ସଂଘ ସଭାପତି ତକାଲ ବିଚମ, ପଡ଼ିଆ ସମିତି ମେମ୍ବର ଇନ୍ଦ୍ରଜିତ ମଧୁ, ସମ୍ଭାରୁ କୋସରିଲା, ସମା କୋସରିଲା, ଜଗନ୍ନାଥ କୋସରିଲା ଓ ବୁଟୁଲ କୋସରିଲା ପ୍ରମୁଖ ଯୋଗ ଦେଇଥିଲେ। ଏହି ୮ ଟିମ୍‌କୁ ନେଇ ଟୁର୍ନାମେଣ୍ଟ ଖେଳାଯାଉଛି। ଏହା ୭ ଦିନ ଧରି ଚାଲିବ ବୋଲି ସଭାପତି ଚିଟ୍ କୁଲ୍ କହିଛନ୍ତି।

# କ୍ରୀଡ଼ା ସାଂସ୍କୃତିକ, ସାମାଜିକ ସେବା କାର୍ଯ୍ୟକ୍ରମର ଶୁଭାରମ୍ଭ

**ନୂଆ, ଓ ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ**

ମାଲକାନଗିରି, ୯।୧୨ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ସଦର ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶନିବାର ସରକାରଙ୍କ ସମନ୍ୱିତ ଯୁବ ବିକାଶ ଯୋଜନାର ନୂଆ ଓ ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ ମାଧ୍ୟମରେ କ୍ରୀଡା, ସାଂସ୍କୃତିକ ଓ ସାମାଜିକ ସେବା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ତଥା ମାଲକାନଗିରି ଜିଲା ବିଜେଡି ସଭାପତି ମାନସ ମାଡକାମି ଯୋଗ ଦେଇଥିଲେ। ଯୁବ ପ୍ରତିଭା ଦେଶର ଭବିଷ୍ୟତ, ତେଣୁ ସେମାନଙ୍କ କ୍ରୀଡା ସାଂସ୍କୃତିକ ଓ ସାମାଜିକ ସେବା ଉପରେ ଅଧିକ ଗୁରୁତ୍ୱ ଦେବାର ଆବଶ୍ୟକତା ଥିବା ସେ ମତ ରଖିଥିଲେ। ଏଥିରେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ପୌର ପରିଷଦ ଉପାଧ୍ୟକ୍ଷା କବିତା ମହନ୍ତ, ଜିଲା ସହକାରୀ ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣ୍ଡେ, ନେହେରୁ ଯୁବ କେନ୍ଦ୍ର ଜିଲା ସଂଯୋଜକ ହରିସ୍ ରୁପଲ ଯୋଗ ଦେଇଥିଲେ। ଏହି ଅବସରରେ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଦୁଷ୍ମନ୍ତ କୁମାର ଜେନା, ଅଧାପକ ପ୍ରଶାନ୍ତ କୁମାର ଶତପଥୀ, ବି. ବିଭୁତି ଭୂଷଣଙ୍କ ସହ ବିଦ୍ୟାଳୟର ସମସ୍ତ ଅଧାପିକା ଅଧାପକ ଉପସ୍ଥିତ ଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଅନେକ ଛାତ୍ରୀମାନେ ଯୋଗ ଦେଇ ନିଜର କଳାର ପ୍ରଦର୍ଶନ କରିବା ସହ ବିଭିନ୍ନ ପ୍ରତିଯୋଗୀତାରେ ଅଂଶଗ୍ରହଣ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# ଜିଲାସ୍ତରୀୟ ଶ୍ରୀଅରବିନ୍ଦ ବିଜ୍ଞାନ, କଳା ପ୍ରଦର୍ଶନୀ

ବାଲିମେଲା, ୯।୧୨ (ଶିବଦତ୍ତ ସାହୁ)

ଜିଲାସ୍ତରୀୟ ଶ୍ରୀଅରବିନ୍ଦ ବିଜ୍ଞାନ ଓ କଳା ପ୍ରଦର୍ଶନୀ ମାଲକାନଗିରି ଜିଲା ବାଲିମେଲା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଛୋଟ ପିଲାମାନଙ୍କ ଦ୍ୱାରା ବିଜ୍ଞାନ ଓ ମୃତ୍ତିକା କଳାକୃତିରେ ପ୍ରଦର୍ଶନୀ କରାଯାଇଥିଲା। ଏହି ଅବସରରେ ଜିଲା ଶ୍ରୀଅରବିନ୍ଦ ସଂଯୋଜକ ବିଜୟାନନ୍ଦ ଦାଶ ଏବଂ ଚିତ୍ତରଞ୍ଜନ ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ମୋଟ ୫୭ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିବା ବେଳେ ବିଭିନ୍ନ କିସମର ପୁଷ୍ପ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଏହା ସହ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ଚିତ୍ରାଙ୍କନ ଓ ମାଟିକଳାର ପ୍ରତିଯୋଗିତା ମଧ୍ୟ କରାଯାଇଥିଲା। ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣାଙ୍ଗ ଶିକ୍ଷା ପଦ୍ଧତିରେ ମୁଖ୍ୟତଃ ପିଲାଙ୍କ ଶାରୀରିକ, ପ୍ରାଣୀଙ୍କ ମାନସିକ, ଚୈତ୍ୟିକ ଓ ଆଧ୍ୟାତ୍ମିକ ଦିଗର ବିକାଶ ଉପରେ ସର୍ବଦା ଗୁରୁତ୍ୱ ଦିଆଯାଇଛି। ଏହାକୁ ଦୃଷ୍ଟିରେ ରଖି ପିଲାମାନଙ୍କ ପ୍ରାଣୀଙ୍କ ଗତିବୃତ୍ତିକୁ ସକାରାତ୍ମକ ଭାବେ ସୁପରିଚାଳନା କରିବା ନିମନ୍ତେ ଏହା ବିଧିବଦ୍ଧ ପ୍ରୟାସ। ପରେ ଅପରାହ୍ନରେ ଶ୍ରୀଅରବିନ୍ଦଙ୍କ ମହା ସମାଧି ସମ୍ପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ କୁନି କୁନି ପିଲାମାନଙ୍କ ମଧ୍ୟରେ ବୈଜ୍ଞାନିକ ଚିନ୍ତାଧାରାକୁ ଜାଗ୍ରତ କରାଇବା ସହ ସେମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାକୁ ଉଜ୍ଜୀବିତ କରାଇବା ଏହାର ମୁଖ୍ୟ ଲକ୍ଷ୍ୟ। ବିଦ୍ୟାଳୟ ଅଧ୍ୟକ୍ଷ ସନ୍ତୋଷ କୁମାର ସାହୁ ଏବଂ ସମସ୍ତ ଅପାଭାଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ କମିଟି ସଭାପତି ଦିଲୀପ କୁମାର ଓଝା, ଉପ ସଭାପତି ନିରଞ୍ଜନ ମଲ୍ଲ, ସମ୍ପାଦକ ପୁରୁଷୋତ୍ତମ ବେହେରା, ସହ ସମ୍ପାଦକ ସୁଧାଂଶୁ ଶେଖର ଖଣ୍ଡୁଆଳ, କୋଷାଧ୍ୟକ୍ଷ ବସନ୍ତ କୁମାର ରଣାଙ୍କ ସହ ପରିଚାଳନା କମିଟିର ସମସ୍ତ ସଦସ୍ୟ ଓ ମହିଳା ପାଠଚକ୍ରର ସଦସ୍ୟା ଗଣ ସହଯୋଗ କରିଥିଲେ। ଶ୍ରୀଅରବିନ୍ଦ ବିଜ୍ଞାନ ପରିଷଦର ଜିଲା ସଂଯୋଜକ ମଞ୍ଜୁଶ୍ରୀ ମାହାଲି ଓ ମମିତା ଶତପଥୀ ପର୍ଯ୍ୟବେକ୍ଷକ ଭାବେ ବିଜ୍ଞାନ ପ୍ରକଳ୍ପ ଗୁଡ଼ିକୁ ବୁଲି ଦେଖିଥିଲେ।


ଛାତ୍ରୀଛାତ୍ରମାନେ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି।

# କେନ୍ଦୁଝର ପାଲଟିଛି ଅଘୋଷିତ ହାତୀ ସଫାରି



ଚମ୍ପୁଆ ରେଞ୍ଜ ଏକ ବିଲରେ ଥିବା ହାତୀପଲ ଦେଖିବାକୁ ଲୋକଙ୍କ ଭିଡ଼ ଜମିଛି।

**କେନ୍ଦୁଝର,୯।୧୨ (ନରେଶ ଚନ୍ଦ୍ର ପଟ୍ଟନାୟକ)**

ହାତୀପଲ ଜଙ୍ଗଲରୁ ବାହାରି ଗାଁ ଗହଳିରେ ବୁଲୁଛନ୍ତି। ଅବାଧରେ ରାସ୍ତା ପାର ହେଉଛନ୍ତି। ଫସଲ ନଷ୍ଟ କରୁଛନ୍ତି, ଘର ଭାଙ୍ଗୁଛନ୍ତି। ଏହା କେନ୍ଦୁଝର ଜିଲାରେ ନିତିଦିନିଆ ଘଟଣା ପାଲଟିଲାଣି। ଅପରପକ୍ଷେ ହାତୀ ଘଉଡ଼ାଇବା, ରାସ୍ତାପାର ହେଲାବେଳେ ହାତୀପଲ ଦେଖିବାକୁ ଲୋକଙ୍କ ଭିଡ଼ ଜମୁଛି। ଗାଁ, ରାଜପଥରେ ବର୍ଷତମାମ ହାତୀ ବୁଲୁଥିବାରୁ କେନ୍ଦୁଝର ଜିଲା ଏକ ମୁକ୍ତାକାଶ ହାତୀ ସଫାରିର ଭ୍ରମ ସୃଷ୍ଟି କରୁଛି।

ପ୍ରକାଶ ଯେ, ଜିଲାରେ ପାଖାପାଖି ଦେଢ଼ଶହ ହାତୀ ବିଭିନ୍ନ ଅଞ୍ଚଳରେ ପଲ ହୋଇ ବୁଲୁଛନ୍ତି। ଧନ ଜୀବନର ସୁରକ୍ଷା ପାଇଁ ଗ୍ରାମବାସୀ ଗୋଟିଏ ଗ୍ରାମରୁ ଅନ୍ୟ ଗ୍ରାମ ଓ ଜଙ୍ଗଲକୁ ଘଉଡ଼ାଇଥାନ୍ତି। ଏହି ସମୟରେ ହାତୀପଲଙ୍କ ଦୌଡ଼ିବା ଦୃଶ୍ୟକୁ ଦୂରରୁ ଅନେକେ ଉପଭୋଗ କରିଥାନ୍ତି। ଅନେକ ଫଟୋ, ଭିଡ଼ିଓ କରି ଏବଂ କେତେ ଜଣ ଦୂରରୁ ହାତୀ ସହ ସେଲ୍‌ଫି ଉଠାଇ ସାମାଜିକ ଗଣମାଧ୍ୟମରେ ଛାଡ଼ିଥାନ୍ତି। ବିଶେଷ କରି ପଲରେ ଥିବା ଛୁଆହାତୀ ଅନେକଙ୍କ ପାଇଁ ଆକର୍ଷଣ ପାଲଟିଥାଏ। ବନ ବିଭାଗ ହାତୀ ଚଳପ୍ରଚଳ ଉପରେ ନଜର ରଖି ସମସ୍ତଙ୍କୁ ସଜାଗ କରିବାକୁ ଚେଷ୍ଟା କରୁଛି। ମାତ୍ର ବିଭିନ୍ନ ସମୟରେ ଲୋକେ ହାତୀପଲ ପାଖକୁ ଯାଇ ହଇରାଣ କରି ମଜା ନେଇ ବିପଦକୁ ଡାକୁଛନ୍ତି, ଯାହାକୁ ନେଇ ବନ ବିଭାଗ ଚିନ୍ତା ବ୍ୟକ୍ତ କରିଛି। ଅନ୍ୟପକ୍ଷେ ଚାଷୀ ଓ ସାଧାରଣ ଲୋକ ହାତୀ ଉପଦ୍ରବରେ କ୍ଷତି ସହୁଥିବା ବେଳେ ଉପଯୁକ୍ତ କ୍ଷତିପୂରଣ ମିଳୁ ନ ଥିବାରୁ ଅସନ୍ତୋଷ ବୃଦ୍ଧି ପାଉଛି। ଏ ସମ୍ପର୍କରେ କ୍ଷତିଗ୍ରସ୍ତ ଚାଷୀ ତଥା ମଇଦାନକେଲ ସରପଞ୍ଚ ଭାଗୀରଥି ସିଂ କହିଛନ୍ତି, ସଦର ବ୍ଲକ୍‌ରେ ହାତୀ ଉପଦ୍ରବ ଯୋଗୁ ବହୁ ଫସଲ ନଷ୍ଟ ହୋଇଛି। ଠିକ୍ ଆକଳନ କରାଯାଉ ନ ଥିବାରୁ ଉଚିତ ମୂଲ୍ୟ ମିଳୁନି। ଅତିରିକ୍ତ ବନ ସଂରକ୍ଷକ ଅଶୋକ ଦାସ କହିଛନ୍ତି, ହାତୀପଲ ପାଖକୁ ନ ଯିବାକୁ, ସେମାନଙ୍କୁ ଆଘାତ ନ କରିବାକୁ ଲୋକଙ୍କୁ ସଚେତନ କରାଯାଉଛି। ଅଘଟଣ ରୋକିବା ପାଇଁ ହାତୀ ଗତିବିଧି ନିରୀକ୍ଷଣ କରାଯାଉଥିବା ସେ କହିଛନ୍ତି। ପୂର୍ବରୁ ହାତୀ ଦେଖିବାକୁ ନନ୍ଦନକାନନ ଯିବାକୁ ପଡୁଥିଲା। ଆଜିକାଲି ହାତୀଙ୍କୁ ରାସ୍ତାରେ ଦେଖି ମଜା ଲାଗୁଛି ବୋଲି କୁହନ୍ତି ପଦ୍ମପୁରର ଦୁର୍ଯ୍ୟୋଧନ ପାତ୍ର।

# ଭାଙ୍ଗିଲା ଓପିଜିସି ପାଉଁଶପୋଖରୀ ବନ୍ଧ

## ଶତାଧିକ ଏକର ଜମିର ଫସଲ ନଷ୍ଟ

**ବ୍ରଜରାଜନଗର,୯।୧୨(ବିଜୟ ବରାଡ଼)**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ବନହର ପାଲିଠାରେ ଥିବା ଓପିଜିସି (ଓଡ଼ିଶା ପାୱାର ଜେନେରେଶନ କର୍ପୋରେଶନ) ପ୍ଲାଣ୍ଟର ୩ ନମ୍ବର ପାଉଁଶପୋଖରୀ(ଆଶ୍‌ପଣ୍ଡ) ବନ୍ଧ ଶନିବାର ଭାଙ୍ଗିଯାଇଥିଲା। ଫଳରେ ପାଉଁଶପାଣି ପଶି ବନ୍ଧ ତଳପଟରେ ଥିବା ଗ୍ରାମବାସୀଙ୍କ ଶତାଧିକ ଏକର ଧାନ ଓ ପନିପରିବା ଫସଲ ନଷ୍ଟ ହୋଇଯାଇଛି। ମିଳିଥିବା ସୂଚନା ଅନୁଯାୟୀ



ଆଶ୍‌ପଣ୍ଡ ବନ୍ଧରେ ସୃଷ୍ଟି ହୋଇଥିବା ଘାଇ।

ଶନିବାର ସକାଳ ୮ଟା ସମୟରେ ଓପିଜିସି ପ୍ଲାଣ୍ଟର ୩ନମ୍ବର ପାଉଁଶପୋଖରୀ ବନ୍ଧରେ ହଠାତ୍ ଏକ ଘାଇ ସୃଷ୍ଟି ହୋଇଥିଲା। ପ୍ରଥମେ ୧୦ଫୁଟ୍ ଓସାରର ସୃଷ୍ଟି ହୋଇଥିବା ଘାଇ କିଛି ସମୟ ମଧ୍ୟରେ ୩୦ଫୁଟ୍ ପର୍ଯ୍ୟନ୍ତ ଲମ୍ବିଥିଲା। ଫଳରେ ପାଉଁଶପାଣି ବନ୍ଧ ତଳେ ଥିବା ଶରଧାପାଲି ଓ କଣ୍ଟାଟିକିରା ଗ୍ରାମର ଚାଷଜମିରେ ମାଡ଼ିବାରେ ଲାଗିଥିଲା। ଶରଧାପାଲି ଗ୍ରାମରେ ପାଉଁଶପାଣି ପଶିବା ପରେ ଗ୍ରାମର ମହିଳା ପୁରୁଷ ପିଲା ଛୁଆ ଧରି ବନ୍ଧ ଉପରକୁ ଉଠିଆସିଥିଲେ। ପରେ ଏହାର ପ୍ରତିବାଦକରି ଉଭୟ ଗ୍ରାମବାସୀ ଏକତ୍ରିତ ହୋଇ ପ୍ଲାଣ୍ଟ ଗେଟ୍ ସମ୍ମୁଖରେ ଧାରଣା ଦେଇଥିଲେ। ଖବର ପାଇ ପ୍ରଶାସନ ତରଫରୁ ଲଖନପୁର ତହସିଲଦାର ସଦାକର କୁମ୍ଭାର, ଏବିଡିଓ ଗୋପାଳକୃଷ୍ଣ ମିଶ୍ର, ବ୍ରଜରାଜନଗର ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନ, କମ୍ପାନୀ ପଦାଧିକାରୀ ନିଶିକାନ୍ତ ଦାସ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ପରେ ଉଭୟ ଗ୍ରାମବାସୀଙ୍କୁ ଡକାଇ ଅଧିକାରୀମାନେ କ୍ଷୟକ୍ଷତି ଭରଣା କରାଯିବା ନେଇ ଆଲୋଚନା କରିଥିଲେ। ଆସନ୍ତା ସୋମବାର ବୈଠକ ବସି କ୍ଷତିପୂରଣ ପ୍ରଦାନ ଉପରେ ପଦକ୍ଷେପ ନିଆଯିବ ବୋଲି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି।

---

**GOVT. OF ODISHA**

**OFFICE OF THE EXCUTIVE ENGINEER (AGRIL.) AGRIL, ENGG. DIVISION, CUTTACK**

AT/PO- NAYABAZAR, DISTRICT: CUTTACK-753004
Phone No.(0671) 2952638, Email ID:eeagril.cuttack@gmail.com

**e-Procurement Notice: Dated 07.12.2023**

**Bid Identification No.05/2023-24 of EE(AGRIL) Agril.Engg.Division, Cuttack**

**No.L-174:** The Executive Engineer (Agril.) Agril.Engg.Division, Cuttack, Odisha on behalf of the Governor of Odisha, invites percentage rate bids in single cover system from the eligible class of contractors through e-procurement in ONLINE MODE only in the website "www.tendersodisha.gov.in" for civil works/ buildings in the district of Cuttack & Jagatsinghpur as detailed below:

| Sl. No. | Nos. of the Work/ nature of work for which Tender invited | Approximate Estimated Cost put to Tender (Excluding G.S.T.) (Rs.lakh) | Cost of Bid Documents (in Rs.) | EMD in Rs. | Class of Contractor | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Total 4 Nos. (Four nos) Building works/ Civil construction works/ PH Sanitary & Electrical Works/ Furnishing Work | Vary from Rs.8.36 to Rs.8.46 lakh | 4000.00 | 1% of the Amount Put to Tender | C&D with LT-Electrical License | 120 Days |

1. Date & Time of availability of bid document in the portal: 11.12.2023 at 10.00 AM to 21.12.2023, 5.30 PM
2. Last date/time for receipt of bids in the portal : 21.12.2023 upto 5.30 PM
3. Date of submission of original bid documents in Tender Box: 11.12.2023, 10.00 AM to 22.12.2023 upto 5.30 PM.
4. Date & Time of opening of original documents, verification & Online bids: 26.12.2023 at 10.30 AM onwards.

The bidders have to participate in ONLINE bidding only in the e-Procurement website: https://tendersodisha.gov.in. with matching class DSC. Any addendum/ Corrigendum/Cancellation of tender/other details of the DTCN can also be seen in the said website. Authority reserve the right to reject/accept any or all of the tenders, increase/decrease the quantities of works without assigning any reasons thereof.

Sd./- Executive Engineer, (Agril)
Agril.Engg.,Division,Cuttack

OIPR-01447/11/0006/2324

---

**STATE POLLUTION CONTROL BOARD, ODISHA**

**(Department of Forest, Environment and Climate Change, Govt. of Odisha)**

Paribesh Bhawan, A/118, Nilakantha Nagar, Unit - VIII, Bhubaneswar - 751012
E-mail:paribesh1@ospcboard.org
Website: www.ospcboard.org

No. 19213/IND-I-SWM-19/2324 Dt.04.12.2023

**PUBLIC NOTICE: PLASTIC FREE PICNIC SPOTS**

No. CAD-3203: In continuation to the Public Notice No. 18436 Dtd.21.11.2023 the State Pollution Control Board in association with Youth4Water an eminent NGO of Odisha have undertaken a campaign namely Plastic Free Picnic Challenge with an objective to make Picnic Spots free (100 Spots) from littering of plastic and other materials. The SPCB has decided to include additional 76 picnic spots with an objective to make most picnic spots plastic free. The campaign will be implemented through creating public awarness and other allied activities by engaging local volunteer, NGOs, Eco Clubs, SHGs, DESs and Gram Panchayats. The additional 76 picnic places under this campaign are as follows:

| Sl. No. | District | Name of Picnic Spots |
|---|---|---|
| 1 | Angul | 1. Kukudadarah |
| 2 | Bargarh | 1. Deodhar Siva Temple |
| 3 | Cuttack | 1. Dabarkhol<br>2. Mahavinayak Temple<br>3. Chandikhol, Champujhar<br>4. Duburi<br>5. Ashokjhar |
| 4 | Deogarh | 1. Kurudkote Waterfall<br>2. Bhai Bhauni Waterfall<br>3. Thango Dam<br>4. Rangana<br>5. Bhamamandali |
| 5 | Ganjam | 1. Kankandevi<br>2. Khunteswari<br>3. Black Buck Nature Camp (Saluapali)<br>4. Giant Squrrel Nature Camp |
| 6 | Jharsuguda | 1. Chandi Mandir |
| 7 | Kalahandi | 1. Sindher Waterfall<br>2. Dokrichanchara |
| 8 | Kandhamal | 1. Mandasaru<br>2. Sirki |
| 9 | Keonjhar | 1. Hadagarh<br>2. Gadachandi<br>3. Chakratirtha<br>4. Gundichaghagi<br>5. Remal Dam Site<br>6. Gunduchaghagi Waterfall |
| 10 | Khordha | 1. Maa Tarini Temple<br>2. Maa Biraja Temple<br>3. Kosalasuni Temple<br>4. Bhuiani Temple<br>5. Madangiri Temple<br>6. Maninag Temple<br>7. Asurakumari Temple<br>8. Khilamunda Temple<br>9. Ugratara Temple<br>10. Pandabasuni Temple<br>11. Kalijai Temple<br>12. Mangalajodi |
| 11 | Koraput | 1. Nageswar Caves, Balda |
| 12 | Mayurbhanj | 1. Hatibari<br>2. Tindharia Near Saradha<br>3. Uski Waterfall<br>4. Joranda Waterfall<br>5. Lulung<br>6. Bramanikunda<br>7. Manchabandha-near Salbani FRH<br>8. Asurghaty<br>9. Khadakhai<br>10. Bankbal Dam<br>11. Kailaghaty near Chadheipahadi Village<br>12. Nesa Dam |
| 13 | Nuapada | 1. Godhus Waterfall<br>2. Orenjhola Waterfall<br>3. Beniadhus Waterfall<br>4. Kharaldhus Waterfall<br>5. Patora<br>6. Tikhali |
| 14 | Puri | 1. Palanga VSS near Beladala Area<br>2. Lotus Hotel Area<br>3. Near Light House<br>4. Jahania<br>5. Gangadevi<br>6. Rajhans |
| 15 | Sambalpur | 1. Govindpur<br>2. Pitapali |
| 16 | Sundargarh | 1. Vaishondevi Temple<br>2. Akshaya Shila<br>3. Pitamahal Dam<br>4. Mandira Dam<br>5. Kansbahal Dam<br>6. Deomul Waterfall<br>7. Deodhar<br>8. Brahmani River Darjiling<br>9. Tensa Nature Camp<br>10. Rukura Dam |

This picnic spots shall have restriction/regulations on use of single use of plastic (SUP) and advisory of Dos & Don'ts for strict adherence. All citizens are requested to follow the restrictions and the advisory to maintain the cleaness of the surrounding and maintain enjoyable environment. Cooperation of every individual shall help making the campaign successful accomplishing its objective.

**"Spread joy don't litter, be nature friendly"**

By order of the Chairman
**Sd./- Member Secretary**

OSPCB-PWM-MISC-0008-2023/12/2023
OIPR-08012/11/0151/2324

---

**GOVERNMENT OF ODISHA**
**"e" PROCUREMENT NOTICE**
**WORKS DEPARTMENT**
**E-mail:pwdoff_khd@yahoo.com**
**Tender Call Notice No.38/2023-24**

No.B-1420:- The Superintending Engineer, Khurda (R&B) Division, Khurda on behalf of Governor of Odisha invites percentage rate bid in **Double cover** system in ONLINE MODE from eligible class of contractors having valid registration certificate for execution of the **Civil** works as detailed below:

| | | | |
|---|---|---|---|
| 1 | Nature of work | : | Building works |
| 2 | No. of work | : | 01 No. |
| 3 | Tender cost | : | Rs.10000.00 (Online) |
| 4 | Class of contractor | : | 'B' class contractor |
| 5 | Available of bid documents in the website | : | From Dt.11.12.2023 at 10.30 A.M. to Dt.18.12.2023 at 4.30 P.M. |
| 6 | Date of opening of bids | : | Dt.18.12.2023 at 5.00 P.M. |
| 7 | Bidders have to participate in ONLINE bidding only. Further details can be seen from the Website: https://tenderodisha.gov.in. Any information regarding addendum / corrigendum / cancellation of tender can be available in the said website. | | |

Sd./- Executive Engineer
Khurda (R&B) Division, Khurda

OIPR-34095/11/0027/2324

---

**OFFICE OF THE SUPERINTENDENT**
**VSS INSTITUTE OF MEDICAL SCIENCES & RESEARCH, BURLA (SAMBALPUR),**
**E-mail: vimsarsuptd@gmail.com**

**TENDER CALL NOTICE**

**No. 23643/VIMSAR** **Dated, Burla, the 05.12.2023**

No. E-617: Sealed tenders are hereby invited by the undersigned from the interested reputed Travel Agencies/Tour Operators/Private Individuals having GST registration for providing vehicles like **TUV300/Bolero/Ertiga/Scorpio/ Creta/Mahindra Marazzo/Swift Dzire/Xcent/Ciaz/Honda City/Innova/Xuv 500/Private Mini Bus for** official use on monthly rented basis. The tenders should reach the office of the Superintendent, VSS IMSAR, Burla on or before 03.01.2024 at 5.00 P.M. through Regd. Post/Speed Post only which will be opened on Dt.04.01.2024 at 11.30 A.M.

The deails terms and conditions can be collected from office of the Superintendent, VSS IMSAR, Burla from Dt.05.12.2023 to 03.01.2024 (BDI) in all working days from 10.00 A.M. to 5.30 P.M. on payment of Rs.1000/- (Rupees one thousand) only in the user fee collection counter towards cost of the tender paper. It can also be downloaded from the district website: **www. sambalpur.nic.in** & submitted with a Bank Draft of Rs.1000/- in favour of Superintendent VSS IMSAR, Burla.

Sd./- Superintendent
VIMSAR, Burla

OIPR-10187/11/0026/2324

---

**GOVERNMENT OF ODISHA** **No. B-1408**
**WORKS DEPARTMENT**
**OFFICE OF THE SUPERINTENDING ENGINEER**
**BALLIGUDA (R&B) DIVISION, BALLIGUDA**

Telephone & Fax: 06846-243242, E-mail: eepwd.balliguda@gmail.com
**Bid Identification No. S.E. BLG-12/2023-24, Dated: 02.12.2023**

| Sl. No. | Name of the Work | Building and Road Works as per DTCN available in the website www. tendersodisha.gov.in |
|---|---|---|
| 1 | Estimated Cost | Rs.77.00 lakh to 84.00 lakh |
| 2 | No. of Works | 02 (Two) Only |
| 3 | Period & time of completion | 04 (Four) Calendar Months |
| 4 | Date & time of availability of the bid document in the portal | 11.12.2023 to 21.12.2023 (upto 5.00 P.M.) for Online Bidding |
| 5 | Last date/time for receipt of bids in the portal | Upto 5.00 P.M. of 21.12.2023 |
| 6 | Date & Time of bid opening | 11.30 hours on Dated 22.12.2023 |
| 7 | Name & address of the Officer Inviting Bid | Superintending Engineer, Balliguda R&B Division, Balliguda, Dist.: Kandhamal, PIN - 762103 |

Others can be seen from Detailed Notice inviting Tenders, available in website: **www.tendersodisha.gov.in**.
Corrigendum if any, shall only be published in the above website.

Sd./- Superintending Engineer
Balliguda (R&B) Division
OIPR-34038/11/0011/2324

---

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**P.H. DIVISION, BALANGIR**

No.C-2043
Ph. No.: (06652-234647), Email ID: eephbgr@yahoo.co.in

**NOTICE INVITING TENDERS**
**NATIONAL COMPETITIVE BIDDING THROUGH e-Procurement**
**Bid Identification No. SE PH BGR 07/2023-24 Dt.04.12.2023**

| | | |
|---|---|---|
| 01. Number of the Works | : | 02 Nos. |
| 02. Estimated Cost | : | Rs.50.53 to 63.71 Lakhs (Approx.) |
| 03. Period of Completion | : | 6 Months |
| 04. Date & time of availability of bid document in the portal | : | From 11.00 A.M of Dt.13.12.2023 to 5.00 P.M. of Dt.27.12.2023 |
| 05. Last date/time of receipt of bids in the portal | : | 5 P.M. of Dt.27.12.2023 |
| 06. Date & Time of opening of bids | : | At 11.00 A.M. of Dt.28.12.2023 |
| 07. Name and address of the Officer Inviting Bid | : | Superintending Engineer, P.H. Division, Balangir, At: Tulsinagar, Dist.: Balangir - 767001 |

Further details can be seen from the website: **http://tenders.ori.nic.in** or **www.tendersodisha.gov.in**.

Sd./- Superintending Engineer
P.H. Division, Balangir

OIPR-13005/11/0006/2324

---

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**CENTRAL (R&B) CIRCLE, BHUBANESWAR**
**Mail i.d.: seccbbsr@gmail.com**

**E-Procurement Tender Call Notice No. 21 of 2023-24**

**No. 4139 (Estg.)** **Bhubaneswar the 06 December - 2023**

No. B-1421: The Chief Construction Engineer, Central (R&B) Circle, Bhubaneswar on behalf of the Governor of Odisha invites percentage rate bids for one number building works to be received in online bidding, double cover system for construction work as detailed in **https:// tendersorissa.gov.in**. The details of bid documents will be available in the above website from 5.00 P.M. of 12.12.2023 to 5.00 P.M. of 26.12.2023. The bidders must possess compatible Digital Signature Certificate of Class II or III. Bids received online shall be opened at 11.00 A.M. of 27.12.2023 in the Office of the Chief Construction Engineer, Central (R&B) Circle, Bhubaneswar.

Further details can be seen from the e-procurement portal **www. tendersorissa.gov.in**.

Addendum/Corrigendum, if requied, will be available only in the website.

Sd./- Er. P.K. Mohanty
Chief Construction Engineer
Central (R&B) Circle, Bhubaneswar

OIPR-34005/11/0004/2324

---

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, KUCHINDA**

No. O-1746 E-mail: eerw_kuchinda@yahoo.com

**"e" Procurement Notice for Bridge Work**
**Identification No. Online Tender/09/RWD, Kuchinda/2023-24**

| | | |
|---|---|---|
| 1. Name of the Work | : | Bridge Work |
| 2. Total Number of Works | : | 01 No. |
| 3. Class of Contractor | : | Bridge Work ("B" Class of Contractor) |
| 4. Period of Completion | : | 06 Calendar Months |
| 5. Availability of Tender Online for Bidding | : | Dt.12.12.2023 to 27.12.2023 at 11.00 A.M. |
| 6. Last date & time of seeking tender clarification | : | Dt.26.12.2023 at 5.00 P.M. |
| 7. Date & time of opening of tender Technical Bid | : | 28.12.2023 (11.00 A.M.) |
| 8. Date & time of opening of tender Financial Bid | : | will be intimate separately |

Further details can be seen from the website: **www.tendersodisha.gov.in**.

Sd./- Superintending Engineer
Rural Works Division, Kuchinda

OIPR-25151/11/0012/2324

---

**MARKFED - ODISHA**
**(Odisha State Co-operative Marketing Federation Ltd.)**
**Old Station Road, Bhubaneswar - 751006**
**Tel.: (0674) 2310626, e-mail: odishamarkfed@gmail.com**
**Website: www.markfedodisha.nic.in**

**Ref. No. 4411** **Date: 07.12.2023**
**Tender Notice No. 4410/EG-01/2021-22** **Date: 07.12.2023**

**TENDER CALL NOTICE**

No. CAD-3220: Sealed Tenders (Two Bids) are invited from registered Manpower Service Providing Firms/Agencies (SPA) for providing services of personnel for the year, 2024 to be deployed in branches of Area Offices, Unit Offices, Purchase Centers, Godowns & Head Office of MARKFED for a period of one year. For details, please visit Government of Odisha Tender website **(www.odisha.gov.in)** or Cooperation Department, Government of Odisha website **(www. coopodisha.in)**. Any revision, clarification, addendum, corrigendum, time-extension etc. to the above mentioned tender notice will be hoisted on Cooperation Department website only. No separate notification shall be issued in the press.

**Managing Director**
**Signature of Issuing Authority** **Sd./- Signature of the Tenderer**
**OIPR-39017/11/0018/2324**

---

**OSRTC**
**ODISHA STATE ROAD TRANSPORT CORPORATION, BHUBANESWAR**

No.2170/OSRTC/IM(TR)-40/2023 Date: 06.12.2023

**Request For Proposal (RFP)**

No.CAD-3212:- The Chairman-cum-Managing Director, Odisha State Road Transport Corporation (OSRTC), Bhubaneswar has invited a Request for Proposal (RFP) For Design, Manufacture and Supply of High-End Premium Fully built in AC Buses for Managing Public Transport across Tier-III Routes with Comprehensive Annual Maintenance Contract (AMC) model through the e-tendering process.

The interested firms / OEMs should upload their proposals online bids on the e-Nivida Portal may be obtained at: https://enivida.odisha.gov.in from Dt.6.12.2023 to Dt.27.12.2023 upto 11.00 A.M. and the same will be opened on Dt.27.12.2023 at 1.00 P.M. at OSRTC conference hall.

For any doubt, agencies / firms may contact Mr. Rashmi Pani on 9937567240 to address the issue during office hours.

The details of the terms & conditions are available on the website www.osrtc.in, https://enivida.odisha.gov.in

The authority reserves the right to accept or reject any or all proposals without assigning any reason thereof.

By order of the Chairman-cum-Managing Director
**Sd./- General Manager (A), OSRTC, Bhubaneswar**
OIPR-38002/11/0018/2324

---

**OFFICE OF THE DIVISIONAL FOREST OFFICER, DHENKANAL FOREST DIVISION**

**Tele Fax No.: 06762-226717, e-mail Id: dfo.dhenkanal@odisha.gov.in**

**NOTIFICATION**

No. MM-358: this is for information of all concerned that the following Forest Roads of Dheknakal Forest Division in Dhenkanal District shall remain closed to traffic on Dt.30.12.2022 from Zero hour to 24 hours in accordance with rule 284 of Odisha Forest Department Code 1979. The movement of traffic on the date and time specified above will be treated as violation of Section 26 of Odisha Forest Act and hence will be liable for prosectuion

**LIST OF FOREST ROADS OF DHENKANAL DIVISION**

| Sl. No. | Name of Forest Road | Forest Range | Length in Km. |
|---|---|---|---|
| 01 | Jharan - Chhanabolua | Dhenkanal | 11.30 |
| 02 | Bhapur - Abhimanyupur | Dhenkanal | 2.00 |
| 03 | Hitinda - Mahulpunji | Dhenkanal | 11.50 |
| 04 | Khankira - Dhanianali | Sadangi | 12.00 |
| 05 | Chhotatentuli - Mahisakada | Sadangi | 5.00 |
| 06 | Hindol - Fasigaon | Hindol | 42.00 |
| 07 | Bampa - Patalu | Hindol | 12.50 |
| 08 | Gurujang - Fasigaon | Hindol | 19.20 |
| 09 | Batagaon - Keonjhar Border | K. Nagar East | 20.90 |
| 10 | Umendra - Ekul | K. Nagar East | 11.20 |
| 11 | Baiganpal - Ekul | K. Nagar East | 14.20 |
| 12 | Childa - Khidikidwar | K. Nagar East | 12.00 |
| 13 | Sendhaswar - Khidikidwar | K. Nagar East | 15.00 |
| 14 | Siarimalia - Jhili | K. Nagar West & Mahabiroad | 25.30 |
| 15 | Aluajharan - Muktaposi (Banei Border Forest Road) | K. Nagar West | 10.30 |
| 16 | Pathagarh - Gundichanali | K. Nagar West | 20.00 |
| 17 | Basoi - Kankili | K. Nagar West | 5.00 |
| 18 | Sundhikateni - Bileisuni | Mahabirod | 6.02 |
| 19 | Vejia - Gengutia | Mahabirod | 8.00 |
| 20 | Dadaraghati - Bulajhar | Mahabirod | 8.86 |
| | TOTAL | | 272.28 |

Sd./- (Sri Sumit Kumar Kar, IFS)
Divisional Forest Officer
Dhenkanal Division

OIPR-08037/11/0012/2324

---

**ROURKELA SMART CITY LIMITED, ROURKELA**

**Udit Nagar, Rourkela-769012, Email: rourkelascl@gmail.com**
**BID ID: RSCL/3561/2023** **DATE: 7.12.2023**

**NOTICE INVITING TENDER NATIONAL COMPETITIVE BIDDING**

**No.C-2054:** The Chief Executive Officer, RSCL invites bids from eligible contractors for the following projects:

| Sl. No. | Name of the Projects | Base Price |
|---|---|---|
| 1 | Interior Lighting Works of Tribal Museum (Display Area) on Percentage Rate Basis | Rs.98,22,668/- |

The Tender Fees of Rs. 11,800/- is to be deposited with the bid which is Non-refundable. The complete BID documents can be viewed/downloaded from official portal of Rourkela Municipal Corporation (https://www.rmc.nic.in or e-procurement portal of Odisha https://tendersodisha.gov.in from 08.12.2023 to 26.12.2023 (up to 15:00 Hrs. 1ST). Pre- Bid Meeting will be held on 13.12.2023 at 12.30 P.M. in the Conference Hall of RSCL. For queries, intending bidder may contact Sarthak Sourav Rath, Architect Phone No. 8093310953/ Debasmita Mahanta, Ar.Designer, Phone No.7838895830 and Email id:rourkelascl@gmail.com The Bid is to be submitted to this Address of Chief Executive Officer, Rourkela Smart City Limited, 1st Floor, RMC City Library, Uditnagar, Rourkela-769012 through Registered Post/ Speed Post only.

**Sd./-Chief Executive Officer**
**Rourkela Smart City Limited**

OIPR-13080/11/0010/2324

---

**OFFICE OF THE ENGINEER-IN-CHIEF (CIVIL), ODISHA**
**NIRMAN SOUDHA, UNIT-V, BHUBANESWAR**

**E-mail Id:cebuildings_orissa@yahoo.co.in, Tel:- (0674) 2391523**
**No.B-IV-H-(H&D)-66/22 Letter No.52537 Dt.8th December 2023**

**Invitation for Bids**

**No.B- Bid Identification No.CE(B)-46/2023-24**

| | | | |
|---|---|---|---|
| 1. | The Chief Engineer, Buildings on behalf of Governor of Odisha invites bids from reputed Indian Firms registered with the State Government and bidders of equivalent Grade/ Class registered with Central Government/ MES/Railways for the Building works (STP, ETP) on turnkey basis (i.e. Design & execution of ETP & STP) | | |
| 2. | Nature of Work | : | Building Works (Establishment of STP & ETP) |
| 3. | Nos. of Work | : | 03 Nos. |
| 4. | Bid Cost | : | Rs.10,000/- (Each) |
| 5. | Class of Contractor | : | Special & Super |
| 6. | Availability of Bid documents in the website | : | From dt.12.12.2023 to 05.30 PM of dt.02.01.2024 |
| 7. | Pre-Bid Meeting | : | Dt.26.12.2023 at 11.00 AM |
| 8. | Last Dt. of submission of hardcopy | : | Dt.06.01.2024 upto 5.30 PM |
| 9. | Date of Opening of Bid | : | Dt.08.01.2024 at 11.30 AM |
| 10. | The Bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum/ corrigendum/ cancellation of tender can also be seen in the said website only. | | |

**Sd./- Chief Engineer, Buildings, Odisha**
**OIPR-34002/11/0001/2324**

See Career Appointment on every Wednesday & Saturday

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଜନତାଙ୍କଠାରୁ ଲୁଟ୍ ଅର୍ଥ ଅସୁଲ ହେବ, ଏହା ମୋଦିଙ୍କ ଗ୍ୟାରେଣ୍ଟି- ଧର୍ମେନ୍ଦ୍ର

**ସମ୍ବଲପୁର,୯।୧୨ (ଭବାନୀ ଶଙ୍କର ଭୋଇ)**

କେନ୍ଦ୍ରୀୟ ସଂସ୍ଥାର ଚଢାଉ ଦ୍ୱାରା ଓଡ଼ିଶା ଭଳି ରାଜ୍ୟରୁ ଶହ ଶହ କୋଟି ଟଙ୍କା ଜବତ ହେବା ଚିନ୍ତାର ବିଷୟ। ରାଜ୍ୟର ଅବକାରୀ ନୀତି ଯୋଗୁ ଏଭଳି ଘଟଣା ଘଟୁଛି। ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ତବଲା ପଞ୍ଚାୟତର ମାଲଗୁଣ୍ଡରେ ଶନିବାର ବିକଶିତ ଭାରତ ସଂକଳ୍ପ ଯାତ୍ରାରେ ଯୋଗଦେବା ପରେ ଗଣମାଧ୍ୟମକୁ ସମ୍ବୋଧିତ କରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ପ୍ରତିକ୍ରିୟା ଦେବା ସହ ଟୁଇଟ୍ ମଧ୍ୟ କରିଛନ୍ତି। ଧର୍ମେନ୍ଦ୍ର କହିଛନ୍ତି, ଏକସଙ୍ଗରେ ଏତେ ପରିମାଣରେ ବେନାମୀ ଅର୍ଥ ଜବତ ହେବା ଖବର ମୋତେ ବିସ୍ମିତ କରିଛି। ନୈତିକତାର କଥା କହୁଥିବା କିଛି ରାଜନୈତିକ ଦଳର ନେତା ନୀରବ ଥିବାରୁ ସାଧାରଣ ଜନତାଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଛି। ଅବଶ୍ୟ ଏବେ ଓଡ଼ିଶା ସମେତ ଦେଶର ଜନସାଧାରଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗ୍ୟାରେଣ୍ଟି ଉପରେ ଭରସା କରୁଛନ୍ତି। ମୋଦି ସରକାରରେ ଦୁର୍ନୀତିକୁ ପ୍ରଶ୍ରୟ ଦିଆଯିବ ନାହିଁ। ତାଙ୍କ ନେତୃତ୍ୱରେ ଗୋଟି ଗୋଟି କରି ଜନତାଙ୍କଠାରୁ ଲୁଟ୍ ହୋଇଥିବା ଅର୍ଥ ଅସୁଲ କରାଯିବ ବୋଲି ଧର୍ମେନ୍ଦ୍ର ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରିଛନ୍ତି।


**CLASSIFIED DISPLAY**

MORE SPACE • SAME PRICE

| TARIFF | For Single Day | | For 7 Days | | For 15 Days | | For 30 days | | GST 5% |
|---|---|---|---|---|---|---|---|---|---|
| | 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 | |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 | |

SC/ST ଛାତ୍ରୀ ମାନଙ୍କ ପାଇଁ
Course Fee ସଂପୂର୍ଣ୍ଣ ମାଗଣା
ନାମଲେଖା ଚାଲୁଅଛି !
ଶିକ୍ଷାବର୍ଷ: ୨୦୨୩-୨୪
SAI STITI INSTITUTE OF MEDICAL SCIENCE
Recognised by Govt. of Odisha, H & FW Dept. and Odisha Nursing Council, India Nursing Council, New Delhi
ANM
Duration 2 yrs, Qualification +2 (Any Stream)
Practical at
DHH KHORDHA and CAPITAL HOSPITAL
Hanspal Bhubaneswar
Mob.: 8249091700, 8455975825, 9692613134


**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# କଂଗ୍ରେସରେ ନ ଥାଇ ଚର୍ଚ୍ଚାରେ ମୋକିମ୍

**କଟକ,୯।୧୨(ଶିଳ୍ପା ପ୍ରିୟଦର୍ଶିନୀ)**

### ବାରବାଟୀ-କଟକ ନିର୍ବାଚନମଣ୍ଡଳୀ


ମହମ୍ମଦ ମୋକିମ୍

୨୦୨୪ ସାଧାରଣ ନିର୍ବାଚନ ତତ୍ପରତା ସବୁଠି ଦେଖିବାକୁ ମିଳିଲାଣି। ଆଶାୟୀଙ୍କ ଲମ୍ବା ତାଲିକା ପ୍ରସ୍ତୁତ ହେଲାଣି। ଏଭଳିସ୍ଥିତିରେ ବାରବାଟୀ-କଟକ ନିର୍ବାଚନ ମଣ୍ଡଳୀରେ କଂଗ୍ରେସର ମଙ୍ଗୁଆଳକୁ ନେଇ ଉପୁଜିଛି ପ୍ରଶ୍ନ। କିଏ ଧରିବ ନିର୍ବାଚନୀ ମଙ୍ଗ। କାରଣ ବାରବାଟୀ-କଟକ ବିଧାୟକ ମହମ୍ମଦ ମୋକିମ୍ ଦଳରୁ ନିଲମ୍ବିତ ହୋଇଛନ୍ତି। ତେବେ ମୋକିମ୍ ଦଳରେ ନ ଥାଇ ମଧ୍ୟ ଦଳକୁ ମଜଭୁତ କରିବାକୁ ସମସ୍ତ ପ୍ରୟାସ ଜାରି ରଖିଛନ୍ତି। ନିର୍ବାଚନକୁ ନଜରରେ ରଖି ଏବେ ମୋକିମ ଜନସାଧାରଣଙ୍କ ସଂସ୍ପର୍ଶରେ ଆସି ମୌଳିକ ସୁବିଧା ଯୋଗାଉଛନ୍ତି। ଏପରି କି କଂଗ୍ରେସର ୱାର୍ଡସ୍ତରୀୟ ଅଭିଯାନଠାରୁ ଆରମ୍ଭ କରି ସମସ୍ତ କାର୍ଯ୍ୟ ଜାରି ରଖିଛନ୍ତି, ଯାହାକି ତାଙ୍କର ଦଳରେ ପୁର୍ନଃବାର ଯୋଗଦେବାର ସମ୍ଭାବନା ସୃଷ୍ଟି ହେଉଛି। ଅପରପକ୍ଷରେ ଏଯାବତ୍ ବାରବାଟୀ-କଟକ ନିର୍ବାଚନ ମଣ୍ଡଳୀରେ ଅନ୍ୟ କୌଣସି ଆଶାୟୀଙ୍କ ନାମ ଶୁଣିବାକୁ ମିଳି ନ ଥିବାରୁ ପ୍ରାର୍ଥିତ୍ୱକୁ ନେଇ ବିଭିନ୍ନ କଳ୍ପନା ଜଳ୍ପନା ଆରମ୍ଭ ହେଲାଣି।

୨୦୧୯ ନିର୍ବାଚନରେ ବାରବାଟୀ-କଟକ ନିର୍ବାଚନ ମଣ୍ଡଳୀରୁ ମୋକିମ୍ ନିର୍ବାଚିତ ହୋଇଥିଲେ। ସେତେବେଳେ ମୋକିମ କଟକ ନଗର କଂଗ୍ରେସ ସଭାପତି ରହିଥିଲେ। ୨୦୨୨ ଅଗଷ୍ଟ ୧୨ରେ ସେ ସଭାପତି ପଦରୁ ହଟିଥିଲେ। ପରେ ମୋକିମଙ୍କୁ ଦଳ ବିରୋଧୀ କାର୍ଯ୍ୟ ଏବଂ ମନ୍ତବ୍ୟ ପାଇଁ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ ୨୦୨୩ ଜୁଲାଇ ୧୬ରେ ଦଳରୁ ନିଲମ୍ବନ କରିଥିଲେ। ଏହା ସତ୍ତ୍ୱେ ସେ ଦଳକୁ କେବେ ଛାଡ଼ି ନାହାନ୍ତି। ସର୍ବଦା ଦଳ ପାଇଁ କାର୍ଯ୍ୟ କରିବେ ବୋଲି ମୋକିମ୍ ଗଣମାଧ୍ୟମରେ ସୂଚନା ଦେବା ପରେ ମଧ୍ୟ ଏଯାବତ୍ ଦଳରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର ହୋଇନାହିଁ। ଦଳରୁ ନିଲମ୍ବନ ହେବାପରେ ମୋକିମ ବିଜେଡି ଓ ପରେ ଭାଜପାରେ ଯୋଗଦେବା ନେଇ ଚର୍ଚ୍ଚା ହେଉଥିଲା। ହେଲେ ଏବେ ସେ ଆଲୋଚନା ଆଉ ଶୁଣିବାକୁ ମିଳୁନାହିଁ। ନିର୍ବାଚନ ସମୟ ପାଖେଇ ଆସୁଥିବାବେଳେ ପୂର୍ବପରି ମୋକିମ୍ ଜନସାଧାରଣଙ୍କ ନିକଟତର ହେବା ନଜରକୁ ଆସିଛି। ଦଳରେ ନ ଥାଇ ଦଳୀୟ କାର୍ଯ୍ୟ କରିବା ସହ ଜନସାଧାରଣଙ୍କ ନିକଟତର ହେବା ଆଲୋଚନା ପାଇଁ ଖୋରାକ୍ ଯୋଗାଉଛି। ଏନେଇ କଟକ ନଗର କଂଗ୍ରେସ ସଭାପତି ସୁରେଶ ମହାପାତ୍ରଙ୍କ କହିବା ହେଲା ବାରବାଟୀ ବିଧାୟକ ମୋକିମଙ୍କୁ ନେଇ କୌଣସି ମତ ରଖିବାକୁ ଚାହୁଁନି। ଯଦିଓ ସେ କୌଣସି କାର୍ଯ୍ୟ କରୁଛନ୍ତି ତାହା ତାଙ୍କର ବ୍ୟକ୍ତିଗତ କାର୍ଯ୍ୟକ୍ରମ ରହିଥିବ। ଏବେ ସେ କଂଗ୍ରେସ ଦଳରେ ନାହାନ୍ତି । ସେ ଦଳକୁ ଫେରିବେ କି ନାହିଁ ତାହା କେବଳ ଦଳର ହାଇକମାଣ୍ଡ ହିଁ ନିଷ୍ପତି ନେବେ। ବାରବାଟୀ-କଟକ, ଚୌଦ୍ୱାର-କଟକ ଓ କଟକ ସଦର ଏହି ତିନୋଟି ନିର୍ବାଚନ ମଣ୍ଡଳୀରେ ବହୁତ ଆଶାୟୀ ପ୍ରାର୍ଥୀ ରହିଛନ୍ତି। ଆସନ୍ତା ମାସକ ମଧ୍ୟରେ ଆଶାୟୀଙ୍କ ନାଁ ସାମ୍ନାକୁ ଆସିଯିବ। କଟକରେ କଂଗ୍ରେସର ସ୍ଥିତି ମଜଭୁତ ରହିଛି ବୋଲି ମହାପାତ୍ର କହିଛନ୍ତି।

# ବିଜେଡି ନେତାଙ୍କ ସହ 'ସାହୁ ବ୍ରଦର୍ସ ଆଣ୍ଡ କୋ'ର ସମ୍ପର୍କ କ'ଣ: ମନମୋହନ

**ଭୁବନେଶ୍ୱର,୯।୧୨(ଅନିଲ ଦାସ)**

ଝାଡ଼ଖଣ୍ଡର କଂଗ୍ରେସ ଏମ୍‌ପି ଧୀରଜ ସାହୁ ଓ ତାଙ୍କ ସହଯୋଗୀଙ୍କ ବିଭିନ୍ନ ଠିକଣାରେ ଆୟକର ଚଢ଼ାଉ କୁ ନେଇ ବିଜେଡିକୁ ଟାର୍ଗେଟ କରିଛନ୍ତି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ।

ଶନିବାର ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମନମୋହନ କହିଛନ୍ତି, ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଥିବା ଏହି ଜବତ କଳାଟଙ୍କା କାହାର। ବାର୍ଷିକ ୧୨୦କୋଟି ଟଙ୍କାର ବ୍ୟବସାୟ କରୁଥିବା 'ସାହୁ ବ୍ରଦର୍ସ ଆଣ୍ଡ କୋ'ଙ୍କ ନିକଟରୁ ଏତେ ଟଙ୍କା କେଉଁଠୁ ଆସିଲା। କେନ୍ଦ୍ରୀୟ ଏଜେନ୍ସି ଯଦି ଏହାର ଖବର ପାଇପାରିଲା ଓଡ଼ିଶା ପୋଲିସ, ଗୋଇନ୍ଦା ଓ ଇଓଡବ୍ଲ୍ୟୁ ଏହି ଖବର ଜାଣି ନ ପାରିବା ଲଜ୍ଜାଜନକ। ଏଥିସହ ମନମୋହନ କହିଛନ୍ତି, ଶାସକ ବିଜେଡିର ଅନେକ ନେତା ଓ ମନ୍ତ୍ରୀ 'ସାହୁ ବ୍ରଦର୍ସ ଆଣ୍ଡ କୋ' ସହ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଫଟୋ ପ୍ରକାଶ ପାଇଛି। ବିଜେଡି ନେତାଙ୍କ ସହ 'ସାହୁ ବ୍ରଦର୍ସ ଆଣ୍ଡ କୋ'ର ସମ୍ପର୍କ କ'ଣ, ସିବିଆଇ ତଦନ୍ତ ହେଲେ ସତ୍ୟାସତ୍ୟ ସାମ୍ନାକୁ ଆସିବ।

# ପ୍ରଧାନମନ୍ତ୍ରୀଙ୍କ ଟୁଇଟ୍ ପଢ଼ନ୍ତୁ ଭାଜପା ନେତା: ବିଜେଡି

**ଭୁବନେଶ୍ୱର,୯।୧୨(ଅନିଲ ଦାସ):** ଆୟକର ବିଭାଗର ଚଢ଼ାଉକୁ ନେଇ ଓଡ଼ିଶା ଭାଜପା ନେତାମାନେ ହୀନ ରାଜନୈତିକ ଉଦ୍ଦେଶ୍ୟ ରଖି ବୟାନ ଦେଇ ଲୋକହସା ହେବା ଆଗରୁ ନିଜ ଦଳର ରାଷ୍ଟ୍ରୀୟ ନେତାମାନେ କ'ଣ ମତ ରଖୁଛନ୍ତି ତାହା ଦେଖନ୍ତୁ ବୋଲି ବିଜେଡି ମୁଖପାତ୍ର ଈପ୍ସିତା ସାହୁ କହିଛନ୍ତି। ଶନିବାର ଗଣମାଧ୍ୟମକୁ ସେ କହିଛନ୍ତି, ଜାତୀୟ ସ୍ତରର ଗଣମାଧ୍ୟମରେ ପ୍ରକାଶିତ ଏକ ରିପୋର୍ଟର ଫଟୋକୁ ପ୍ରଧାନମନ୍ତ୍ରୀ ନିଜ ଟୁଇଟରରେ ସ୍ଥାନ ଦେଇଛନ୍ତି। ଯେଉଁଥିରେ ଶୀର୍ଷକ ରହିଛି, 'ଝାଡ଼ଖଣ୍ଡର କଂଗ୍ରେସ ରାଜ୍ୟ ସଭା ସଦସ୍ୟ ଧୀରଜ ସାହୁଙ୍କର ୧୦ଟି ସ୍ଥାନରେ ଚଢ଼ାଉ। ୨୦୦ କୋଟି ନଗଦ ମିଳିଲା, ଗଣତି ଜାରି। ଭାଜପା ରାଷ୍ଟ୍ରୀୟ ନେତା ଓ ଝାଡ଼ଖଣ୍ଡର ଭାଜପା ୟୁନିଟ୍‌ର ନେତାମାନେ କଂଗ୍ରେସକୁ ସମାଲୋଚନା କରିବା ସହ ମିଳିଥିବା ଅର୍ଥ କଂଗ୍ରେସର ବୋଲି ସ୍ପଷ୍ଟ ଭାବେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି। ଝାଡ଼ଖଣ୍ଡ କଂଗ୍ରେସ କହୁଛି, ମିଳିଥିବା ବିପୁଳ ପରିମାଣର ନଗଦ ଅର୍ଥ ସହ ଭାଜପା ନେତାଙ୍କର ସମ୍ପର୍କ ରହିଛି।









